



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ◻ ଗୁରୁବାର ୨୦ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 November 2025
Vol.No. 36 ■ No.305 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ପୁଲିସ ଏସପିଙ୍କୁ ୮ଟି ଟାସ୍କ ଦେଲେ ମୁଖ୍ୟମନ୍ତ୍ରୀ

## ଚାପମୁକ୍ତ ହୋଇ ଅପରାଧୀଙ୍କୁ ଖୋଜ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଲୋକଙ୍କ ପ୍ରଶାସକ ହେବାପାଇଁ ଜିଲ୍ଲାପାଳମାନଙ୍କୁ ୯ଟି ଟାସ୍କ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜିଲ୍ଲା ପୁଲିସ ଏସପିମାନଙ୍କୁ ୮ଟି ଟାସ୍କ ଦେଇଛନ୍ତି। ସେବା ସହ ସୁରକ୍ଷା ଓ ସାହାଯ୍ୟ ଓଡ଼ିଶା ପୁଲିସର ମୁଖ୍ୟ କାର୍ଯ୍ୟ ହେଉ ଏବଂ କୌଣସି ପ୍ରକାରର ଚାପର ବଶବର୍ତ୍ତୀ ନହୋଇ ଅପରାଧ କ୍ଷେତ୍ରରେ ପ୍ରକୃତ ଦୋଷୀଙ୍କୁ ଖୋଜି ଦଣ୍ଡିତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଲୋକସେବା ଭବନର କନଭେନସନ ସେଂଟରଠାରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଜିଲ୍ଲାପାଳ ଓ ପୁଲିସ ଏସପି ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଏହି ସମ୍ମିଳନୀ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧ ନିୟନ୍ତ୍ରଣକୁ ତାଙ୍କ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସ୍ପଷ୍ଟ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାପାଳ ଓ ଏସପିମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି ଗୋଟିଏ ଟିମ୍ ଭାବରେ କାମ କରିବା ଉଚିତ୍ । ବିକାଶ ଓ ସୁରକ୍ଷା ଯେପରି ଏକାଠି ହୋଇପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ନିରୀହ ଜନସାଧାରଣ ଯେପରି ଅଯଥାରେ ହଇରାଣ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ । ପୁଲିସ ସାଧାରଣ ଲୋକଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁ । ସେବା ସହିତ ସୁରକ୍ଷା ଓ ସାହାଯ୍ୟ ହେଉଛି ଓଡ଼ିଶା ପୁଲିସର ମୁଖ୍ୟ କାର୍ଯ୍ୟ ହେଉ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ । ସମ୍ମିଳନୀର ଶେଷଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲା ପୁଲିସ ଏସପିମାନଙ୍କୁ ୮ଟି ଟାସ୍କ ପ୍ରଦାନ କରିଛନ୍ତି । ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ହେଲା, ଦଣ୍ଡବିଧାନ ହାର ବୃଦ୍ଧି ପାଇଁ ରଣନୀତି ପ୍ରସ୍ତୁତ କରିବା, ଥାନାକୁ ଆସୁଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରି ପଞ୍ଜିକୃତ କରିବା, ଏସପିମାନେ ନିୟମିତ ଥାନା ଗସ୍ତ କରିବା, ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରେନ୍ସ ରଖିବା ସହ ନିଜେ ସଚ୍ଚୋଟ ରହିବା, ଥାନା ସ୍ତରୀୟ ଅଧିକାରୀଙ୍କୁ ନୂଆ ଭାରତୀୟ ନ୍ୟାୟ ସଂହିତା ଆଦି ବିଷୟରେ ପ୍ରଶିକ୍ଷଣ ଦେବା ଏବଂ ଅପରାଧୀଙ୍କ ଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୬ ମସିହା ସୁଦ୍ଧା ଓଡ଼ିଶାକୁ ସଂପୂର୍ଣ୍ଣ ନକ୍ସଲ ମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ



ପୁଲିସକୁ ଟାର୍ଗେଟ୍ ଦେଇଛନ୍ତି। ଏହାସହିତ ରାଜ୍ୟରେ ବେଆଇନ ନିଶା କାରବାର, ଜମି ମାଫିଆ ଓ ଅର୍ଥନୈତିକ ଅପରାଧିକ କାରବାରକୁ ସଂପୂର୍ଣ୍ଣ ରୂପେ ଦମନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଦୁର୍ଘଟଣାପ୍ରବଣ ସ୍ଥାନରେ ଚେକିଙ୍ଗ୍ ଓ ପାଟ୍ରୋଲିଂ ବଢ଼ାଇବା ସହ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କୋଷ୍ଟାଲ ସିକ୍ୟୁରିଟି ସହିତ ସମନ୍ୱୟ ରଖି କାମ କରିବାକୁ ପରାମର୍ଶ ଦେଇଛନ୍ତି । ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ଓ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ▶▶ପୃଷ୍ଠା ୭

## ରାମେଶ୍ୱରଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ହେବ କୋଷ୍ଟାଲ ହାଇୱେ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): କୋଷ୍ଟାଲ ହାଇୱେ ପାଇଁ ରାସ୍ତା ଖୋଲିଛି । ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ରାମେଶ୍ୱର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ହେବ । ଏଥିପାଇଁ ୮ ହଜାର ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ସିସିଏର ଅନୁମତି ପେଣ୍ଡିଙ୍ଗ ଅଛି, ତାହା ଆପ୍ରୁଭ ହେବା ପରେ କାର୍ଯ୍ୟ ଆରମ୍ଭ ହେବ। କୋଷ୍ଟାଲ ହାଇୱେ ବିଳମ୍ବ ପାଇଁ ଗତ ସରକାର ଷଡଯନ୍ତ୍ର କରିଥିଲେ । କୋଷ୍ଟାଲ ହାଇୱେ ବିଳମ୍ବ ହେବା ପାଇଁ ପୂର୍ବ ସରକାର ଦାୟୀ । ଗତ ସରକାରଙ୍କ ଅମନଯୋଗିତା ଏବଂ ଷଡ଼ଯନ୍ତ୍ର ଯୋଗୁଁ କୋଷ୍ଟାଲ ହାଇୱେ କାମ ଆଗେଇ ପାରିନି । ପୂର୍ବ ସରକାର ସମୟରେ ବାରମ୍ବାର ଆଲାଇନମେଣ୍ଟ ପରିବର୍ତ୍ତନ କରାଯାଉଥିଲା । ଆଲାଇନମେଂଟ ସମସ୍ୟା ତିଆରି କରୁଥିଲେ । କୋଷ୍ଟାଲ ହାଇୱେ ପ୍ରକଳ୍ପ କରେଇ ନଦେବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁନାମ ନହେବା ପାଇଁ ଗତ ସରକାର ଉଦ୍ୟମ କରୁଥିଲେ।

## ବଙ୍ଗୋପସାଗରରେ ଆସୁଛି ଲଘୁଚାପ

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଶୀତ ଦିନେ ଲଘୁଚାପ ସମ୍ଭାବନା। ୨୨ ତାରିଖ ବେଳକୁ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ। ଲଘୁଚାପ ସୃଷ୍ଟି ସହ ପଶ୍ଚିମଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହେବ। ୨୪ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତ ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଗତିର ଦିଗ ବଜାୟ ରଖିବ ଅବପାତ। ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ସମ୍ଭାବନା ରହିଛି। ସେପଟେ ରାଜ୍ୟରେ ସାମାନ୍ୟ କମିଛି ଶୀତ ଲହରି। ଗତ କିଛି ଦିନ ହେବ ପ୍ରବଳ ଜାଡ଼ ହେଉଥିବା ବେଳେ ଗତକାଲିଠୁ ବଢିଛି ରାତି ତାପମାତ୍ରା। ଆଜିଠୁ ଥଣ୍ଡା ପ୍ରକୋପ ଆଉ ଟିକେ କମିପାରେ। ଆସନ୍ତା ୩ ଦିନ ଭିତରେ ତାପମାତ୍ରା ୨-୩ ଡିଗ୍ରୀ ସେଲସିୟସ୍ ଯାଏଁ ବୃଦ୍ଧି ପାଇବ। ତଥାପି ଆଭ୍ୟନ୍ତରୀଣ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଶୀତ ଅନୁଭୂତ ହେବ। ଗତ ୨୪ ଘଣ୍ଟାରେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିଲା। ସେହିପରି ରାଉରକେଲାରେ ସର୍ବାଧିକ ରହିଥିଲା କୁହୁଡ଼ିର ପ୍ରଭାବ।

## ଭିଜିଲାନ୍ସ ଜାଲରେ କେନ୍ଦୁଝର ଅବକାରୀ ଅଧୀକ୍ଷକ

କେନ୍ଦୁଝର, ୧୯/୧୧ (ନି.ପ୍ର): ଜଣେ ଲାଇସେନ୍ସ ପ୍ରାପ୍ତ ମଦ ଭେଣ୍ଡରଙ୍କଠାରୁ ନିଜ ଅଧସ୍ତନ କର୍ମଚାରୀଙ୍କ ମାଧ୍ୟମରେ ୪୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ। ତାଙ୍କ ସହିତ ଚମ୍ପୁଆ ଅବକାରୀ ଅଫିସର ଇନ୍‌ଚାର୍ଜ ତଥା ଏଏସ୍‌ଆଇ ବିଜୟ କୁମାର ମହାନ୍ତଙ୍କୁ ମଧ ଗିରିଫ କରିଛି ଭିଜିଲାନ୍ସ। ତାଙ୍କ ଜରିଆରେ ଲାଞ୍ଚ ନେଇଥିଲେ ଅବକାରୀ ଅଧୀକ୍ଷକ। ବିଜୟଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। କରଞ୍ଜିଆର ଲାଇସେନ୍ସ ପ୍ରାପ୍ତ ମଦ ଭେଣ୍ଡର ବିଧୁଭୂଷଣ ପତି କହିଛନ୍ତି, କେନ୍ଦୁଝର ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ମୋତେ ମାସିକ ୧୦ ହଜାର ଟଙ୍କା ଚାନ୍ଦା ଦେବାକୁ ବାରମ୍ବାର କହିଥିଲେ। ମୁଁ ତାଙ୍କୁ ମାସିକ ୩ ହଜାର ଟଙ୍କା ଦେଉଥିଲି। କିନ୍ତୁ ସେ ଫେରାଇ ଦେଇଥିଲେ। ତା' ସହିତ ୪ ମାସ ହେଲାଣି ପଇସା ଦେଇନ କହି ୪୦ ହଜାର ଟଙ୍କା ନେଇ ଚମ୍ପୁଆ ଅଫିସରେ ଥିବା ଏଏସ୍‌ଆଇ ବିଜୟ କୁମାର ମହାନ୍ତଙ୍କୁ ଦେବାକୁ କହିଥିଲେ। ମୁଁ ଏତେ ଟଙ୍କା ଦେଇ ପାରିବି ନାହିଁ ବୋଲି ତାଙ୍କୁ କହିଥିଲି। ▶▶ପୃଷ୍ଠା ୭

# ଚାଷୀଙ୍କ ଆକାଉଣ୍ଟକୁ ଆସିଲା ପିଏମ୍ କିଷାନ ଟଙ୍କା

## ତାମିଲନାଡୁରୁ ଡିବିଟି ମାଧ୍ୟମରେ ଟଙ୍କା ପଠାଇଲେ ମୋଦୀ




ନୂଆଦିଲ୍ଲୀ,୧୯/୧୧ : ଚାଷୀଙ୍କ ଆକାଉଣ୍ଟକୁ ଆସିଲା ପିଏମ୍ କିଷାନ ଟଙ୍କା । ତାମିଲନାଡୁ କୋଏମ୍ବାଟୁରରୁ ଡିବିଟି ମାଧ୍ୟମରେ ୨୧ ତମ କିସ୍ତି ଟଙ୍କା ପଠାଯାଇଛି। ଏହାଦ୍ୱାରା ଉପକୃତ ହୋଇଛନ୍ତି ୯ କୋଟିରୁ ଅଧିକ କୃଷକ । ପ୍ରତି କୃଷକଙ୍କ ବ୍ୟାଙ୍କ ଖାତାରେ ୨୦୦୦ ଟଙ୍କା ଲେଖାଏଁ ଜମା ହୋଇଛି । ୧୮ ହଜାର କୋଟିରୁ ଅଧିକ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯାଇଛି । ତାମିଲନାଡୁ କୋଏମ୍ବାଟୁରରେ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ଶିଖର ସମ୍ମିଳନ ଉଦଘାଟନ କରି ଦେଶର ଚାଷୀଙ୍କୁ ମୋଦି ଏହି ଭେଟି ଦେଇଛନ୍ତି । ପିଏମ୍ କିଷାନ ଟଙ୍କା ପାଇଁ ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକଙ୍କ ସହ ଆଲୋଚନା କରିଥିଲେ । ଏଥର ରାଜ୍ୟରେ ୩୪ ଲକ୍ଷ ୧୨ ହଜାର ଚାଷୀ ଡିବିଟି ଜରିଆରେ ଏହି ଟଙ୍କା ପାଇଛନ୍ତି । ପିଏମ୍ -କିଷାନ ଯୋଜନାରେ ପ୍ରତି କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ତିନିଟି କିସ୍ତିରେ ପ୍ରଦାନ କରାଯାଉଛି। ▶▶ପୃଷ୍ଠା ୭

## ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ପାଇଁ କ୍ଷତିପୂରଣ ରାଶି

ଭୁବନେଶ୍ୱର, ୧୯/୧୧ (ନି.ପ୍ର):ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ପାଇଁ କ୍ଷତିପୂରଣ ରାଶି । ଏସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ବର୍ତ୍ତମାନ ସାପ କାମୁଡାରେ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କା କ୍ଷତି ପୂରଣ ମିଳୁଛି । ଏହାକୁ ୧୦ ଲକ୍ଷକୁ ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ଲାଗି ଗୋଟିଏ କ୍ଷତିପୂରଣ ରାଶି ସାରା ଭାରତ ବର୍ଷରେ ଲାଗୁ ଅଛି । ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ରାଶି ବୃଦ୍ଧି କରିବା ପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଲେଖିଥିଲୁ । ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ମାମଲାକୁ ନେଇ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାସ୍ତା ଖୋଲିଛି।

## ହାଇକୋର୍ଟରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଶ୍ୱସ୍ତି: ନିର୍ବାଚନୀ ମୋକଦ୍ଦମା ଖାରଜ

କଟକ, ୧୯/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ଦାୟର ନିର୍ବାଚନୀ ମୋକଦ୍ଦମାକୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ସୁବାସ ମହାପାତ୍ରଙ୍କ ପକ୍ଷରୁ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନ ଫଳାଫଳକୁ ବିରୋଧ କରି ଦାୟର ମୂଳ ନିର୍ବାଚନୀ ମକଦ୍ଦମାକୁ ଖାରଜ କରିଛନ୍ତି। ନିର୍ବାଚନୀ ମକଦ୍ଦମାଟି ଅଯଥା, ଭିତ୍ତିହୀନ, ଅପପ୍ରଚାରମୂଳକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧)ରେ ରହିଥିବା



ଆବଶ୍ୟକତାକୁ ପୂରଣ କରୁନଥିବାରୁ ଏହାକୁ ଅଗ୍ରାହ୍ୟ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଗ୍ରହଣ କରି ମୂଳ ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରିଛନ୍ତି। ଫଳରେ ୨୦୨୪ରୁ ହାଇକୋର୍ଟରେ ବିଚାରାଧୀନ ଥିବା ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମୋକଦ୍ଦମାର ଅନ୍ତ ଘଟିଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୪ରେ ସମ୍ବଲପୁର ଆସନରୁ ସାଂସଦ ଭାବେ ଶ୍ରୀ ପ୍ରଧାନଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଡକ୍ଟର ମହାପାତ୍ର ଏହି ନିର୍ବାଚନୀ ମୋକଦ୍ଦମା ହାଇକୋର୍ଟରେ ଦାୟର କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଶ୍ରୀ ପ୍ରଧାନଙ୍କ ସତ୍ୟପାଠରେ ସଂପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ। ତାଙ୍କ ନାମାଙ୍କନ ତ୍ରୁଟିପୂର୍ଣ୍ଣ ଥିଲା। ତାଙ୍କ ବିରୋଧରେ ଅଫିସ ଅଫ୍ ପ୍ରଫିଟ ପଦରେ ରହିବା ନେଇ ମଧ୍ୟ ଅଭିଯୋଗ ରହିଛି। ହାଇକୋର୍ଟ ୨୦୨୪, ଅଗଷ୍ଟ ୨୩ରେ ପ୍ରାରମ୍ଭିକ ଶୁଣାଣି କରି ନିର୍ବାଚନୀ ମୋକଦ୍ଦମାର ପ୍ରତିପକ୍ଷ ଶ୍ରୀ ପ୍ରଧାନ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ପ୍ରଧାନଙ୍କ ତରଫରୁ ସିପିସିର ଅର୍ଡର ୬ ରୁଲ୍ ୧୬, ▶▶ପୃଷ୍ଠା ୭

## ଡିସେମ୍ବର ୨୫ରୁ ଖୋଲିବ ଧାନ ମଣ୍ଡି

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଡିସେମ୍ବର ୨୫ରୁ ଖୋଲିବ ଧାନ ମଣ୍ଡି । ସରକାର ଧାନ ନେବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ମିଲର ମାନଙ୍କୁ ଗୋଦାମ ଖାଲି କରିବା ପାଇଁ ଦାୟିତ୍ୱ ଦିଆଯାଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଧାନ ଚାଷ ହେଇଛି । ଯେଉଁମାନେ ପଞ୍ଜିକରଣ କରିଛନ୍ତି ସମସ୍ତଙ୍କ ଠାରୁ ଧାନ କିଣା ହେବ । ପ୍ରଥମ ଫେଜରେ ୩୮ଟି ମଡେଲ ମଣ୍ଡି କରିବା ପାଇଁ ଓବିସିସିକୁ ଟେଣ୍ଡର ଦିଆଯାଇଛି । ଏଥିପାଇଁ ୩୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଦ୍ୱିତୀୟ ଫେଜରେ ୬୨ ଟି ଏବଂ ୨ ବର୍ଷ ଭିତରେ ସରକାରରେ ୧୦୦ଟି ମଡେଲ ମଣ୍ଡି ପାଇଁ ଲକ୍ଷ୍ୟ ରଖାଯାଇଛି । ସେପଟେ ନିଗମ ବୋର୍ଡ ନେଇ ଚୂଡାନ୍ତ ହୋଇସାରିଛି ଚିଠା । ଦିଲ୍ଲୀରେ ନିଷ୍ପତି ପରେ ଖୁବଶୀଘ୍ର ଘୋଷଣା ହେବ ବୋଲି ସମବାୟ ମନ୍ତ୍ରୀ କହିଛନ୍ତି ।

## ଅନମୋଲକୁ ୧୧ ଦିନିଆ ଏନଆଇଏ ହେପାଜତକୁ ପଠାଇଲେ କୋର୍ଟ

ନୂଆଦିଲ୍ଲୀ,୧୯/୧୧ : ଆମେରିକାରୁ ପ୍ରତ୍ୟାର୍ପଣ ପରେ ଗିରଫ ହୋଇଥିବା ଗ୍ୟାଙ୍ଗଷ୍ଟର ଅନମୋଲ ବିଷ୍ଣୋଇକୁ ଏନଆଇଏ ସନ୍ଧ୍ୟା ପ୍ରାୟ ୫ଟାରେ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ହାଜର କରିଥିଲା। ଏହା ପରେ କୋର୍ଟ ତାକୁ ୧୧ ଦିନ ପାଇଁ NIA ହେପାଜତକୁ ପଠାଇ ଦେଇଛନ୍ତି। ଏଜେନ୍ସି ଅନମୋଲ ପାଇଁ ୧୫ ଦିନର ହେପାଜତ ମାଗିଥିଲା, କିନ୍ତୁ କୋର୍ଟ ୧୧ ଦିନର ଏନଆଇଏ ହେପାଜତ ମଞ୍ଜୁର କରିଛି।




ଏନଆଇଏର ଅଭିଯୋଗ ଅନୁଯାୟୀ, ଅନମୋଲ ଆତଙ୍କବାଦୀ ଏବଂ ଗ୍ୟାଙ୍ଗଷ୍ଟରମାନଙ୍କ ସହିତ ଜଡିତ ଏକ ବଡ଼ ଷଡ଼ଯନ୍ତ୍ରରେ ସାମିଲ ଥିଲା।

# ନୀତୀଶ କୁମାରଙ୍କ ଶପଥ ପାଠ ଉତ୍ସବରେ ଯୋଗଦେବେ ମୋଦି-ମୋହନ

ନୂଆଦିଲ୍ଲୀ,୧୯/୧୧ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ବିଧିବଦ୍ଧ ଭାବେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ବା ଏନଡିଏର ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ବିଜେପିର ସମ୍ରାଟ ଚୌଧୁରୀ ତାଙ୍କୁ ଏନଡିଏ ବିଧାୟକ ଦଳ ବୈଠକରେ ନେତା ଭାବେ ନିର୍ବାଚିତ କରିବାକୁ ପ୍ରସ୍ତାବ ରଖିଥିଲେ। ଏହାକୁ ସବୁ ବିଧାୟକ ଏକ ସ୍ୱରରେ ସମର୍ଥନ କରିଛନ୍ତି। ଆଜି ସେ ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହେବାରୁ ଆସନ୍ତାକାଲି ବିହାରର ୧୦ମଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ବିହାର ବିଧାନସଭାର କେନ୍ଦ୍ରୀୟ ହଲରେ ଅନୁଷ୍ଠିତ



ବୈଠକରେ ନୀତୀଶ କୁମାର ଏନଡିଏର ନବ ନିର୍ବାଚିତ ବିଧାୟକଙ୍କ ସହ ବୈଠକ କରିଥିଲେ। ବୈଠକରେ ନେତା ନିର୍ବାଚିତ ହେବା ପରେ ସେ ରାଜ୍ୟପାଳ ଆର୍ଫି ମହମ୍ମଦ ଖାନଙ୍କୁ ଭେଟି ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଏନଡିଏ ସମର୍ଥନରେ ସେ ରାଜ୍ୟରେ ନୂଆ ସରକାର ଗଠନ କରିବାକୁ ଚାହୁଁଥିବା ଦାବି ଜଣାଇଥିଲେ। ଏନଡିଏର ସମସ୍ତ ବିଧାୟକ ଓ ନେତାମାନେ ମିଳିତ ଭାବେ ନୀତୀଶ କୁମାରଙ୍କ ସମର୍ଥନରେ ଗୋଟିଏ ପ୍ରସ୍ତାବ ରାଜ୍ୟପାଳଙ୍କ ପାଖରେ ଦାଖଲ କରିଛନ୍ତି। ରାଜ୍ୟପାଳ ଆର୍ଫି ମହମ୍ମଦ ଖାନ ରାଜଭବନରେ ନୀତୀଶ କୁମାର ଓ ଅନ୍ୟ ଏନଡିଏ ହେଭିୱେଟଙ୍କ ସହ ବୈଠକ କରିବା ପରେ ସରକାର ଗଠନ କରିବାକୁ ଅନୁମତି ଦେଇଛନ୍ତି। ଆସନ୍ତାକାଲି ପାଟନାର ଗାନ୍ଧି ମୈଦାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ତାଙ୍କ ସହ ଦୁଇ ବିଜେପି ନେତେ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ପୁଣି ରାଜ୍ୟରେ ଉପ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ନୀତୀଶ କୁମାରଙ୍କ ରେକର୍ଡ ଶପଥ ପାଠ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରମୁଖ ଯୋଗଦେବେ। ▶▶ପୃଷ୍ଠା ୭

## ଆନ୍ଧ୍ର-ଓଡ଼ିଶା ଇନଚାର୍ଜ ସମେତ ଆଉ ୭ ନକ୍ସଲ ସଫା: ବନ୍ଧା ହେଲେ ୫୦

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଭୁଶୁଡ଼ିବାରେ ଲାଗିଛି ଲାଲଗଡ଼। ଜଣଙ୍କ ପରେ ଜଣେ ଶୀର୍ଷ ନକ୍ସଲ ନେତା ଏବେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିବାରେ ଲାଗିଛନ୍ତି। ୨୪ ଘଣ୍ଟା ତଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଥିଲା କୁଖ୍ୟାତ ମାଓବାଦୀ ନେତା ମାଡଭୀ ହିଡମା। ଏହାର ଦିନକ ପରେ ପୁଣି ସୁରକ୍ଷାକର୍ମୀଙ୍କୁ ମିଳିଛି ସଫଳତା। ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ମାଡ଼ି ଚାଲିଥିବା ସୁରକ୍ଷାକର୍ମୀଙ୍କ ଗୁଳିରେ ଆଜି ଆଉ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ଆନ୍ଧ୍ର ପ୍ରଦେଶ-ଓଡ଼ିଶା ଇନଚାର୍ଜ ତଥା ଦୁର୍ଦ୍ଧର୍ଷ ଶଙ୍କର। ଆନ୍ଧ୍ରପ୍ରଦେଶର ମାରେଡୁମିଲ୍ଲିରେ ଆଜି ସକାଳେ ହୋଇଥିବା ଏନକାଉଣ୍ଟରେ ସୁରକ୍ଷାକର୍ମୀଙ୍କୁ ଏଭଳି ସଫଳତା ମିଳିଛି। ସେହିପରି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ ମଧ୍ୟ କରାଯାଇଛି। ପୁଲିସ୍ କହିଛି ଯେ ମୃତ ୭ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ସେହିପରି ଜଣେ ନିହତ ମାଓବାଦୀ ହେଲା ମେତୁରି ଜୋଖା ରାଓ ଓରଫ ଶଙ୍କର। ▶▶ପୃଷ୍ଠା ୭

# କାର ଏବଂ କାର ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ

ବେତନଟୀ,୧୯/୧୧ (ନି.ପ୍ର): ଟାଟାନଗରରୁ ଚେନ୍ନାଇ ଅଭିମୁଖେ ଯାଉଥିବା ଲୁ ହାବଣ୍ଡଲ ବୋଝେଇ ଟ୍ରଲର ୧୮ନଂ ଜାତୀୟରାଜପଥ ବେତନଟୀ ସତସଙ୍ଗବିହାର ଠାରେ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଦୀର୍ଘ ୫ଘଣ୍ଟାର ଉଦ୍ୟମ ପରେ ଶେଷରେ ଦୁର୍ଘଟଣାଗ୍ରସ୍ତ ଟ୍ରଲରକୁ ଉଦ୍ଧାର କରିବାରେ ସଫଳ ହୋଇଛି ବେତନଟୀ ପୁଲିସ । ସୂଚନା ମୁତାବକ ଗଗନଗରରୁ ଚେନ୍ନାଇ ଲୁହାବଣ୍ଡଲ ବୋଝେଇକରି ଏନଏଲ -୦୧ଏଏଫ- ୫୨୭୯ ନମ୍ବର ବିଶିଷ୍ଟ ଟ୍ରଲର ଯାଉଥିବା ବେଳେ ମଙ୍ଗଳବାର ସକାଳେ ସକାଳେ ବେତନଟୀ ଓଭରବ୍ରିଜରୁ ଓହ୍ଲାଇବା ସମୟରେ ସତସଙ୍ଗବିହାର ଠାରେ ଡାଇଭର୍ସନ ଅତିକ୍ରମ କରିବାକୁ ଏକ କାର ହଠାତ୍ ରାସ୍ତା ଉପରକୁ ଆସିଯାଇଥିଲା। କାର ଏବଂ କାରଚାଳକଙ୍କୁ ବଞ୍ଚାଇବାକୁ ଯାଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତେବେ ରାସ୍ତାତଳକୁ ପଶିଯିବା ସମୟରେ ଏକ ଗ୍ୟାରେଜକୁ ଅଂଶିକ କ୍ଷତିଗ୍ରସ୍ତ କରିଥିଲା । ଗ୍ୟାରେଜରେ ଥିବା ମେକାନିକ ଓ କର୍ମଚରୀମାନେ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ବେତନଟୀ ପୁଲିସ ଏବଂ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଦୁଇଟି ହାଇଡ୍ରା ଏବଂ ଗୋଟିଏ କ୍ରେନ ସହାୟତାରେ ଦୀର୍ଘ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟର ଉଦ୍ୟମ ପରେ ଶେଷରେ ଅପରାହ୍ନ ୪ଟା ପାଖାପାଖିରେ ଦୁର୍ଘଟଣାଗ୍ରସ୍ତ ଟ୍ରଲରକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଉଦ୍ଧାରକାର୍ଯ୍ୟ ସମୟରେ ୧୮ନଂ ଜାତୀୟରାଜପଥର ଗୋଟିଏ ପାର୍ଶ୍ୱରେ ସ୍ୱାଭାବିକ ଯାତାୟାତ ପ୍ରଭାବିତ ହୋଇଥିଲା।

# ପୁରୀ ଜିଲ୍ଲା ସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

ପୁରୀ,୧୯/୧୧ (ନି.ପ୍ର): ଟାଉନ ହଲ ପରିସରରେ ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅର୍ଥନୀତି ସୁଦୃଢୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି। କୃଷକ ମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୂର୍ବରୁ ବ୍ୟବସାୟୀ ମାନେ କମ ଦାମରେ ଚାଷୀ ମାନଙ୍କ ଠାରୁ ସେମାନଙ୍କ ଉତ୍ପାଦକ ନେଇ ଯାଉଥିଲେ, କିନ୍ତୁ ବର୍ତମାନ ସମୟରେ ଚାଷୀ ମାନଙ୍କୁ ସେମାନଙ୍କ ଉତ୍ପାଦକର ସଠିକ୍ ମୂଲ୍ୟ ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ପ୍ରଦାନ କରାଯାଉଛି ଯାହା ସେମାନଙ୍କ ହକ ବୋଲି ଶ୍ରୀ ବେହେରା କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମବାୟ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡି ଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା, ପାକ୍ସ କୃଷକ ମାନଙ୍କୁ ସହଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ। ପୁରୀ ନିମାପଡା ସମ୍ମିଳିତ ବ୍ୟାଙ୍କ ର ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧି ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଡିଆରସିଏସ ସୁନୀତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାବାର୍ଡର ଡିଡିଏମ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟର ଯୋଗଦାନ, କୃଷକ, ପାକ୍ସ ମାନଙ୍କର ସମସ୍ୟା, ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଚାଳକ ଶ୍ୟାମ ପ୍ରକାଶ ସେନାପତି ମଂଚ ପରିଚାଳନା କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବ୍ୟବସାୟ ପ୍ରଶାସନ ବିଭାଗର ବ୍ୟକ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବାରିପଦା ,୧୯/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବ୍ୟବସାୟ ପ୍ରଶାସନ ବିଭାଗ ଦ୍ୱାରା ଆୟୋଜିତ ଏକ ପଞ୍ଚ ଦିବସୀୟ ବ୍ୟକ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । 'ବ୍ୟବସାୟ ପରିଚାଳନା ଦକ୍ଷତା' ଶୀର୍ଷକ ଏହି ବ୍ୟକ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବକୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ଆଜିର ଗତିଶୀଳ ଯୁଗରେ ବ୍ୟବସାୟ ପ୍ରଶାସନରେ କେବଳ ଶ୍ରେଣୀଶିକ୍ଷା ନୁହେଁ ବରଂ ବ୍ୟବହାରିକ ଦକ୍ଷତାର ଯଥେଷ୍ଟ ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଶିଳ୍ପ-ଶିକ୍ଷା ସହଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଭାବେ ଟ୍ରାଇଡେଣ୍ଟ ଏକାଡେମୀର ପ୍ରଫେସର ପ୍ରଭାତ କୁମାର ମହାନ୍ତି ଯୋଗଦେଇ ନିଜ ଅଭିଭାଷଣରେ ପ୍ରଯୁକ୍ତିବିଦ୍ୟା ଏବଂ ନୈତିକ ଶାସନର ସମନ୍ୱିତକରଣ ଉପରେ ଜୋର ଦେଇଥିଲେ । ଭାଇଜାକ୍ ଷ୍ଟିଲ୍‌ର ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡ. କିଶୋର ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନରେ ବିଭିନ୍ନ କୌଶଳର ପ୍ରୟୋଗ କିପରି ଦିନକୁ ଦିନ ବଦଳିବାରେ ଲାଗିଛି ଏବଂ ନିଯୁକ୍ତିଦାତାମାନେ ଆଶାୟୀ ପ୍ରାର୍ଥୀଙ୍କ ନିକଟରେ କେଉଁ ସବୁ ଗୁଣର ସନ୍ଧାନ କରୁଛନ୍ତି ସେ ବିଷୟରେ ଏକ ସାରଗର୍ଭକ ଅଭିଭାଷଣ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ପି.ଏମ୍ ଉଷା ଯୋଜନାର ସଫଳ ରୂପାୟନରେ ସହାୟକ ହେବ ବୋଲି କହିଥିଲେ । ବିଭାଗୀୟ ସଂଯୋଜକ ତଥା ଆବାହକ ପ୍ରଫେସର ସୁକାନ୍ତ କୁମାର ନାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ବିଭାଗୀୟ ସହକାରୀ ପ୍ରଫେସର ଡ. ସୀତାରାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ବିବେକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏନ୍ଏମ୍ଆଇଟି ବିଜିନେସ୍ ସ୍କୁଲ୍‌ର ପ୍ରଫେସର ସୁଦୀପ ଘୋଷ, ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପ୍ଟେନ ସଞ୍ଜୀବ ମହାପାତ୍ର, ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍.କେ. ଦିଗଲ, ଏନ୍ଆଇଟି ରାଉରକେଲାର ପ୍ରଫେସର ଚନ୍ଦନ କୁମାର ସାହୁ, ଫାଷ୍ଟଟ୍ରାକ୍ କନ୍ସଲ୍‌ଟାଣ୍ଟ୍‌ର ନିର୍ଦ୍ଦେଶକ ପି. କେ. ପାରିମାଣିକ, କର୍ପୋରେଟ୍ ପ୍ରଶିକ୍ଷକ ସି.ଏମ୍.ଏ. ପି.କେ. ସାହୁ, ଗୋଲାପ ଗ୍ରୁପ୍ ଅଫ୍ ଏଜୁକେସନର ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାସ, ଅରମାସ ମୟୂରଭଞ୍ଜର ଡେପୁଟି ସିଇଓ ମିସ୍ ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ଓଷ୍ଟା ପକ୍ଷରୁ କାରାବରଣ ଦିବସ ପାଳନ

ଧର୍ମଶାଳା,୧୯/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଆମ ପାଠାଗାର ସଭାଗୃହରେ ଜିଲା ଓଷ୍ଟା ପକ୍ଷରୁ କାରାବରଣ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଆନ୍ଦୋଳନରେ ୧୧ ଜଣ ଶିକ୍ଷକ ୨୧ଦିନ କାରାବରଣ କରିଥିଲେ। ସେ ଦିବସକୁ କାରାବରଣ ଦିବସ ରୂପେ ପାଳନ କରାଯାଉଛି। ଏହି ଉତ୍ସବରେ ଓଷ୍ଟାର ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସଂପାଦକ ନିର୍ମଳ କୁମାର ଜେନା, ଜିଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ଯୁଗ୍ମ ସଂପାଦକ ରାଜକିଶୋର ପରିଡା ପୂର୍ବତନ ଓଷ୍ଟା କାର୍ଯ୍ୟକର୍ତା ରଘୁନାଥ ବେହେରା, ନୃସିଂହ ଚରଣ ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ବିଷ୍ଣୁଚରଣ ସାହୁ, କୋରାଇ ବ୍ଲକ ଓଷ୍ଟା ସମ୍ପାଦକ ସରୋଜ କୁମାର ରାଉତ, ଧର୍ମଶାଳା ବ୍ଲକ ଓଷ୍ଟା ପୂର୍ବତନ ସଭାପତି ସୁଦାମ ପଣ୍ଡା, ସଭାପତି ସୁଜାତା ମହାପାତ୍ର, ସଂପାଦକ ସଂଜୟ କୁମାର ସାହୁ, ବରୀ ବ୍ଲକ ଓଷ୍ଟା ସଂପାଦକ ଦିବ୍ୟଲୋଚନ ମହାପାତ୍ର, ସୁକିନ୍ଦା ବ୍ଲକ ଓଷ୍ଟା ସମ୍ପାଦକ ଅମୂଲ୍ୟ କୁମାର ନାୟକ, ରସୁଲପୁର ବ୍ଲକ ଓଷ୍ଟା ସଂପାଦକ ପ୍ରଭାତ କୁମାର ନନ୍ଦ, ଯାଜପୁର ବ୍ଲକ ଓଷ୍ଟା ସମ୍ପାଦକ ଉପେନ୍ଦ୍ର କୁମାର ବେହେରା ଓ ସୁକିନ୍ଦା ବ୍ଲକ ଓଷ୍ଟା ସଭାପତି ଶ୍ରୀପତି ବାରିକ ପ୍ରମୁଖ ଯୋଗଦେଇ କାରାବରଣ କରିଥିବା ଶିକ୍ଷକମାନଙ୍କର ତ୍ୟାଗ ଓ ନିଷ୍ଠାର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଦୀର୍ଘ ଅଠର ବର୍ଷ ହେବ ଉକ୍ତ ଦିବସ ପାଳନ କରାଯାଉଥିବା ସଂପାଦକ ପବିତ୍ର କୁମାର ପଣ୍ଡା କହିଥିଲେ। କାରାବରଣ କରିଥିବା ଶିକ୍ଷକ ଇନ୍ଦ୍ରମଣି ବାରିକ, ପ୍ରସନ୍ନ କୁମାର ପୃଷ୍ଟି, ପବିତ୍ର ମୋହନ ଦାଶ, ଧର୍ମେନ୍ଦ୍ର କୁମାର ଦାସ, ପୂର୍ବତନ ଜିଲା ଓଷ୍ଟା ସଂପାଦକ ବିଷ୍ଣୁ ଚରଣ ସାହୁ, ପୂର୍ବତନ ଜିଲା ଓଷ୍ଟା ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ପୀତାମ୍ବର ସ୍ୱାଇଁ, ସରୋଜ କୁମାର ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାରାବରଣ କରିଥିବା ପରଲୋକଗତ ତିନିଜଣ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ, ପ୍ରଶାନ୍ତ କୁମାର ସାମଲ, ପୂର୍ବତନ ଜିଲା ଓଷ୍ଟା ସଭାପତି ହରେକୃଷ୍ଣ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ରଶ୍ମିରଂଜନ ସାମଲ, ଶିକ୍ଷକ ସଂଘର ରାଜ୍ୟ ସଂପାଦକ ସଦୀପ୍ତ କୁମାର ମହାନ୍ତି, ନୀରୋଜ କୁମାର ମହାନ୍ତି, ଡଃ ଅଜୟ କୁମାର ମହାପାତ୍ର, ଅଜୟ କୁମାର ପରିଡା, ଅଭିମନ୍ୟୁ ସ୍ୱାଇଁ, ଲିଙ୍ଗରାଜ ସାହୁ, ପବିତ୍ର ମୋହନ ଦାସ,ଅଶୋକ କୁମାର ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ଉଦୟନାଥ ନାୟକ, ଅମରେଶ ଜେନା, ବିଶ୍ୱନାଥ ସାହୁ, ଦୀପାଳି ମହାରଣା ଓ ମମତା ମିଶ୍ର କାରାବରଣ କରିଥିବା ଶିକ୍ଷକମାନଙ୍କ ତ୍ୟାଗ ଓ ନିଷ୍ଠା ପାଇଁ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ଉପକୃତ ହୋଇଥିବା କହିଥିଲେ। ଜିଲା ଓଷ୍ଟାର ଉପ ସଭାପତି ପ୍ରତାପ ଚନ୍ଦ୍ର ପହି ଧନ୍ୟବାଦ ଦେଇଥିଲେ।

# ଫଂଚୁଗୋଛିଆ ସରପଂଚ ଓ ସମର୍ଥକମାନେ ବିଜେପିରେ ସାମିଲ

କେନ୍ଦୁଝର,୧୯/୧୧ (ନି.ପ୍ର): ମଙ୍ଗଳବାର ଦିନ ହାଟଡିହି ବିଜେପି କାର୍ଯ୍ୟାଳୟ ରେ ଫଂଚୁଗୋଛିଆ ସରପଂଚ ଦିନେଶ କୁମାର ସେଠୀ ଓ ସମର୍ଥକ ମାନେ ବିଜେପି କାର୍ଯ୍ୟାଳୟ ରେ ଯୋଗ ପହଂଚି ଥିଲେ। ଯୁବ ସଶକ୍ତିକରଣ ପାଇଁ ସୌଭାଗ୍ୟ କୁମାର ସା, ସୁରେଶ ମହାନ୍ତି ବାପୁଜୀ ସା ଙ୍କ ଚେଷ୍ଟା ରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଆନନ୍ଦପୁର ବିଜେପି ନେତା ଆଲୋକ କୁମାର ସେଠୀ ଓ ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତ ସିଂହାର ସୁଶାନ୍ତ କୁମାର ଜେନା ଙ୍କ ଦ୍ୱାରା ମିଶ୍ରଣ ପର୍ବ ପାଳନ ହୋଇଥିଲା । ଏହି ମିଶ୍ରଣ ପରେ ବିଜୁ ଜନତା ଦଳର ଯୁବ ସରପଂଚ ଦିନେଶ କୁମାର ସେଠୀ ଅତୀତରେ ନବୀନ ପଟ୍ଟନାୟକ ଙ୍କ ଆର୍ଦଶ ରେ ଅନୁପ୍ରାଣିତ ହୋଇ ସରପଂଚ ପଦବୀ ପାଇଁ ଲଢି ବିଜୟୀ ହୋଇଥିଲେ। । ଏବେ ଜସ୍ୱଶି ପ୍ରଧାନମନ୍ତ୍ରୀ ମୋଦି ଙ୍କ କାର୍ଯ୍ୟ ଶୈଳୀ ଓ ମୁଖ୍ୟମନ୍ତ୍ରୀ ମାଝୀ ଙ୍କ ବିକାଶ କାର୍ଯ୍ୟ ପାଇଁ ପାଇଁ ଏବେ ଆଗକୁ ମିଶ୍ରଣ ପର୍ବ ରେ ଶହେ ରୁ ଅଧିକ ଲୋକ ବିଭିନ୍ନ ଦଳ ଛାଡ଼ି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି।

# ଗରୀବ ମେଧାବୀଛାତ୍ରକୁ ଡାକ୍ତରୀଶିକ୍ଷାପାଇଁ ସହାୟତାର ହାତ ବଢ଼ାଇଲା ଆରଟିଏଚଏସ ରାଧାକୃଷ୍ଣ ଚ୍ୟାରିଟେବଲ୍ ଟ୍ରଷ୍ଟ



ନୀଳଗିରି,୧୯/୧୧ (ନି.ପ୍ର): ନୀଳଗିରି ବାଲିଗୋହିରି ସ୍ଥିତ ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ନବଗଠିତ ଆର୍ ଟି ଏଚ ଏସ୍ ରାଧାକ୍ରିଷ୍ଣ ଚାରିଟେବୁଲ ଫାଉଣ୍ଡେସନ ଦ୍ୱାରା ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖନ୍ତାପଡ଼ାଥାନା ଅଧୀନସ୍ଥ ଚକଜଗନ୍ନାଥପୁର ଗ୍ରାମର ହରୀଶ ଚନ୍ଦ୍ର ପାତ୍ରଙ୍କ ପୁଅ ଶଶିକାନ୍ତ ପାତ୍ର ଜଣେ ମେଧାବୀଛାତ୍ର ଭାବେ ବେଶ ପରିଚିତ। ଶଶିକାନ୍ତ ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ ପ୍ରଥମବର୍ଷ ଅଧ୍ୟୟନ ପାଇଁ ଅର୍ଥାଭାବରୁ ଆଡ଼ମିଶନ ହୋଇ ପାରୁନଥିଲେ ।ଏହି ଖବର ପାଇବାପରେ ନାବାର୍ଡର ଡିଜିଏମ ତଥା ଆର୍ ଟି ଏଚ ଏସର ପୁରାତନ ଛାତ୍ର ତାପସ ରଂଜନ ପ୍ରଧାନ ତାଙ୍କ ଘରେ ଯାଇ ଭେଟିଥିଲେ ଓ ସହାୟତା ରାଶି ପ୍ରଦାନ କରିଥିଲେ । ଆର୍ ଟି ଏଚ ଏସ୍ ରାଧାକ୍ରିଷ୍ଣ ଚାରିଟେବୁଲ ଫାଉଣ୍ଡେସନ ଟ୍ରଷ୍ଟର ଚେୟାରମେନ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦବିହାରୀ ପଣ୍ଡା, ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ପଣ୍ଡା, ଶିକ୍ଷକ ଅଚିନ୍ତ୍ୟ କୁମାର ଦାସ , ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି , ସମସ୍ତ ସଦସ୍ୟ/ସଦସ୍ୟା ଓ ଗ୍ରାମବାସୀ ଙ୍କ ଉପସ୍ଥିତିରେ ମେଧାବୀଛାତ୍ର ଶଶିକାନ୍ତ ପାତ୍ରଙ୍କୁ ତାଙ୍କ ଖନ୍ତାପଡ଼ା ସ୍ଥିତ ବାସଭବନରେ ଦ୍ୱିତୀୟବର୍ଷର ଆଡ଼ମିଶନ ପାଇଁ ଅର୍ଥରାଶି ପ୍ରଦାନ କରିଥିଲେ । ଶଶିକାନ୍ତ ପାତ୍ର ତାଙ୍କ ପିତା ଓ ମାତାଙ୍କର ପଞ୍ଚମସନ୍ତାନ ତଥା ଏକ ମାତ୍ର ପୁତ୍ର। ଭବିଷ୍ୟତରେ ଡାକ୍ତର ନୀଳମାଧବ ରଥ ଓ ବିଦ୍ୟୁତ ଦାସଙ୍କ ଭଳି ଜଣେ ଭଲ ଡାକ୍ତର ହେବାସହିତ ଗରିବ ଲୋକମାନଙ୍କୁ ସହାୟତା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଥିଲେ। ଟ୍ରଷ୍ଟର ସଦସ୍ୟମାନେ ଆଗାମୀଦିନରେ ଶଶିକାନ୍ତ ପାତ୍ରଙ୍କର ସମସ୍ତ ପାଠପଢ଼ା ଖର୍ଚ୍ଚ ବହନକରିବା ସହ ଅସୁବିଧା ସମୟରେ ଯଥାସମ୍ଭବ ସାହାଯ୍ୟ କରିବେବୋଲି ତାଙ୍କ ପରିବାରକୁ ପ୍ରତିଶୃତି ଦେଇଛନ୍ତି।

# କେନ୍ଦ୍ର ଇସ୍ପାତ ଏବଂ ଭାରି ଶିଳ୍ପମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ

ରାଉରକେଲା,୧୯/୧୧ (ନି.ପ୍ର): ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ, ଶ୍ରୀ ଏଚ୍ ଡି କୁମାରସ୍ୱାମୀ ଏକ ୨ ଦିନିଆ ସେଲ୍, ରାଉରକେଲା ଇସ୍ପାତ ଇସ୍ପାତ କାରଖାନା (ଆର ଏସ ପି) ଗସ୍ତରେ ଆସି ନଭେମ୍ବର ୧୮ ତାରିଖ ଦିନ ରାଉରକେଲାରେ ପହଞ୍ଚିଛନ୍ତି। ତାଙ୍କ ସହିତ ସୁଶ୍ରୀ ଅନିଥା କୁମାରସ୍ୱାମୀ, ସେଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସି ଏମ ଡି) ଶ୍ରୀ ଅମରେନ୍ଦୁ ପ୍ରକାଶ ଏବଂ ଇସ୍ପାତ ମନ୍ତ୍ରଣାଳୟର ଅନ୍ୟ ବହୁ ଅଧିକାରୀମାନେ ଗସ୍ତରେ ସାମିଲ ଅଛନ୍ତି। ମାନ୍ୟବର କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ରାଉରକେଲା ବିମାନବନ୍ଦରରେ ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ମାନ୍ୟବର ରଘୁନାଥପାଲି ବିଧାୟକ ଶ୍ରୀ ଦୂର୍ଗା ଚରଣ ତନ୍ତି, ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ସିଆଇଏସଏଫ ର ଡିଆଇଜି ଶ୍ରୀ ରତନ କୁମାର, ରାଉରକେଲା ଏସପି ଶ୍ରୀ ନିତେଶ ୱାଧୱାନୀ, ଆରଏସପିର ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ଏବଂ ଓଡ଼ିଶା ସରକାର ଏବଂ ଆର ଏସ ପି ର ବହୁ ବରିଷ୍ଠ ଅଧିକାରୀ ହାର୍ଦ୍ଦିକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କ୍ରମରେ ବିମାନବନ୍ଦର ଠାରେ ଆରଏସପି ସିଆଇଏସଏଫ, ୟୁନିଟ୍ ଦ୍ୱାରା ମାନ୍ୟବର ମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଆଗମନ ପରେପରେ, ଶ୍ରୀ ଏଚ ଡ଼ି କୁମାରସ୍ୱାମୀ, ଶ୍ରୀ ଜୁଏଲ ଓରାମ, ଶ୍ରୀ ଦୂର୍ଗା ଚରଣ ତନ୍ତି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ କାରଖାନା ପରିଦର୍ଶନରେ ଯାଇଥିଲେ। କାରଖାନା ପରିଦର୍ଶନ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ମଡେଲ ରୁମରୁ ଆରମ୍ଭ ହୋଇଥିଲା। ସେଠାରେ ମାନ୍ୟବର ମନ୍ତ୍ରୀଙ୍କୁ ସମଗ୍ର କାରଖାନାର କାର୍ଯ୍ୟଧାରା ବିଷୟରେ ଅବଗତ କରାଯାଇଥିଲା।

ଏହାପରେ ମାନ୍ୟବର ମନ୍ତ୍ରୀମାନେ ଷ୍ଟିଲ ମେଲ୍ଟିଂ ସପ -୨ କୁ ପରିଦର୍ଶନରେ ଯାଇ ସେଠାରେ ଅତ୍ୟାଧୁନିକ କାଷ୍ଟର -୪ର ଉଦଘାଟନ କରିଥିଲେ। ଶ୍ରୀ କୁମାରସ୍ୱାମୀ କାଷ୍ଟର-୪ରେ ଅପରେସନ ଏବଂ ସ୍ଲାବ୍ କାଷ୍ଟିଂ ଅନୁଧ୍ୟାନ କରିବା ସହିତ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ଆରଏସପି ସାମୁହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପରିପ୍ରେକ୍ଷୀ ରେ ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଗତିଶୀଳ ନେତୃତ୍ୱରେ ଭାରତ ସରକାର ରାଉରକେଲା ଇସ୍ପାତ କାରଖାନାର ଅଭିବୃଦ୍ଧି ଏବଂ ବିକାଶ ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ପ୍ରତିବଦ୍ଧ।' ଶ୍ରୀ ଓରାମ ଆରଏସପି ସାମୁହିକଙ୍କ ଏଭଳି ପ୍ରୟାସର ଉଚ୍ଚ ପ୍ରଶଂସା କରିବା ସହିତ କାରଖାନା ସହ ଜଡିତ ତାଙ୍କର ସ୍ମୃତିକୁ ମନେ ପକାଇ ଇସ୍ପାତ କାରଖାନାର ପ୍ରଗତି ପାଇଁ ନିରନ୍ତର ସମର୍ଥନ ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ଅମରେନ୍ଦୁ ପ୍ରକାଶ ମଧ ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ ଏବଂ ଆରଏସପି ସମୁଦାୟିକଙ୍କୁ ସେମାନଙ୍କର ନିଷ୍ଠାପର ଓ ସମର୍ପିତ ପ୍ରୟାସ ପାଇଁ ପ୍ରଶଂସା କରିଥିଲେ।

ମାନ୍ୟବର ମନ୍ତ୍ରୀମାନେ ପେଲେଟ୍ ପ୍ଲାଣ୍ଟ ଏବଂ କୋକ୍ ଓଭେନ୍ ବ୍ୟାଟେରୀ-୭ର ପ୍ରକଳ୍ପ ମଧ ପରିଦର୍ଶନ କରିଥିଲେ। କାରଖାନା ପରିଦର୍ଶନ ହଟ୍ ଷ୍ଟ୍ରିପ୍ ମିଲ୍-୨ରେ ଶେଷ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ତାଙ୍କୁ ୟୁନିଟ୍ ର କାର୍ଯ୍ୟଧାରା, ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ସୂଚିତ କରାଯାଇଥିଲା।

ଏହି ଗସ୍ତ ସମୟରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିକାଶ ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବି.କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ.ପି. ସିଂହ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲଚୌଧୁରୀ, ଉପସ୍ଥିତ ଥିଲେ।




# ବଦଳିଲେ ଧର୍ମଶାଳା ଥାନା ଅଧିକାରୀ

ଧର୍ମଶାଳା,୧୯/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କ ପାଣିକୋଇଲି ହେଡକ୍ୱାଟରକୁ ବଦଳି ହାଇଥିବା ଜଣାପଡିଛି। ଜଣେ ଶାନ୍ତ ସରଳ ଲୋକଭାବେ ଜଣାଶୁଣା ଥାନା ଅଧିକାରୀ ରଂଜନ କୁମର ମାଝି ଧର୍ମଶାଳା ଥାନାରେ ଏକ ବର୍ଷ କାଳ ରହି ବିଭିନ୍ନ ଘଟଣାରେ ବିବାଦୀୟ ହୋଇପଡିଥିଲେ। ଜବତ ହୋଇ ଥାନା ପରିସରରେ ରହିଥିବା ବାଲି ବୋଝେଇ ଗାଡିକୁ ଦୁର୍ବୃତମାନେ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରି ଛଡାଇ ନେବା ଘଟଣାରେ ଅଭିଯୋଗ ପରେ ଚୁପହୋଇ ବସି ରହିବା ଏବଂ ଏହି ଥାନା ଅଧିନ ବିଭିନ୍ନ ଗ୍ରାମରେ ବାରମ୍ବାର ଚୋରି ହେଉଥିଲେ ମଧ ଏଥିରେ ରୋକ ଲଗାଇବାରେ ସେ ସମ୍ପୁର୍ଣ୍ଣ ବିଫଳ ହୋଇଥିଲେ। ତାଙ୍କର ଅପାରଗତା ପାଇଁ ଧର୍ମଶାଳା ଅଂଚଳରେ ଚୋରି ବନ୍ଦ ହେବା ପରିବର୍ତେ ବଢିବଢି ଚାଲି ଥିଲା। ଫଳରେ ଯାଜପୁର ଏସପି ୟସପ୍ରତାପ ସାମଲ ତାଙ୍କୁ ପାଣିକୋଇଲିସ୍ଥିତ ପୁଲିସ ହେଡକ୍ୱାଟରକୁ ବଦଳି କରିଥିବା ଜଣାପଡିଛି। ଏବେ ଥାନା ଅଧିକାରୀ ଦାୟିତ୍ୱରେ ଏସ୍ଆଇ ରମାକାନ୍ତ ନାୟକ ରହିଥିବା ଜଣାଯାଇଛି। ଏହି ଥାନାରେ କେବେ ନୂତନ ଥାନା ଅଧିକାରୀଙ୍କ ନିଯୁକ୍ତି ଦିଆଯିବ ତାହା ପରବର୍ତୀ ସମୟରେ ଜଣା ପଡିବ। ତେବେ ଧର୍ମଶାଳା ଥାନା ଅଂଚଳ ଏକ ସମ୍ବେଦନଶୀଳ ଅଂଚଳ ହୋଇଥିବାବେଳେ ଏଠାରେ ଜଣେ ଅଭିଜ୍ଞତା ସମ୍ପନ୍ନ ପୁଲିସ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଅଂଚଳବାସୀ ଦାବି କରିଛନ୍ତି।

# ବ୍ରିଟିଶ ଅମଳର ପୋଲର ସୁରକ୍ଷା ଦାବିରେ ରାସ୍ତାରୋକ

ଜୟପୁର,୧୯/୧୧ (ନି.ପ୍ର): ବ୍ରିଟିଶ ଅମଳର ପୋଲର ସୁରକ୍ଷା ଦାବିରେ ରାସ୍ତାରୋକ । ଜୟପୁର ନିକଟସ୍ଥ ପାତ୍ରପୁଟ ନିକଟରେ କୋଲାବ ନଦୀ ଉପରେ ବ୍ରିଟିଶ ଅମଳର ଏକ ଲୁହା ପୋଲ ରହିଛି। ଏହା ୧୯୩୧ ମସିହାରେ ନିର୍ମାଣ ହୋଇଥିଲା । ଜାତୀୟ ରାଜପଥ ନମ୍ବର ୩୨୬ ଉପରେ ଏହା ରହିଛି । ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ଜାତୀୟ ରାଜପଥ ଦେଇ ଯିବାକୁ ହେଲେ ଏହା ଯୋଗାଯୋଗର ଏକମାତ୍ର ମାଧ୍ୟମ । ତେବେ ୯୪ ବର୍ଷର ଏହି ପୋଲ ଦୁର୍ବଳ ହୋଇ ପଡିଲାଣି। ବଡ ବଡ ଭାରି ଯାନ ଚଳାଚଳ ପୋଲ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ଏହି ଐତିହାସିକ ପୋଲର ସୁରକ୍ଷା ସହ ନୂଆ ପୋଲ ନିର୍ମାଣ ପାଇଁ ନିଷ୍ପତି ହୋଇଥିଲେ ବି ପ୍ରଶାସନିକ ଅବହେଳା ଯୋଗୁଁ ଏହାର ନିର୍ମାଣ କାମ ଆରମ୍ଭ ହୋଇ ପାରିନାହିଁ। ତେଣୁ ଏହାର ପ୍ରତିବାଦରେ କୋଲାବ ବ୍ରିଜ୍ ସୁରକ୍ଷା ମଂଚ ଆନ୍ଦୋଳନକୁ ଓହ୍ଲାଇବା ସହ ୫ ଘଂଟା ପାଇଁ ଲୁହା ପୋଲ ନିକଟରେ ରାସ୍ତା ରୋକ କରିଛି । ଫଳରେ ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ଘଟଣାସ୍ଥଳରେ ବୈପାରୀଗୁଡା ତହସିଲଦାର, ପୋଲିସ ସମେତ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ମାଝୀ ପହଂଚି ଆଲୋଚନା ପରେ ରାଜପଥରୁ ଓହରିଛନ୍ତି ଆନ୍ଦୋଳନକାରୀ ।

## ଧାରାବାହିକ: ଭାଗ-୨୨

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



**ଡ. ଶ୍ରୀହରି ପଣ୍ଡା**



ଜରାସନ୍ଧ ଶ୍ରୀକୃଷ୍ଣଙ୍କୁ ଦେଖି କ୍ରୋଧରେ ଭର୍ତ୍ସନା କରି କହିଲା, ଆରେ ତୋ ପରି ଗୋଟାଏ ବାଳକ ସହ ଯୁଦ୍ଧ କଲେ ଲୋକ ନିଶ୍ଚୟ ହସିବେ, ତୁ ତୋ କୌଶଳରେ ମୋର ଜାମାତା କଂସକୁ ବଧ କଲୁ ତୋତେ ମୁଁ କଦାପି ଜୀବିତ ରଖିବି ନାହିଁ । ଏହି ବଳରାମ ଟିକିଏ ବଳବାନ ଭଳି ଲାଗୁଛି ଏଣୁ ତାକୁ ବଧକରି ତୋ କଥାପରେ ବୁଝିବି । ଜରାସନ୍ଧର ଏପରି ଆସ୍ପର୍ଦ୍ଧା ପୂର୍ଣ୍ଣ ବାକ୍ୟ ଶୁଣି ଶ୍ରୀକୃଷ୍ଣ କହିଲେ, ରେ ତୁ ପ୍ରଳାପ ବନ୍ଦକର, ଯୁଦ୍ଧକ୍ଷେତ୍ରରେ ବୀରତ୍ୱ ଯୁଦ୍ଧ ଦ୍ୱାରା ପ୍ରମାଣିତ ହୁଏ ଆତ୍ମପ୍ରଶଂସାରେ ନୁହେଁ । ତୋର କାଳ ପୂରିବାରୁ ତୁ ବୋଧେ ପ୍ରଳାପ କରୁଛୁ । ଏପରି କଥା ଶୁଣି ଜରାସନ୍ଧ ଘୋର ଯୁଦ୍ଧରେ ପ୍ରବୃତ୍ତ ହେଲା । ଯୁଦ୍ଧର ବିଭୀଷିକା ମଧ୍ୟରେ ରାମକୃଷ୍ଣଙ୍କ ରଥ କିଛି ସମୟ ଅଦୃଶ୍ୟ ହୋଇଯିବାରୁ ଜରାସନ୍ଧ ଦେଖିବାକୁ ପାଇଲା ନାହିଁ କିନ୍ତୁ ତାର ସୈନ୍ୟମାନେ ଶରବିଦ୍ଧ ହୋଇ ମରୁଛନ୍ତି । ମଥୁରାବାସୀମାନେ ରାମକୃଷ୍ଣଙ୍କୁ ଦେଖିବାକୁ ନପାଇ କ୍ରନ୍ଦନ କରିବାକୁ ଲାଗିଲେ । ପ୍ରଭୁ ପୁନର୍ବାର ପ୍ରକଟ ହେବା ସହ ଅନେକ ସୈନିକ ବଧ କଲେ । ବଳରାମ ନିଜର ମୂଷଳ ସାହାଯ୍ୟରେ ଅନେକ ରଥୀଙ୍କୁ ରଥ ସହ ଚୂର୍ଣ୍ଣକଲେ । ରକ୍ତନଦୀ ପ୍ରବାହିତ ହୋଇ ଶବମାନଙ୍କୁ ବୋହିନେଲା । ଦେବତାଗଣ ଆନନ୍ଦିତ ହେଲେ । ସ୍ୱୟଂ ସୃଷ୍ଟି,ସ୍ଥିତି ଓ ବିଲୟର ଦେବତା ସହ ଜରାସନ୍ଧ କେତେ ସମୟ ବା ଯୁଦ୍ଧ କରନ୍ତା ? ନିଜର ସୈନ୍ୟବଳ କ୍ଷୟ ଦେଖି ତାର ମନୋବଳ ମଧ ଭାଙ୍ଗିଗଲା । ଚତୁର୍ଦ୍ଦିଗକୁ ଦେଖିଲା ତାର ନିଜର ଆଉ କେହି ନାହାନ୍ତି, ତାର ଦୁର୍ଜୟ ସୈନ୍ୟବାହିନୀ ସମୂଳେ ନାଶ ଯାଇଛନ୍ତି ଏବଂ ରାମକୃଷ୍ଣ ରଥାରୂଢ ହୋଇ ନଟ ପୁରୁଷ ଯାତ୍ରା ଶେଷରେ ମୃଦୁମୃଦୁ ହସୁଥିବା ଭଳି ତା ଆଡକୁ ଚାହିଁ ହସୁଛନ୍ତି । ଲଜ୍ଜାରେ ଜରାସନ୍ଧ ଯୂଥଭ୍ରଷ୍ଟ ହସ୍ତୀ ପରି ଇତସ୍ତତଃ ହେବାରୁ ବଳରାମ ନିଜ ରଥରୁ ଲମ୍ଫ ପ୍ରଦାନ କରି ତାର ସଜ୍ଜିତ ରଥକୁ ମୂଷଳ ଆଘାତରେ ବିଧ୍ୱସ୍ତ କରିଦେଲେ ଓ ବାମ ହସ୍ତରେ ତାର କେଶ ଧରି ଆଣି ବରୁଣ ପାଶରେ ବାନ୍ଧି ପକାଇଲେ । ସେଠାରେ ଶ୍ରୀକୃଷ୍ଣ ପହଞ୍ଚି ନିଜ ହସ୍ତରେ ଜରାସନ୍ଧର ବନ୍ଧନ ଖୋଲିଦେବା ସହ କହିଲେ, ଅଗ୍ରଜ ଭବିଷ୍ୟତରେ ଦେବକାର୍ଯ୍ୟ ନିମନ୍ତେ ଏଇଟା କିଛି କାଳ ବଞ୍ଚିଥାଉ । ବଳରାମ ଜରାକୁ ନିଜ ଜାନୁତଳେ ଗଳାଇ ଛାଡି ଦେବାରୁ ଜୀବନ ଘେନି ଜରା ପଳାୟନ କଲା । ମାତ୍ର ଘୋର ଦୁଃଖ ଓ ଲଜ୍ଜାର ସେ ଚଳିପାରିଲାନି, ସେ ଘୋର ଶପଥ ନେଲା ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି ରାମକୃଷ୍ଣଙ୍କ ସହ ଯାଦବବଂଶକୁ ସମୂଳେ ବିନାଶ କରିବ । ତାର ପଳାୟନ କରିଥିବା ବନ୍ଧୁମାନେ ସେଠାରେ ପହଞ୍ଚି ସାନ୍ତ୍ୱନା ଦେଇ କହିଲେ, ଯୁଦ୍ଧରେ ଜୟପରାଜୟ ଲାଗି ରହିଥାଏ । କର୍ମବିପାକ ହେତୁ ପ୍ରଥମେ ହାରିଥିଲେ ବି ଦ୍ୱିତୀୟ ଯୁଦ୍ଧରେ ନିଶ୍ଚିତ ଜୟଯୁକ୍ତ ହେବ । ରାମଗୋବିନ୍ଦ ଯୁଦ୍ଧରେ ଜୟଯୁକ୍ତ ହୋଇ ଦେବତାମାନଙ୍କର ପୁଷ୍ପ ବର୍ଷଣ ସହ ଦୁନ୍ଦୁଭି ବାଦ୍ୟ, ଶଙ୍ଖ, ଜୟଧ୍ୱନି ଏବଂ ସ୍ତୁତିପାଠ ମଧ୍ୟରେ ମଥୁରାରେ ପ୍ରବେଶ କଲେ । ପୁରବାସୀମାନେ ମଧ ତୋରଣ, ପୂର୍ଣ୍ଣକୁମ୍ଭ ସ୍ଥାପନ, ବନ୍ଦାପନା କରି ସେମାନଙ୍କୁ ସ୍ୱାଗତ ଜଣାଇଲେ । ଯୁଦ୍ଧରୁ ଆଣିଥିବା ସାମଗ୍ରୀକୁ ଦୁଇଭାଇ ଉଗ୍ରସେନଙ୍କୁ ଅର୍ପଣ କଲେ । ଉଗ୍ରସେନଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଗଲା, ସେ ରାମକୃଷ୍ଣଙ୍କୁ କୋଳାଗ୍ରତ କଲେ । ଏହିପରି ସପ୍ତଦଶବାର ଜରାସନ୍ଧ ଯୁଦ୍ଧର ଆୟୋଜନ କରି ବାରମ୍ବାର ହାରିବା ସତ୍ତ୍ୱେ ଅଷ୍ଟାଦଶବାର ଯୁଦ୍ଧର ଆୟୋଜନ କଲା । ଦେବର୍ଷି ନାରଦ ଚିନ୍ତାକଲେ ଏଥର ଦୁଷ୍ଟ କାଳଯବନକୁ ଯୁଦ୍ଧରେ ସାମିଲ କଲେ ତାର ଗର୍ବ ଖର୍ବ ହୁଅନ୍ତା ଓ ସେ ଧ୍ୱଂସପାଲେ ଧରା ଉଶ୍ୱାସ ହୁଅନ୍ତା । ମହର୍ଷି ଗର୍ଗାଚାର୍ଯ୍ୟଙ୍କ ତେଜରୁ ଜାତ ହୋଇଥିବା କାରଣରୁ କାଳଯବନ ଖୁବ ବଳଶାଳୀ ଥିଲା ଏବଂ ଜରାସନ୍ଧର ବନ୍ଧୁ ଓ ସମର୍ଥକ ଥିଲା । ଯୁଦ୍ଧରେ ତାର ସମକକ୍ଷ ବୀର କେହି ନଥିବାରୁ ଦେବର୍ଷି ଏହାକୁ ସୁଯୋଗ ମନେକରି ତା ନିକଟରେ ଉପସ୍ଥିତ ପୂର୍ବକ ଜରାସନ୍ଧଙ୍କୁ ସତରଥର ପରାସ୍ତ କରିଥିବା ରାମକୃଷ୍ଣ ତାର ସମକକ୍ଷ ଯୋଦ୍ଧା ବୋଲି ଜଣାଇ ତାକୁ ଯୁଦ୍ଧ ପାଇଁ ଉଚ୍ଚାଟ କଲେ । ଫଳରେ କାଳଯବନ ନିଜର ତିନିକୋଟି ମ୍ଳେଚ୍ଛ ସୈନିକ ସହ ମଥୁରା ଅବରୋଧ କଲା । ଶ୍ରୀକୃଷ୍ଣ ଚିନ୍ତାକଲେ ଏହା ସହିତ ଯୁଦ୍ଧକଲେ ଏହି ସୁଯୋଗରେ ଜରାସନ୍ଧ ମଧ ଆକ୍ରମଣ କରିପାରେ ଫଳରେ ମଥୁରାର ବହୁ ଧନଜୀବନ ନଷ୍ଟହେବ । ତେଣୁ ସେ ବରୁଣ ରାଜାଙ୍କୁ ଡାକି ସମୁଦ୍ର ତୀରରେ କିଛି ଭୂମି ଦେବାକୁ ଅନୁରୋଧ କରିବାରୁ ବରୁଣ ଦ୍ୱାଦଶ ଯୋଜନ ଭୂମି ଛାଡିଦେବାରୁ ତାହା ସହସା ଶୁଷ୍କ ହୋଇଗଲା । ପ୍ରଭୁ ବିଶ୍ୱକର୍ମାଙ୍କୁ ଡାକି ସେହି ଭୂମିରେ ସ୍ୱର୍ଗତୂଲ୍ୟ ସୁନ୍ଦର ଦ୍ୱାରକାପୁର ନିର୍ମାଣ କରିବାକୁ କହି ସେଥିରେ ଛତିଶ ପାଟକଙ୍କୁ ଥଇଥାନ କଲେ ଏବଂ ନିଜର ବାସସ୍ଥାନ କରିବାରୁ ତାହା ମର୍ତ୍ତ୍ୟ ବୈକୁଣ୍ଠ ଭଳି ପ୍ରତିଭାତ ହେଲା ।

### ୫୧ଶ ଅଧ୍ୟାୟ ( କାଳଯବନର କ୍ଷୟ ଓ ମୁଚୁକୁନ୍ଦ ରାଜା ଚରିତ)

ମହର୍ଷି ନାରଦଙ୍କ ପ୍ରରୋଚନାରେ କାଳଯବନ ନିଶ୍ଚିତ ଆସିବ ଜାଣି ଶ୍ରୀକୃଷ୍ଣ ମଥୁରା ନଯାଇ ଦ୍ୱାରକାରେ ରହିଗଲେ । କାଳଯବନ ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ କରି ଦ୍ୱାରକାର ମୁଖ୍ୟ ଦ୍ୱାରଦେଶରେ ଭେଟିଲା ଏବଂ ନାରଦ ବର୍ଣ୍ଣିତ ସୁନ୍ଦର, ସୁଠାମ, ପୀତବସ୍ତ୍ର ପରିହିତ, ଶ୍ରୀବତ୍ସଚିହ୍ନ ଶୋଭିତ ଶ୍ରୀକୃଷ୍ଣଙ୍କୁ ଜାଣିଲା । ଶ୍ରୀକୃଷ୍ଣଙ୍କ ହାତରେ କୌଣସି ଅସ୍ତ୍ରଶସ୍ତ୍ର ନଦେଖି ସେ ମଧ ବିଚାରିଲା ସେ ବି ବିନା ଅସ୍ତ୍ରରେ ମଲ୍ଲଯୁଦ୍ଧ କରିବ । ଭଗବାନ ତାର ମନୋଭାବ ଜାଣି ତା ସହିତ ଯୁଦ୍ଧ କରିବାକୁ ଆମନ୍ତ୍ରଣ ଦେଇ ତାର ଆଗେ ଆଗେ ପଳାୟନ କଲେ, ମଝିରେ ମଝିରେ ପଛକୁ ଚାହିଁ ଉତ୍ସାହିତ କରିବା ସହ ଆଗକୁ ବଢୁଥାନ୍ତି । ଭଗବାନ କ୍ରମେ ତାର ଦେଖାନ୍ତରରେ ଘୋର ବନ ମଧ୍ୟରେ ପ୍ରବେଶ କରି ଗୋଟିଏ ଗୁମ୍ଫାରେ ପ୍ରବେଶ କରି ଅନ୍ତର୍ଦ୍ଧାନ ହୋଇଗଲେ । କାଳଯବନ ଶ୍ରୀକୃଷ୍ଣଙ୍କୁ ଖୋଜି ଖୋଜି ଯାଇ ସେଠାରେ ପହଞ୍ଚି ଜଣେ ନିଦ୍ରିତ ପୁରୁଷକୁ ଦେଖି କ୍ରୋଧରେ ଶ୍ରୀକୃଷ୍ଣ ବିଚାରି ତା ଉପରେ ପ୍ରଚଣ୍ଡ ପଦ ପ୍ରହାର କରିବାରୁ ସେହି ନିଦ୍ରିତ ପୁରୁଷର ନିଦ୍ରାଭଙ୍ଗ ହେଲା ଏବଂ ସେ କ୍ରୋଧରେ ଚାହିଁବାରୁ କାଳଯବନ ତତ୍‌କ୍ଷଣାତ୍ ସେହିଠାରେ ହିଁ ଭସ୍ମରେ ପରିଣତ ହେଲା । ରାଜା ପରୀକ୍ଷିତ ଶ୍ରୀଶୁକଦେବଙ୍କୁ ଏହାର କାରଣ ପଚାରିବାରୁ ସେ କହିଲେ, ଇକ୍ଷ୍ୱାକୁ ବଂଶର ସମ୍ଭୂତ ରାଜା ମାନ୍ଧାତାଙ୍କର ପୁତ୍ର ମୁଚୁକୁନ୍ଦ ପରମ ଧାର୍ମିକ ବିପ୍ରପ୍ରିୟ, ମହାବୀର ଏକଦା ଦେବାସୁର ଯୁଦ୍ଧରେ ପରାଜିତ ଦେବତାମାନଙ୍କର ଅନୁରୋଧ କ୍ରମେ ତାଙ୍କୁ ଯୁଦ୍ଧରେ ସହାୟତା କରି ଅସୁରମାନଙ୍କୁ ସ୍ୱର୍ଗରୁ ବିତାଡିତ କରିଥିଲେ । ଏଥିରେ ଦେବତାଗଣ ପ୍ରସନ୍ନ ହୋଇ କହିଲେ, ରାଜା ତୁମେ ଦୀର୍ଘ କାଳ ଯୁଦ୍ଧକରି ଆମ୍ଭମାନଙ୍କୁ ଆମ୍ଭର ଅଧିକାର ପ୍ରଦାନ କରିଛ, ଏଣୁ ଆମେ ସମସ୍ତେ ପ୍ରସନ୍ନ । ଏହି ଦୀର୍ଘ ସମୟ ମଧ୍ୟରେ ମର୍ତ୍ତ୍ୟ ଲୋକରେ ତୁମର ପ୍ରିୟ ପରିବାର ଏବଂ ଜ୍ଞାତି ସମସ୍ତେ କାଳ ଦ୍ୱାରା କବଳିତ ହୋଇ ସାରିବେଣି ତେଣୁ ତୁମେ ମର୍ତ୍ତ୍ୟରେ ଏକାକୀ କଣ କରିବ ? ଆମେମାନେ ମୋକ୍ଷର ଅଧିକାରୀ ହୋଇନଥିବା କାରଣରୁ ମୋକ୍ଷ ବିନା ଯେଉଁ ବର ମାଗୁଛ ମାଗ । ରାଜା ମୁଚୁକୁନ୍ଦ କହିଲେ ଆପଣମାନଙ୍କ ପ୍ରସନ୍ନତା ହିଁ ଯଥେଷ୍ଟ, ମୁଁ ବହୁକାଳ ଯୁଦ୍ଧକରି କ୍ଲାନ୍ତ ହୋଇପଡିଛି । ମୋତେ ବିଶ୍ରାମ ଦରକାର, ଏଣୁ ମୋ ଅବାଧ ଶୟନର ବ୍ୟବସ୍ଥା କରି ଦିଅନ୍ତୁ । ଏହା ଶୁଣି ଦେବତା ମାନେ ଏହି ଦୁର୍ଗମ କାନନ ମଧ୍ୟସ୍ଥ ଗିରି ଗୁହାରେ ରମଣୀୟପୁର ରଚନା କରି ସୁକୋମଳ ଶଯ୍ୟାରେ ତାଙ୍କୁ ଶୟନ କରାଇଲେ ଓ ବରଦେଲେ ଯେ, ଦାନବ, ମାନବ ଆଦି ଯେ କେହି ତାଙ୍କର ନିଦ୍ରାଭଙ୍ଗ କରିବ ତାଙ୍କର ଦୃଷ୍ଟିପାତ ମାତ୍ରେ ସେ ଭସ୍ମ ହୋଇଯିବ । ଏହିକଥା ଶ୍ରୀକୃଷ୍ଣଙ୍କୁ ଜଣା ଥିଲା, ତେଣୁ କୌଶଳରେ କାଳଯବନକୁ ବଧ କଲେ । କାଳଯବନ ଦଗ୍ଧ ହେବାପରେ ମୁଚୁକୁନ୍ଦଙ୍କର ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଦୃଷ୍ଟି ପଡିଲା । ପ୍ରଭୁଙ୍କର ରୂପ ତେଜରେ ବନଭୂମି ଆଲୋକିତ ହେଉଥିଲା । ସେହି ପ୍ରଭୁଙ୍କର କୋଟି କନ୍ଦର୍ପ ଜିଣି ରୂପକୁ ଦର୍ଶନ କରି ମୁଚୁକୁନ୍ଦ ମଧ ଅପୂର୍ବ ଆନନ୍ଦ ଅନୁଭବ କରୁଥିଲେ ତେଣୁ ସେ ପଚାରିଲେ, ହେ ବିଶ୍ୱ ମୋହନ ! ତୁମେ କିଏ ? ଏହି ଘୋର ବନ ମଧ୍ୟରେ ତୁମର ଏହି ସୁନ୍ଦର ପାଦଦ୍ୱୟକୁ କଷ୍ଟ ଦେଉଛ କାହିଁକି ? ହେ ମୂର୍ତ୍ତିମାନ ତେଜୋପୁଞ୍ଜ ତୁମେ କଣ ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ର ବା ଅନ୍ୟ କେହି ଦିଗପାଳ ? ତୁମେ ତ ହରି, ହର, ବ୍ରହ୍ମାପରି ତେଜ ବିକିରଣ କରୁଛ, ତୁମେ କଣ ସକଳ ଅନ୍ଧକାରର ବିନାଶୀ, ଶାସ୍ୱତ, ଶୁଭ୍ର ଜ୍ୟୋତିର୍ମୟ ସ୍ୱୟଂ ପ୍ରଭୁ ନାରାୟଣ ? ଯଦି ମୁଁ ଆପଣଙ୍କ ପରିଚୟ ପାଇବାକୁ ଯୋଗ୍ୟ ତାହାଲେ ଦୟାପୂର୍ବକ ମୋତେ ପରିଚୟ ପ୍ରଦାନ କରନ୍ତୁ । ମୋର ପରିଚୟ ଜାଣିବାରେ ଯଦି ତୁମର ଅଭିରୁଚି ଥାଏ ତାହାଲେ ମୁଁ ଇକ୍ଷ୍ୱାକୁ ବଂଶ ଜାତ ରାଜା ମୁଚୁକୁନ୍ଦ, ବହୁ କାଳ ଦେବାସୁର ଯୁଦ୍ଧରେ କ୍ଲାନ୍ତ ହୋଇ ପଡିବାରୁ ଦେବତାମାନେ ଏହିଠାରେ ମୋ ନିଦ୍ରାର ବ୍ୟବସ୍ଥା କରିଥିଲେ । ଯେଉଁ ଅପରିଚିତ ବ୍ୟକ୍ତି ମୋର ନିଦ୍ରାଭଙ୍ଗ କଲା ସେ ଦେବତାଙ୍କ ବରପାଇଁ ଭସ୍ମ ହୋଇଗଲା । ଏବେ ତୁମର ଅପୂର୍ବ ତେଜ ମୋ ଚକ୍ଷୁ ଝଲସି ଯାଉଛି, ଦୟାକରି ତୁମର ପରିଚୟ ଦିଅ । ଭଗବାନ ଋଙ୍ଗାଧରରେ ସ୍ମିତ ହାସ ପ୍ରକାଶ କରି କହିଲେ, ହେ ପ୍ରିୟ ରାଜା, ମୋର ତ ସହସ୍ର ଜନ୍ମ, କର୍ମ ଓ ନାମ, ପୃଥିବୀର ଧୂଳିକଣା ପରି ଅଗଣନ । ତେବେ ମୁଁ ତୁମକୁ ଏହି ବର୍ତ୍ତମାନର ଜନ୍ମ, କର୍ମ,ନାମ ଆଦି କହୁଛି ଶୁଣ-ବ୍ରହ୍ମାଦି ଦେବଗଣ କ୍ଷୀରସମୁଦ୍ର ତଟକୁ ଯାଇ ପୃଥିବୀର ଭାରା ନିବାରଣ ନିମିତ୍ତ ମୋର ଅବତାର ଗ୍ରହଣ କରିବାକୁ ପ୍ରାର୍ଥନା କଲେ । ସେଥିପାଇଁ ମୁଁ ଦେବକୀ-ବସୁଦେବ ପୁତ୍ର ବାସୁଦେବ ରୂପେ ଜନ୍ମଗ୍ରହଣ କରି ଦୁଷ୍ଟ କଂସ ଓ ତାର ଅନୁଚରଙ୍କୁ ବଧ କଲି । ତୁମର ନିଦ୍ରାଭଙ୍ଗକାରୀ ଏହି ଦୁଷ୍ଟ କାଳଯବନକୁ ମଧ କୌଶଳରେ ତୁମର ଦୃଷ୍ଟିପଥକୁ ଆଣି ତାକୁ ବିନାଶ କଲି । ପୂର୍ବେ ତୁମେ ମୋର ଦର୍ଶନ ନିମିତ୍ତ ବହୁକାଳ ତପସ୍ୟା କରିଥିବାରୁ ମୁଁ ପ୍ରସନ୍ନ ହୋଇ ତୁମକୁ ଦର୍ଶନ ଦେଲି । ଏବେ ତୁମେ ଇଚ୍ଛାନୁସାର ବର ମାଗ । ମୁଚୁକୁନ୍ଦ ଅତ୍ୟନ୍ତ କୃତକୃତ୍ୟ ହୋଇ ପ୍ରଭୁଙ୍କର ଚରଣ ବନ୍ଦନା କଲେ । କହିଲେ ମୋର ଭାଗ୍ୟ ପାଇଁ ଆପଣଙ୍କ ଦର୍ଶନ ପାଇଲି, କେଉଁ ଭାଷାରେ ତୁମେ ସ୍ତୁତି କରିବି ? ଏହି କର୍ମଭୂମି ସଂସାରରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମକୁ ପାଇ ମଧ ତୁମରି ମାୟାରେ ତୁମକୁ ଭୁଲିଯାଏ । ଆପାତଃ ସୁଖଦାୟୀ, ସ୍ତ୍ରୀ, ପୁତ୍ର, ଧନ ବନ୍ଧନରେ ବାନ୍ଧିହୋଇ ନାନା ଦୁଃଖ, ଯାତନା ଭୋଗକରେ । ମୁଁ ତାର ଉଦାହରଣ ନଚେତ ସ୍ୱୟଂ ଭଗବାନଙ୍କୁ ସାକ୍ଷାତ କରି କାହିଁକି ଚିହ୍ନିବାରେ ବିଳମ୍ବ ହୋଇଥାନ୍ତା ? ଅତୀତରେ ମୁଁ ରାଜୋଜେଶ୍ୱର ଭାବେ ରାଜ୍ୟ, ସମ୍ପଦ, ଦାରା,ତନୟାଦି ବିଷୟ ଭୋଗ ମଧ୍ୟରେ ଜୀବନ ବିତାଇଛି, ଏବେ ତୁମର କାଳ ମୋର ପଶ୍ଚାତଧାବନ କରୁଛି କେତେବେଳେ ଗ୍ରାସ କରିବ ଏବଂ ମୋତେ ବାରମ୍ବାର ଜନ୍ମ-ମରଣ ଚକ୍ରରେ ପକାଉଥିବ । ଏ ସଂସାରରେ କିଏ ଏପରି ମୂର୍ଖ ଅଛି ଯିଏ ସ୍ୱୟଂ ମୋକ୍ଷଦାତାକୁ ସାମ୍ନାରେ ପାଇ ଅନ୍ୟ ବିଷୟ ପରିକଳ୍ପନା କରିବ ? ମୋର ଆଉ ଅଳୀକ ନଶ୍ୱର ଭୋଗର କାମନା ନାହିଁ ଏଣୁ ଦୟାକରି ମୋତେ ଜନ୍ମ-ମରଣ ଚକ୍ରରୁ ମୁକ୍ତକରି ଶ୍ରୀଚରଣାରବିନ୍ଦରେ ନିତ୍ୟ ସେବାର ସୌଭାଗ୍ୟ ପ୍ରଦାନ କରନ୍ତୁ । ରାଜାଙ୍କର ବିନୟବାକ୍ୟ ଶୁଣି ଭଗବାନ ମୃଦୁ ହସି କହିଲେ, ରାଜା ତୁମର ଚିତ୍ତ, ପବିତ୍ର ଓ ନିର୍ମଳ ହୋଇସାରିଛି । ନଶ୍ୱର ସୁଖ, ସୌଭାଗ୍ୟ ଲାଗି ପ୍ରଲୋଭନ ନାହିଁ ଯାହା ତୁମ୍ଭ କର୍ତ୍ତୃକ ସ୍ୱର୍ଗ ଉଦ୍ଧାରର ଫଳ । ମୋର ପ୍ରକୃତ ଭକ୍ତର ଲକ୍ଷଣ ଏହି, ସିଏ ମୋର ଭଜନ, କୀର୍ତ୍ତନରେ ପରମାମନ୍ଦକୁ ପ୍ରାପ୍ତ ହେଉଥାଏ ଯାହା ସଂଯମୀ ବ୍ରହ୍ମଚାରୀକୁ ମଧ ଦୁର୍ଲ୍ଲଭ । ମୁଁ ତୁମର ଅଭିଳାଷ ନିଶ୍ଚିତ ପୂର୍ଣ୍ଣ କରିବି । ତୁମେ ଏବେ ମୋ ଚରଣରେ ମନଧ୍ୟାନ ଅର୍ପଣ ପୂର୍ବକ ତୀର୍ଥାଟନ କର, ଫଳରେ ତୁମର ମୃଗୟାଜନିତ ପାପ କ୍ଷୟ ହେବ । ପର ଜନ୍ମରେ ବ୍ରାହ୍ମଣ ହୋଇ ଜନ୍ମହେବ ଏବଂ ସମସ୍ତ ପ୍ରାଣୀ ଜଗତର ପରମ ହିତୈଷୀ ଓ ମଙ୍ଗଳକାରୀ ହୋଇ ଅନ୍ତିମ କାଳରେ ବିଶୁଦ୍ଧ ପରମାତ୍ମା ସ୍ୱରୂପ ମୋତେ ପ୍ରାପ୍ତ ହେବ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗିଣ୍ଠ

# ନିନ୍ଦା ବି ନିୟତି ପ୍ରାୟୋଜିତ (କୈକେୟୀ)



**ଶ୍ୱେତା ରାଉତ୍**

ମାତା କୈକେୟୀଙ୍କ ନାମ ଶୁଣିଲେ ସମସ୍ତଙ୍କ ମନରେ ଏକ ସ୍ୱାର୍ଥପର ମାଆର ଛବି ଆସେ। ସମସ୍ତେ ଭାବିନିଅନ୍ତି ଏହି ନାରୀଟି ପାଇଁ ଆମ ପ୍ରଭୁ ଶ୍ରୀରାମଙ୍କୁ ବନବାସ ଯିବାକୁ ପଡ଼ିଲା। କିନ୍ତୁ ଘଟଣା ସଂପୂର୍ଣ୍ଣ ଭିନ୍ନ। ପ୍ରଭୁ ଶ୍ରୀରାମ ନିଜେ ହିଁ ମାତା କୈକେୟୀଙ୍କୁ ବାଛିଥିଲେ ତାଙ୍କର ବନବାସ ଲୀଳା ପାଇଁ, କାରଣ କୈକେୟୀ ଥିଲେ ପ୍ରଚଣ୍ଡ ସାହସୀ, ସ୍ନେହୀ, ପ୍ରବୀଣା ଓ ଧର୍ଯ୍ୟଶୀଳା। ତେଣୁ ପ୍ରଭୁ ଶ୍ରୀରାମ ଏକାନ୍ତରେ ମାତା କୈକେୟୀଙ୍କୁ କହିଲେ ‘ମାତା ମୁଁ ସାରା ଅବଧରେ ଦେଖିଲି, ତୁମ ଭଳି ଏତେ ନିବିଡ ଭଲପାଇବା ଆଉ କାହାଠୁ ଦେଖିନି, ତୁମ ମମତ୍ୱରେ ଏତେ ସାମର୍ଥ୍ୟ ଅଛି ଯେ ତୁମେ ହିଁ ମୋ ପାଇଁ କଷ୍ଟ ସହି ପାରିବ, ନିନ୍ଦା ସହି ପାରିବ, ପତି ବିୟୋଗ,ପୁତ୍ର ବିୟୋଗ ସହି ପାରିବ କାରଣ ତୁମେ ହୃଦୟରେ ବହୁତ ବାହାଦୁର (ଦେବାସୁର ସଂଗ୍ରାମ ସମୟରେ ଚକ୍ରବର୍ତ୍ତୀ ସମ୍ରାଟ ଦଶରଥଙ୍କ ସହ ଯୁଦ୍ଧକ୍ଷେତ୍ରକୁ ଯାଇଥିଲେ କୈକେୟୀ, ରାଜା ଦଶରଥଙ୍କ ରଥ ଚକର ଗୋଟି ବାହାରି ଯାଇଥିଲାବେଳେ କୈକେୟୀ ନିଜ ହାତର ଅଙ୍ଗୁଳିକୁ ଗୋଟି(ଖିଲ) କରି ରଥ ଦୌଡ଼ାଇଥିଲେ ପଛେ ଦଶରଥଙ୍କୁ ହାରିବାକୁ ଦେଇନଥିଲେ)। ଏକଥା ଶ୍ରୀରାମ ଜାଣିଥିଲେ ବାସ୍ତବରେ ମାତା କୈକେୟୀ କେତେ ବୀରାଙ୍ଗନା ଓ ସମର୍ଥା। ରାମଙ୍କ ଗୁହାରୀ ପରେ କୈକେୟୀ ପୁତ୍ର ରାମଙ୍କୁ ଆଲିଙ୍ଗନ କରି କହିଲେ‘ମୋ ରାମ ପାଇଁ ମୁଁ ସବୁକିଛି କରିପାରିବି, ସବୁ ସହି ପାରିବି, ମୋ ରାମ ପାଇଁ ଏ ଜୀବନ ବି ସମର୍ପିତ କରୁଛି, କହ ରାମ ତୁ କଣ ଚାହୁଁ’ ?

ଶ୍ରୀରାମ କହିଲେ ମାତା, ସାଧୁସନ୍ଥମାନଙ୍କ ସୁଖ ମୋର କାମ୍ୟ, ସଂସାରରେ ସତ୍ୟର ପ୍ରବାହ ପାଇଁ ମୋର ଏ ଅବତାର। ମୁଁ ଏବେ ଅବଧର ରାଜା ନୁହେଁ, ବନବାସ ଯିବା ହିଁ ନିୟତି ନିର୍ଦ୍ଧାରଣ, ତେଣୁ ତୁମକୁ ମୋତେ ବନବାସ ପଠାଇବାକୁ ପଡ଼ିବ। ଶ୍ରୀରାମଙ୍କ ପାଇଁ ସଦା ବ୍ୟାକୁଳ କୈକେୟୀ ପୁତ୍ରର ଏକାନ୍ତିକ ଇଚ୍ଛାର ପୂର୍ତ୍ତି ପାଇଁ ରାଜି ହୋଇଗଲେ। ରାଜା ଦଶରଥଙ୍କ ପ୍ରେମ, ପୁତ୍ର ଭରତଙ୍କ ଭରଷା, ପରିବାରର ସ୍ନେହ, ପ୍ରଜାମାନଙ୍କ ଆଦର ସବୁ କିଛି ହରାଇ କେବଳ ନିଜ ଭାଗ୍ୟରେ ନିନ୍ଦା ଲେଖିଥିଲେ କୈକେୟୀ, ତାହା ପୁଣି ପୁତ୍ର ଶ୍ରୀରାମଙ୍କ ପାଇଁ। ଯେଉଁଥିପାଇଁ କି ଦ୍ୱାପରରେ ପ୍ରଭୁ ଶ୍ରୀକୃଷ୍ଣ ଅବତାରରେ ବନବାସର ଚଉଦ ବର୍ଷର ବାକିଥିବା ମମତାକୁ ମା ଯଶୋଦା ରୂପରେ ଯାଚି ଦେଇଥିଲେ ନିଜେ ଶ୍ରୀରାମ।

ନିନ୍ଦା ବି ନିୟତି ପ୍ରାୟୋଜିତ। ଆମେ ଖୁବ୍ ସହଜରେ ଅନ୍ୟର ତୃଟି ବାହାର କରି ନିନ୍ଦା କରିଦିଅନ୍ତି। ସତ୍ୟ ଉପରେ ଅବଗତ ନଥାଇ ବି ସମାଲୋଚନା କରନ୍ତି। କାହା ବିଷୟରେ କିଛି ନଜାଣି, ତାର ଚରିତ୍ର ସଂହାର କରି ଆମକୁ ତ କିଛି ଲାଭ ମିଳେନାହିଁ, ଅଥଚ ସେ ବ୍ୟକ୍ତିଟି ଲଜ୍ଜା, ଅପମାନ, ଘୃଣାର ଶିକାର ହୋଇ ସମାଜରେ ନିନ୍ଦିତ ହୁଏ , ନିଜେ ଯେତେ ଭଲ ହୋଇଥିଲେ ବି ସମାଜର ଆକ୍ଷେପ ତାକୁ ବଞ୍ଚିବାକୁ ଦିଏନି। ଏ ସଂସାର ଈଶ୍ୱରଙ୍କ ସୃଷ୍ଟି, ସଂସାରକୁ ଚଳାଉଛନ୍ତି ସେଇ ପରମାତ୍ମା, ତେଣୁ କିଏ ଭଲ, ଖରାପ ଆଲୋଚନା କରି କାହାକୁ ଦୁଃଖ ଦେବାରେ ଆମର କି ଅଧିକାର ଅଛି ? ଯଦି ବି କେହି ଖରାପ ହୋଇଥାଏ ତାହା ବି ଈଶ୍ୱରଙ୍କ ଲୀଳା ବା ତା ପଛରେ ବି କିଛି କାରଣ ବି ଥାଇପାରେ ଯାହା ଆମକୁ ଜଣାନଥାଏ, କେବଳ ଈଶ୍ୱର ଜାଣିଥାନ୍ତି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସ୍କ୍ରିନ୍ ଟାଇମ୍ ବଢ଼ାଉଛି ହୃଦ୍‌ରୋଗ ଆଶଙ୍କା

ପିଲାମାନଙ୍କଠାରୁ ସେମାନଙ୍କ ଶୈଶବ ଛଡ଼ାଇ ନେଉଛି ଆଜିର ଡିଜିଟାଲ୍ ଯୁଗ। ସତେ ଯେପରି ସେମାନଙ୍କ ଜୀବନ ବନ୍ଧା ପଡ଼ିଛି ସ୍ମାର୍ଟଫୋନ୍, ଅନଲାଇନ୍ କ୍ଲାସ୍, ଗେମିଂ ଓ ଷ୍ଟ୍ରିମିଂରେ। ହୋମୱାର୍କ କରି ଟିକେ ଥକିପଡ଼ିଲେ ସେମାନେ ଖୋଜୁଛନ୍ତି ମୋବାଇଲ୍, ପୁଣି ରାତିରେ ଶୋଇବା ଆଗରୁ ମୋବାଇଲ୍ ନ ଦେଖିଲେ ପିଲାଙ୍କୁ ନିଦ ବି ଆସୁ ନାହିଁ। ସମବୟସ୍କଙ୍କ ସହ ଖେଳକୁଦ, ଜେଜେଜେଜୀଙ୍କ ପାଖରୁ କାହାଣୀ ଶୁଣିବା ବଦଳରେ ପିଲାଏ ଏବେ ମୋବାଇଲ୍‌ରେ ମନୋନିବେଶ କରିଛନ୍ତି। କିନ୍ତୁ ଶିଶୁଙ୍କ ଭିତରେ ବୃଦ୍ଧି ପାଉଥିବା ଏହି ଅଭ୍ୟାସ ହୃଦ୍‌ରୋଗର କାରଣ ପାଲଟୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଆମେରିକୀୟ ହାର୍ଟ ଆସୋସିଏସନ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ମୋବାଇଲ୍ କେବଳ ପିଲାମାନଙ୍କୁ ମାନସିକ ସ୍ତରରେ ନୁହେଁ; ବରଂ ଶାରୀରିକ ଭାବେ ବି ଅସୁସ୍ଥ କରିପକାଉଛି। ମାତ୍ରାଧିକ ମୋବାଇଲ୍ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦ୍‌ରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ; ଭାରତୀୟ ଶିଶୁ ଓ କିଶୋର ମଧ ଏହାର କବଳିତ। ଏହି ଅଧ୍ୟୟନରେ ଗବେଷକମାନେ ୧ ହଜାର ଯୋଡ଼ି ମହିଳା ଓ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ କରିଥିଲେ। ପିଲାଏ କେତେ ସମୟ ଧରି ମୋବାଇଲ୍ ବ୍ୟବହାର କରୁଛନ୍ତି ସେ ତଥ୍ୟ ସଂଗ୍ରହ କରାଯାଇଥିଲା।



ମାତ୍ରାଧିକ ମୋବାଇଲ୍ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦ୍‌ରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ; ଭାରତୀୟ ଶିଶୁ ଓ କିଶୋର ମଧ ଏହାର କବଳିତ।

ଅନ୍ୟପକ୍ଷରେ ଦୁଇ ସପ୍ତାହ ଧରି ସେମାନଙ୍କ ନିଦ୍ରା ଓ ଶାରୀରିକ କାର୍ଯ୍ୟକଳାପ ଆକ୍ସିଲେରୋମିଟର ଜରିଆରେ ନିରୀକ୍ଷଣ କରାଯାଇଥିଲା। ଏହାବ୍ୟତୀତ ଅଣ୍ଟାର ପରିଧି, ସିଷ୍ଟୋଲିକ୍ ବ୍ଲଡ୍ ପ୍ରେସର, ଏଚ୍‌ଡିଏଲ୍(ଭଲ), କୋଲେଷ୍ଟ୍ରଲ୍, ଟ୍ରାଇଗ୍ଲିସରାଇଡ୍‌ସ ଓ ରକ୍ତ ଶର୍କରା ଆଦିର ପରିମାପ ଜରିଆରେ ହୃଦ୍‌ରୋଗଜନିତ ବିପଦ ଓ କାର୍ଡିଓମେଟାବୋଲିକ୍ ରିସ୍କ (ସିଏମ୍‌ଆର) କେତେ ରହୁଛି, ତାହା ନିର୍ଣ୍ଣୟ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ମୋବାଇଲ୍‌ର ବହୁଳ ବ୍ୟବହାର ଶିଶୁଙ୍କ ଭିତରେ ହୃଦ୍‌ରୋଗ ଆଶଙ୍କା ବଢ଼ାଉଛି।

ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତ୍ୟେକ ଅତିରିକ୍ତ ଘଣ୍ଟା ମୋବାଇଲ୍ ବ୍ୟବହାର ଶିଶୁଙ୍କ ମଧ୍ୟରେ ପ୍ରାୟ ୦.୦୮ ମାନକ ବିଚ୍ୟୁତି ଏବଂ କିଶୋରମାନଙ୍କ ମଧ୍ୟରେ ୦.୧୩ କାର୍ଡିଓମେଟାବୋଲିକ୍ ସମସ୍ୟା ସୃଷ୍ଟି କରୁଛି। ନିଦ୍ରାହୀନତା ଓ ନିଦ୍ରା ବିଶୃଙ୍ଖଳା ମଧ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି। ସ୍ୱଳ୍ପ କିମ୍ବା ବିଳମ୍ବିତ ଶୟନ ଅଭ୍ୟାସ ରଖିଥିବା ପିଲାଙ୍କ ମଧ୍ୟରେ ଏହି ବିପଦ ଅଧିକ। କୋଭିଡ୍ ମହାମାରୀ କାରଣରୁ ୨୦୨୦ ମସିହା ପରଠାରୁ ଭାରତରେ ଅନ୍‌ଲାଇନ୍ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବାରୁ ଛୋଟ ପିଲାଙ୍କର ସ୍କ୍ରିନ୍ ଟାଇମ୍ ବୃଦ୍ଧି ପାଇଥିଲା। ବର୍ଦ୍ଧିତ ମୋବାଇଲ୍ ନିର୍ଭରଶୀଳତା କାରଣରୁ ନିଦ୍ରାହୀନତା, ମେଦବହୁଳତା, ଇନସୁଲିନ୍ ପ୍ରତିରୋଧ ଭଳି କାର୍ଡିଓମେଟାବୋଲିକ୍ ସମସ୍ୟା ମଧ ଶିଶୁଙ୍କ ଠାରେ ବୃଦ୍ଧି ପାଉଛି ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

# ଶୀତଦିନ ଗରମ ପାଣିର ଲାଭ

ଏବେ ଶୀତ ଦିନ ଚାଲିଛି । ଶୀତଦିନେ ସାଧାରଣତ ଆମ ସମସ୍ତଙ୍କର ପାଣିକୁ ନେଇ ଟିକେ ଡର ଥାଏ । ପାଣିରେ ଗାଧୋଇବା ଠାରୁ ଆରମ୍ଭ କରି ପାଣି ପିଇବା ଯାଏଁ । ଶୀତଦିନେ ଲୋକେ କମ୍ ପାଣି ପିଅନ୍ତି । ଶୀତଦିନେ ପାଣି କମ୍ ପିଇବା ଦ୍ୱାରା ଖାଦ୍ୟ ଠିକରେ ହଜମ ହୋଇ ନଥାଏ । ହେଲେ ଆପଣ ଗରମ ପାଣି ପିଇ ଏହି ସମସ୍ୟାକୁ ସମାଧାନ କରିପାରିବେ । ଶୀତଦିନେ ଗରମପାଣି ପିଇବା ଦ୍ୱାରା ଆପଣଙ୍କୁ ବି ଆହୁରି ଅନେକ ଲାଭ ମିଳିବ । ଏକ ସର୍ବେକ୍ଷଣ ମୁତାବକ ଗରମ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରର ମେଟାବୋଲିକ ହାରରେ ସୁଧାର ଆସିଥାଏ । ଏହା ଫଳରେ ହଜମ ସହିତ ଜଡିତ ସମସ୍ୟା ଦୂର ହୋଇଥାଏ । ଥଣ୍ଡା ପାଣି ତୁଳନାରେ ଗରମ ପାଣି ଆପଣଙ୍କ ପାଚନ କ୍ରିୟାକୁ ସର୍ବାଧିକ ତ୍ୱରାନିତ କରିଥାଏ । ଗରମପାଣି ପିଇବା ଦ୍ୱାରା ଅମ୍ଳ, ବାତ ଭଳି ସମସ୍ୟା ଦୂର ହୋଇଥାଏ । ଗରମ ଦିନ ତୁଳନାରେ ଶୀତଦିନେ ରକ୍ତଚାପ ଅଧିକ ରହିଥାଏ । କାରଣ ଶୀତଦିନେ ରକ୍ତ କୋଷିକାର ପ୍ରବାହ ଧିମା ପଡିଯାଇଥାଏ । ଏହି ସମୟରେ ଯଦି ଆପଣ ଗରମ ପାଣି ପିଉଛନ୍ତି ତେବେ ତାହା ଆପଣଙ୍କ ରକ୍ତ ପ୍ରବାହର ଗତିକୁ ଦ୍ରୁତ କରିଥାଏ । ଏହାଦ୍ୱାରା ରକ୍ତ ସଂଚାଳନରେ ସୁଧାର ଆସିଥାଏ । ଶୀତ ଋତୁରେ ଅନେକ ଲୋକଙ୍କର ମାଂସପେଶୀରେ ଦରଜ ହୋଇଥାଏ । ଏହାର କାରଣ ଭାବେ ତାପମାତ୍ରା ହ୍ରାସ ବୋଲି କୁହାଯାଇଥାଏ । ଫଳରେ ଗଣ୍ଠିଗୁଡିକ ଯୋଡେଇ ସ୍ଥାନରେ ଲୋକମାନେ ଦରଜ ଅନୁଭବ କରିଥାନ୍ତି । ଏଣୁ ଶୀତଋତୁରେ ଗରମପାଣି ପିଇବା ଦ୍ୱାରା ମାଂସପେଶୀ ସଂଚାଳିତ ହୋଇଥାଏ ଓ ଗଣ୍ଠି ଦରଜ କମ ହୋଇଥାଏ । ଶୀତ ଋତୁରେ ମେଟାବୋଲିଜିମ ହାର କମିବା ଫଳରେ ମଣିଷର ଓଜନ ବୃଦ୍ଧି ହୋଇଥାଏ । ଯଦି ଆପଣ ଶୀତ ଋତୁରେ ଗରମପାଣି ପିଉଛନ୍ତି ତେବେ ତାହା ମେଟାବୋଲିଜିମ୍ ସିଷ୍ଟମକୁ ବିଚ୍ଛୁରିତ କରି ଶରୀରରେ ଜମିଥିବା ଚର୍ବିକୁ କମ କରିବାରେ ସହାୟକ ହୋଇଥାଏ । ଶୀତଦିନେ ବିଶେଷ ଭାବେ ନାକ ଓ ଗଳାରେ ସମସ୍ୟା ଦେଖାଦେଇଥାଏ । ନାକରୁ ପାଣି ଗଡିବା, ଗଳା ସଂକ୍ରମିତ ହୋଇ କାଶ ହେବା ଭଳି ଲକ୍ଷଣ ଅଧିକାଂଶ ଲୋକଙ୍କ ଠାରେ ଦେଖିବାକୁ ମଳିଥାଏ । ଗରମ ପାଣିରେ ଲୁଣ ଓ ଅଦା ରଶ ମିଶାଇ କୁଳିକଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅକ୍ଟୋବର ୨୦୨୫ର ବାଣିଜ୍ୟ ନିଅଣ୍ଟ: ଏକ ତର୍ଜମା

ଭାରତୀୟ ଅର୍ଥନୀତି ବିଶ୍ୱ ମଞ୍ଚରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ କରୁଥିବା ସମୟରେ, ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ନଭେମ୍ବର ମାସରେ ପ୍ରକାଶିତ ଅକ୍ଟୋବର ୨୦୨୫ର ବାଣିଜ୍ୟ ପରିସଂଖ୍ୟାନ ନୀତି ନିର୍ଦ୍ଧାରକ ଏବଂ ଅର୍ଥନୀତିଜ୍ଞମାନଙ୍କ ପାଇଁ ଏକ ଗଭୀର ଚିନ୍ତାର ବିଷୟ ପାଲଟିଛି । ଦେଶର ସାମଗ୍ରୀ ବାଣିଜ୍ୟ ନିଅଣ୍ଟ ବା ମର୍ଚ୍ଚାଣ୍ଡାଇଜ୍ ଟ୍ରେଡ୍ ଡେଫିସିଟ୍ (**Merchandise Trade Deficit**) ଏକ ଐତିହାସିକ ଉଚ୍ଚତାରେ ପହଞ୍ଚିଛି, ଯାହା ଅର୍ଥନୈତିକ ସନ୍ତୁଳନ ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ସଦ୍ୟତମ ତଥ୍ୟ ଅନୁଯାୟୀ, ଅକ୍ଟୋବର ୨୦୨୫ରେ ଭାରତର ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନ ଡଲାରର ବିପୁଳ ସୀମା ସ୍ପର୍ଶ କରିଛି । ଯଦି ଆମେ ଏହାକୁ ଠିକ୍ ପୂର୍ବ ମାସ ଅର୍ଥାତ୍ ସେପ୍ଟେମ୍ବର ୨୦୨୫ର ତଥ୍ୟ ସହ ତୁଳନା କରିବା, ତେବେ ଦେଖାଯିବ ଯେ ସେପ୍ଟେମ୍ବରରେ ଏହି ନିଅଣ୍ଟ ୩୨.୧୫ ବିଲିୟନ ଡଲାର ଥିଲା। ମାତ୍ର ଗୋଟିଏ ମାସ ମଧ୍ୟରେ ନିଅଣ୍ଟର ଏଭଳି ଦ୍ରୁତ ଅଭିବୃଦ୍ଧି କେବଳ ଆମଦାନି ଓ ରପ୍ତାନିର ସାଧାରଣ ପରିବର୍ତ୍ତନ ନୁହେଁ, ବରଂ ଏହା ବିଶ୍ୱ ବଜାରରେ ଥିବା ଅସ୍ଥିରତା ଏବଂ ଘରୋଇ ଅର୍ଥନୀତିର ଗଠନମୂଳକ ଦୁର୍ବଳତାକୁ ସ୍ପଷ୍ଟ ଭାବରେ ଉଜାଗର କରୁଛି ।

ଏହି ବିଶାଳ ବାଣିଜ୍ୟ ନିଅଣ୍ଟ ସୃଷ୍ଟି ହେବା ପଛରେ ମୁଖ୍ୟତଃ ଦୁଇଟି ପ୍ରମୁଖ କାରଣ ରହିଛି: ପ୍ରଥମତଃ ଆମଦାନିରେ ଅହେତୁକ ବୃଦ୍ଧି ଏବଂ ଦ୍ୱିତୀୟତଃ ରପ୍ତାନିରେ ଉଲ୍ଲେଖନୀୟ ହ୍ରାସ । ପରିସଂଖ୍ୟାନ ଉପରେ ଦୃଷ୍ଟି ପକାଇଲେ ଜଣାପଡ଼େ ଯେ, ଅକ୍ଟୋବର ମାସରେ ଭାରତର ସାମଗ୍ରୀ ଆମଦାନି ବାର୍ଷିକ ଆଧାରରେ ପ୍ରାୟ ୧୬.୬ ପ୍ରତିଶତ ବୃଦ୍ଧି ପାଇ ୭୬.୦୬ ବିଲିୟନ ଡଲାରରେ ପହଞ୍ଚିଛି । ଅନ୍ୟପକ୍ଷରେ, ଦେଶର ରପ୍ତାନି ବାର୍ଷିକ ଆଧାରରେ ପ୍ରାୟ ୧୧.୮ ପ୍ରତିଶତ ସଙ୍କୁଚିତ ହୋଇ ମାତ୍ର ୩୪.୩୮ ବିଲିୟନ ଡଲାରରେ ସୀମିତ ରହିଛି । ଯେତେବେଳେ ଏକ ବିକାଶଶୀଳ ଅର୍ଥନୀତିରେ ଆମଦାନି ରପ୍ତାନିର ଦୁଇଗୁଣରୁ ଅଧିକ ହୋଇଯାଏ, ସେତେବେଳେ ଏହା ବୈଦେଶିକ ମୁଦ୍ରା ଭଣ୍ଡାର ଏବଂ ମୁଦ୍ରାର ବିନିମୟ ମୂଲ୍ୟ ଉପରେ ପ୍ରଚଣ୍ଡ ଚାପ ସୃଷ୍ଟି କରିଥାଏ । ଏହି ପରିସ୍ଥିତିର ଗଭୀର ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଆମଦାନି ବୃଦ୍ଧିର ସବୁଠାରୁ ବଡ଼ କାରକ ଭାବରେ 'ସୁନା' ଉଭା ହୋଇଛି । ଭାରତୀୟ ସମାଜରେ ସୁନା ପ୍ରତି ଥିବା ପାରମ୍ପରିକ ଆକର୍ଷଣ ଏବଂ ପାର୍ବଣ ଋତୁର ଚାହିଦା ଅର୍ଥନୀତି ଉପରେ କିଭଳି ପ୍ରଭାବ ପକାଇପାରେ, ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଅକ୍ଟୋବର ମାସର ତଥ୍ୟ । ଧନତେରାସ୍, ଦୀପାବଳି ଏବଂ ଆସନ୍ତା ବିବାହ ଋତୁକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ବିପୁଳ ପରିମାଣର ସୁନା ମହଜୁଦ କରିଛନ୍ତି । ଫଳସ୍ୱରୂପ, କେବଳ ଅକ୍ଟୋବର ମାସରେ ସୁନା ଆମଦାନି ୧୪.୭୨ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଗତ ବର୍ଷର ସମାନ ମାସ ତୁଳନାରେ ପ୍ରାୟ ୨୦୦ ପ୍ରତିଶତ ବା ତିନିଗୁଣ ଅଧିକ । ଏହା ସୂଚାଉଛି ଯେ, ବାଣିଜ୍ୟ ନିଅଣ୍ଟର ଏକ ବଡ଼ ଅଂଶ ଶିଳ୍ପାୟନ କିମ୍ବା ଉତ୍ପାଦନଶୀଳ ସାମଗ୍ରୀ ପାଇଁ ନୁହେଁ, ବରଂ ଏକ ଅନୁତ୍ପାଦକ ସମ୍ପତ୍ତି (**Non-productive asset**) ବା ସୁନା ପାଇଁ ଖର୍ଚ୍ଚ ହୋଇଛି।

ଅପରପକ୍ଷରେ, ରପ୍ତାନି କ୍ଷେତ୍ରରେ ଦେଖାଦେଇଥିବା ମନ୍ଥରତା ପାଇଁ ବିଶ୍ୱ ବଜାରର ଭୂ-ରାଜନୈତିକ ପରିସ୍ଥିତି ଏବଂ ରକ୍ଷଣଶୀଳ ବାଣିଜ୍ୟ ନୀତି ଦାୟୀ ଅଟେ । ବିଶେଷକରି ଭାରତର ସବୁଠାରୁ ବଡ଼ ବାଣିଜ୍ୟ ଭାଗୀଦାର ଆମେରିକା ବଜାରରେ ଭାରତୀୟ ସାମଗ୍ରୀର ଚାହିଦା କମିବା ଏକ ବଡ଼ ଧକ୍କା ସଦୃଶ ହୋଇଛି । ତଥ୍ୟ ଅନୁଯାୟୀ, ଅକ୍ଟୋବର ମାସରେ ଆମେରିକାକୁ ହେଉଥିବା ରପ୍ତାନି ୮.୬ ପ୍ରତିଶତ ହ୍ରାସ ପାଇ ୬.୩ ବିଲିୟନ ଡଲାରକୁ ଖସି ଆସିଛି । ଏହି ହ୍ରାସ ପଛରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ନୂତନ ଶୁଳ୍କ (**Tariffs**) ନୀତି ଏବଂ ସେଠାକାର ଅର୍ଥନୀତିରେ ଦେଖାଦେଇଥିବା ଚାହିଦା ସଙ୍କୋଚନ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଉଚ୍ଚ ସୁଧ ହାର ଏବଂ ମୁଦ୍ରାସ୍ଫୀତି ଯୋଗୁଁ ସେଠାକାର ଗ୍ରାହକମାନଙ୍କ କ୍ରୟଶକ୍ତି ହ୍ରାସ ପାଇଛି, ଯାହାର ସିଧାସଳଖ ପ୍ରଭାବ ଭାରତର ରତ୍ନ ଓ ଅଳଙ୍କାର, ବୟନ ଶିଳ୍ପ, ଚମଡ଼ା ଶିଳ୍ପ ଏବଂ ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି ଉପରେ ପଡ଼ିଛି । ଏତଦ୍‌ବ୍ୟତୀତ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଯୁଦ୍ଧ ଏବଂ ସଂଘର୍ଷ ଯୋଗୁଁ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଛି ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି, ଯାହା ଭାରତୀୟ ରପ୍ତାନିକାରୀଙ୍କ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ଷମତାକୁ ଦୁର୍ବଳ କରିଦେଇଛି ।

୪୧.୬୮ ବିଲିୟନ ଡଲାରର ଏହି ଐତିହାସିକ ବାଣିଜ୍ୟ ନିଅଣ୍ଟର ଅର୍ଥନୈତିକ ପରିଣାମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବହୁମୁଖୀ । ପ୍ରଥମତଃ, ଏହା ଦେଶର ଚଳନ୍ତି ଖାତା ନିଅଣ୍ଟ (**Current Account Deficit - CAD**) କୁ ବିପଜ୍ଜନକ ସ୍ତରକୁ ନେଇଯିବାର ଆଶଙ୍କା ସୃଷ୍ଟି କରୁଛି । ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇଲେ ଦେଶକୁ ବାହ୍ୟ ଋଣ କିମ୍ବା ବିଦେଶୀ ପୁଞ୍ଜି ନିବେଶ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିଥାଏ। ଦ୍ୱିତୀୟତଃ, ଆମଦାନି ପାଇଁ ଅଧିକ ଡଲାରର ଆବଶ୍ୟକତା ପଡୁଥିବାରୁ ମୁଦ୍ରା ବଜାରରେ ଡଲାରର ଚାହିଦା ବଢୁଛି ଏବଂ ଭାରତୀୟ ମୁଦ୍ରା 'ଟଙ୍କା'ର ମୂଲ୍ୟ ହ୍ରାସ ପାଉଛି । ଯେତେବେଳେ ଘରୋଇ ମୁଦ୍ରା ଦୁର୍ବଳ ହୁଏ, ସେତେବେଳେ ଆମଦାନି ହେଉଥିବା ଅଶୋଧିତ ତୈଳ, ଖାଇବା ତେଲ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଏ, ଯାହା ପରୋକ୍ଷରେ ଦେଶ ଭିତରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧିର କାରଣ ସାଜିଥାଏ । ଯଦିଓ ଭାରତର ସେବା କ୍ଷେତ୍ର (**Services Sector**) ବିଶେଷକରି ଆଇଟି ଏବଂ ବ୍ୟବସାୟିକ ସେବା ଏହି ନିଅଣ୍ଟର କିଛି ଅଂଶକୁ ଭରଣା କରିବାରେ ସାହାଯ୍ୟ କରୁଛି, କିନ୍ତୁ ଅକ୍ଟୋବର ମାସର ତଥ୍ୟ ପ୍ରମାଣିତ କରୁଛି ଯେ କେବଳ ସେବା ରପ୍ତାନି ଉପରେ ନିର୍ଭର କରି ଏତେ ବଡ଼ ସାମଗ୍ରୀ ବାଣିଜ୍ୟ ନିଅଣ୍ଟକୁ ଦୀର୍ଘଦିନ ପାଇଁ ସମ୍ଭାଳିବା ସମ୍ଭବ ନୁହେଁ ।

ଏହି ଜଟିଳ ପରିସ୍ଥିତିର ମୁକାବିଲା ପାଇଁ ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ତୁରନ୍ତ ଏବଂ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ସୁନା ଆମଦାନିର ଏହି ଅସ୍ୱାଭାବିକ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କୁ ଆମଦାନି ଶୁଳ୍କ ଢାଞ୍ଚାରେ ପରିବର୍ତ୍ତନ କରିବା କିମ୍ବା ଅନ୍ୟାନ୍ୟ କଟକଣା ଲଗାଇବା ବିଷୟରେ ବିଚାର କରିବାକୁ ପଡ଼ିପାରେ । କିନ୍ତୁ କେବଳ ଆମଦାନି କମାଇବା ସମାଧାନର ଏକମାତ୍ର ବାଟ ନୁହେଁ; ବରଂ ରପ୍ତାନି ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବା ଏକାନ୍ତ ଜରୁରୀ । ଆମେରିକା ଏବଂ ୟୁରୋପ ଭଳି ପାରମ୍ପରିକ ବଜାର ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ଭାରତକୁ ଲାଟିନ୍ ଆମେରିକା, ଆଫ୍ରିକା, ମଧ୍ୟ-ପ୍ରାଚ୍ୟ ଏବଂ ଦକ୍ଷିଣ-ପୂର୍ବ ଏସିଆ ଭଳି ନୂତନ ବଜାର ଅନ୍ୱେଷଣ କରିବାକୁ ହେବ । ଏହି ଅଞ୍ଚଳଗୁଡ଼ିକରେ ଭାରତୀୟ ସାମଗ୍ରୀର ଚାହିଦା ସୃଷ୍ଟି କରିବା ପାଇଁ କୂଟନୈତିକ ଏବଂ ବାଣିଜ୍ୟିକ ସ୍ତରରେ ଉଦ୍ୟମ ଜୋରଦାର କରିବାକୁ ପଡ଼ିବ ।

ଏହା ସହିତ, ଘରୋଇ ଉତ୍ପାଦନ ବୃଦ୍ଧି କରି ଆମଦାନି ବିକଳ୍ପ ସୃଷ୍ଟି କରିବା ଅପରିହାର୍ଯ୍ୟ ଅଟେ । ସରକାରଙ୍କ 'ପିଏଲ୍‌ଆଇ' (**Production Linked Incentive**) ଯୋଜନାକୁ ଆହୁରି ବ୍ୟାପକ ଏବଂ କ୍ରିୟାଶୀଳ କରିବାକୁ ପଡ଼ିବ, ଯାହାଦ୍ୱାରା ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଏବଂ ଅକ୍ଷୟ ଶକ୍ତି ଉପକରଣ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିବ । ଯଦି ଆମେ ଦେଶ ଭିତରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସାମଗ୍ରୀ ଉତ୍ପାଦନ କରିପାରିବା, ତେବେ ଆମଦାନି ଉପରେ ନିର୍ଭରଶୀଳତା ସ୍ୱତଃ ହ୍ରାସ ପାଇବ । ବିଶ୍ୱ ବାଣିଜ୍ୟରେ ବର୍ତ୍ତମାନ ଦେଖାଦେଇଥିବା ସଂରକ୍ଷଣବାଦ (**Protectionism**) ଏବଂ ଶୁଳ୍କ ଯୁଦ୍ଧର ମୁକାବିଲା ପାଇଁ ଭାରତକୁ ବିଭିନ୍ନ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି (**Free Trade Agreements**) ଗୁଡ଼ିକୁ ତ୍ୱରାନ୍ୱିତ କରିବା ଆବଶ୍ୟକ, ଯାହା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଶୁଳ୍କମୁକ୍ତ ବଜାର ସୁବିଧା ଯୋଗାଇଦେବ ।

ଅକ୍ଟୋବର ୨୦୨୫ର ଏହି ତଥ୍ୟ କେବଳ କିଛି ସଂଖ୍ୟାର ସମାହାର ନୁହେଁ, ବରଂ ଏହା ଭାରତୀୟ ଅର୍ଥନୀତି ପାଇଁ ଏକ ସତର୍କ ଘଣ୍ଟି ସଦୃଶ । ୪୧.୬୮ ବିଲିୟନ ଡଲାରର ନିଅଣ୍ଟ ଆମକୁ ମନେ ପକାଇ ଦେଉଛି ଯେ, ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ସାକାର କରିବାକୁ ହେଲେ ଆମକୁ କେବଳ ଘରୋଇ ଉପଭୋଗ ଉପରେ ନିର୍ଭର ନକରି ବିଶ୍ୱ ବଜାରରେ ଏକ ଶକ୍ତିଶାଳୀ ଉତ୍ପାଦନକାରୀ ଓ ରପ୍ତାନିକାରୀ ରାଷ୍ଟ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିବାକୁ ହେବ । ବିଶ୍ୱ ଅର୍ଥନୀତିର ଅନିଶ୍ଚିତତା ମଧ୍ୟରେ ଭାରତକୁ ନିଜର ରପ୍ତାନି ଭିତ୍ତିଭୂମିକୁ ସୁଦୃଢ଼ କରିବା, ଲଜିଷ୍ଟିକ୍ସ ଖର୍ଚ୍ଚ କମାଇବା ଏବଂ ଏକ ସନ୍ତୁଳିତ ବାଣିଜ୍ୟ ନୀତି ଆପଣାଇବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ପଡ଼ିବ । ଯଦି ବର୍ତ୍ତମାନ ସମୟରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଏହି ବର୍ଦ୍ଧିତ ବାଣିଜ୍ୟ ନିଅଣ୍ଟ ଭବିଷ୍ୟତରେ ଭାରତର ଆର୍ଥିକ ସ୍ଥିରତା ପାଇଁ ଏକ ବଡ଼ ପ୍ରତିବନ୍ଧକ ସାଜିପାରେ।

# ଜୀବନ ଦର୍ଶନ ହିଁ ବିଶ୍ୱ ଦର୍ପଣ

**ଡ଼.ମନୋଜ କୁମାର ମହାନ୍ତି**

ପ୍ରତ୍ୟେକ ସଭ୍ୟତାର ପ୍ରତୀକଭାବେ ସାହିତ୍ୟ, ସଂସ୍କୃତି ଓ ଦର୍ଶନ ପ୍ରାଚୀନ ଅସ୍ୱରୂପେ ସମାଜକୁ କାଳଜୟୀ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶ୍ୱରେ ଗଢି ଉଠିଥିବା ଅଧିକାଂଶ ସଭ୍ୟତାର ଅନ୍ତରାଳେ ସାହିତ୍ୟ, ସଂସ୍କୃତି ଓ ଦର୍ଶନର ଝଲକ ନିଷ୍ପତି ଦେଖିବାକୁ ମିଳେ। ଭାବନାର ପ୍ରତୀକଭାବେ ଭାଷା, ଓ ଭାଷାକୁ ସାମାଜିକ ଜୀବନରେ ବିସ୍ଥାପିତ କରିବାପାଇଁ ସାହିତ୍ୟ ସାଜିଲା ଏକମାତ୍ର ମାଧ୍ୟମ। ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଅବସ୍ଥାନରେ ଥିବା ସାମାଜିକ ଚଳନୀ, ଜୀବନଶୈଳୀ, ରୀତିନୀତି, ପ୍ରଥା ପରମ୍ପରାକୁ ବଜାୟ ରଖିଥିବା ବିଶ୍ୱାସର ପରିପ୍ରକାଶକୁ ସଂସ୍କୃତି କୁହାଯାଏ। ସାହିତ୍ୟ ଓ ସଂସ୍କୃତିର ବିଶ୍ଳେଷଣାତ୍ମକ ତତ୍ତ୍ୱ ଜୀବନଦର୍ଶନ। ଜୀବନ ଦର୍ଶନସହ ମଣିଷ ଓତଃପ୍ରୋତଭାବେ ଜଡ଼ିତ। ଅର୍ଥାତ ଜୀବନର ମାର୍ଗଦର୍ଶକରୂପେ ଦର୍ଶନ ତାର ମହତ୍ତ୍ୱ ଜ୍ଞାନତତ୍ତ୍ୱକୁ ବ୍ୟକ୍ତିତ୍ୱର ବିକାଶରେ ନିୟୋଜିତ କରିଛି। ମାନବୀୟ ସ୍ଥିତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତା ଭିତରେ ଅନ୍ତର୍ନିହିତ ସତ୍ୟାସତ୍ୟକୁ ସମୀକ୍ଷାକରି ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର ଜିଜ୍ଞାସାକୁ ଦର୍ଶନ କୁହାଯାଏ। ବିଶ୍ୱ ଚିନ୍ତା ଚେତନାର ପରିବର୍ତ୍ତନର ପ୍ରଚ୍ଛଦପଟରେ ଦାର୍ଶନିକ ଚିନ୍ତାଧାରା ଏକ ବୃହତ୍ ଅସ୍ୱରୂପେ କାର୍ଯ୍ୟ କରିଆସିଛି। ବିଶ୍ୱର କୋଣ ଅନୁକୋଣରେ ସୃଷ୍ଟିହୋଇଥିବା ବୈପ୍ଳବିକ ସଂଗଠନରେ ଦାର୍ଶନିକମାନଙ୍କ ଭୂମିକାର ଗୁରୁତ୍ୱ ସର୍ବାଗେ। ଯେବେଯେବେ ମାନବୀୟ ମହତ୍ତ୍ୱ ଓ ମୂଲ୍ୟବୋଧର ପ୍ରସଙ୍ଗ ଆଲୋଚନାର ପରିସରକୁ ଆସେ ସେବେସେବେ ଦର୍ଶନ ମାନବ ସମାଜପାଇଁ କେନ୍ଦ୍ରବିନ୍ଦୁ ପାଲଟିଯାଏ। ସାମାଜିକ ବ୍ୟବସ୍ଥାକୁ ମଜବୁତ୍ ସହ ମଣିଷକୁ ଦିଗ୍-ଦର୍ଶନ ଦେବାରେ ଦର୍ଶନ ସଦାସର୍ବଦା ଚେଷ୍ଟିତ। ବିଶ୍ୱର ପ୍ରତ୍ୟେକ ବିକଶିତ ସଭ୍ୟତା ସହ ଦାର୍ଶନିକ ଚିନ୍ତାଚେତନା ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଜୀବନରେ ଜଡ଼ିତ। ଦର୍ଶନର ମୂଳତତ୍ତ୍ୱକୁ ସାମାଜିକ ମୂଲ୍ୟବୋଧର ପରିଚାୟକ ରୂପେ ଯୁଗେଯୁଗେ ଗ୍ରହଣ କରାଯାଇଛି। ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନରେ ବୁଦ୍ଧିବାଦ, ଇନ୍ଦ୍ରିୟାନୁଭୂତିବାଦ, ଆତ୍ମଜ୍ଞାନବାଦ ଏବଂ ବିଚାରବାଦର ବିଚାରଧାରାକୁ ଉପଯୁକ୍ତ ତର୍କ ଓ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ। ତତ୍ତ୍ୱବିଦ୍ୟା, ତର୍କବିଦ୍ୟା, ଜ୍ଞାନବିଦ୍ୟା, ନୈତିକ ବିଦ୍ୟା ଏବଂ ସୌନ୍ଦର୍ଯ୍ୟ ବିଦ୍ୟା ମାଧ୍ୟମରେ ଦର୍ଶନ ନିଜର ପରିଚୟ ଅର୍ଜନ କରେ।

ପ୍ରକୃତି ଏବଂ ପଦାର୍ଥର ନିହିତ ଗୁଣକୁ ଖୋଜିବା ବିଜ୍ଞାନର ଦାୟିତ୍ୱ। ଯେଉଁଠି ଜଡ ବିଜ୍ଞାନର ପରିସୀମା ଅନ୍ତହୁଏ ସେଇଠି ତତ୍ତ୍ୱବିଦ୍ୟାରୂପକ ଦର୍ଶନ ହିଁ ପାଲଟିଯାଏ ଜଗତର ମୂଳାଧାର। କାରଣ ସବୁ ବିଜ୍ଞାନର ସୃଷ୍ଟି ମଣିଷର ଜ୍ଞାନ ଜଗତରୁ। ଦାର୍ଶନିକ ପ୍ଲାଟୋଙ୍କ ମତରେ ଆତ୍ମାର ଖାଦ୍ୟ ହେଉଛି ଜ୍ଞାନ। ଦର୍ଶନ ହିଁ ଜ୍ଞାନ ଏବଂ ଜ୍ଞାନବିନା ବିଜ୍ଞାନର ଅସ୍ତିତ୍ୱବା କାହିଁ ? ଅର୍ଥାତ୍ ଦର୍ଶନରେ ସବୁ ପ୍ରଜାତିର ବିଜ୍ଞାନ ନିହିତ। କାରଣ ସବୁର ଏକ ଶେଷସୂକ୍ଷ୍ମ ସିଦ୍ଧାନ୍ତରୂପେ ଦାର୍ଶନିକ ତତ୍ତ୍ୱ ଆବିର୍ଭାବ ହୋଇଥାଏ। ଉଭୟ ଅନ୍ତଃଜଗତ ଓ ବାହ୍ୟଜଗତର ସତ୍ୟାସତ୍ୟକୁ ଉପସ୍ଥାପନ ଦର୍ଶନର ମୂଳଲକ୍ଷ୍ୟ। ଜୀବନର ଆତ୍ମିକ ଅନୁଭୂତି, ଆତ୍ମିକ ସମୀକ୍ଷା ଏବଂ ଆତ୍ମିକ ସିଦ୍ଧାନ୍ତର ଶ୍ରେଷ୍ଠତ୍ୱକୁ ଅନୁଭବ କରିବା ହିଁ ଦର୍ଶନ। ଏହା ଜଡ ଜାଗତିକ ଅନୁଭୂତିରୁ ଆରମ୍ଭ ହୋଇ ଆଧାତ୍ମିକ ଜାଗରଣରେ ସମାପ୍ତ ହୁଏ।

ସୃଷ୍ଟିର ଗୁଢ଼ରହସ୍ୟକୁ ଉନ୍ମୋଚନ ସହ ମଣିଷର ଚାରିତ୍ରିକ ଆଚରଣ ଓ ଉଚ୍ଚାରଣ ପରିବର୍ତ୍ତନରେ ଲୁଚିରହିଛି ଦର୍ଶନର ସତ୍ୟତା। ଚାରିତ୍ରିକ ଆଚରଣ କହିଲେ ମଣିଷର ନୈତିକ ଆଧାର ଯାହା ଅତ୍ୟାବଶ୍ୟକ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ।ସମସ୍ତ ସାଂସାରିକ ଦୁଃଖଯନ୍ତ୍ରଣାର କାରଣ ନୈତିକହୀନତା ଯାହା ବୁଦ୍ଧ ତାଙ୍କ ଅଷ୍ଟାଙ୍ଗମାର୍ଗରେ ଅଭିହିତ କରିଛନ୍ତି। ମଣିଷର ଅତ୍ୟାବଶ୍ୟକ ମୂଲ୍ୟବୋଧ ଯାହା ଜୈନ ଦର୍ଶନରେ ଅଣୁ ମହାବ୍ରତ ଭାବେ ନାମିତ କରାଯାଇଛି। ଅଣୁ ମହାବ୍ରତର ଅନୁସରଣରେ ହିଁ ଶ୍ରେଷ୍ଠ ଜୀବନଦର୍ଶନ ନିହିତ। ଅହିଂସା, ସତ୍ୟ, ଆସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟକୁ ମହାବ୍ରତ କୁହାଯାଏ। ଏହି ସାଧନାକୁ ଯେପର୍ଯ୍ୟନ୍ତ ମାନବ ଜାତି ଆନ୍ତରିକଭାବେ ପାଳନ ନକରିଛି ସେ ପର୍ଯ୍ୟନ୍ତ ଧ୍ୟାନ ଜପ ଓ ତପରେ କୌଣସି ମୂଲ୍ୟନାହିଁ। ଏହାହିଁ ଜୀବନ ଦର୍ଶନ ଯାହାକୁ ମହାତ୍ମା ଗାନ୍ଧୀ ତାଙ୍କ ଜୀବନରେ ଅନୁସରଣପୂର୍ବକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅହିଂସା ଓ ସତ୍ୟକୁ ଏକ ଶ୍ରେଷ୍ଠ ହତିଆର କରିଥିଲେ।

ଅହିଂସା ଏକ ମାନସିକ ଅବସ୍ଥା ଯାହା ସଦାସର୍ବଦା ଅନ୍ୟର କ୍ଷତି ନ ପହଞ୍ଚାଇବାରେ ଏକ ପ୍ରତିଷେଧକ ଅଟେ। ମନର ପରିକଳ୍ପନା ,ବାକ୍ୟ ଓ କର୍ମ ଉପରେ ନକାରାତ୍ମକ ନିୟନ୍ତିତ ପରିଭାଷା ହିଁ ଅହିଂସା। ପ୍ରେମ ଓ ସକାରତ୍ମକ୍ ଭାବନା ହିଁ ଅହିଂସା। ପ୍ରତ୍ୟେକ ମଣିଷକୁ ମଣିଷ ଭଳି ବ୍ୟବହାର କରିବା ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠ ପୋଷକତା କରିବା ଅହିଂସା ଅଟେ। ହିଂସା ମଣିଷକୁ ଓ ତା ମନକୁ ପଥଭ୍ରଷ୍ଟ କରେ, ଆତ୍ମାକୁ କଳୁଷିତ ଓ କବଳିତ କରେ। କଳୁଷିତ ଓ କବଳିତ ମଣିଷ ସର୍ବଦା ହିଂସ୍ର ସ୍ୱଭାବର। ଜୀବ ପ୍ରତି ଦୟା, ଅନୁକମ୍ପା ଓ ସେବା ଅହିଂସାର ପ୍ରତୀକ। ଅହିଂସା ମାଧ୍ୟମରେ ଗାନ୍ଧୀ ସ୍ୱାଧିନତା ଆଣିବାରେ ସଫଳ ହୋଇଥିଲେ। ଏହି ଅହିଂସାକୁ ସାହାରା କରି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା ମଧ୍ୟ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରି ତେଇଶି ବର୍ଷ କାରାବାସ କରିଥିଲେ। ଅହିଂସା ସହ ସତ୍ୟ ମଣିଷର ଆଉ ଏକ ସାଧନା ବା ବ୍ରତ। ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଚିରନ୍ତନ,ନିରାକାର, ଚିରସବୁଜ। ପ୍ରତ୍ୟେକ ବ୍ୟକ୍ତି ନିଜର ଭାବନା, ବାକ୍ୟ ଓ କର୍ମରେ ସତ୍ୟର ସମ୍ମାନ କରିବା ଉଚିତ୍। ନିଜ କର୍ମ ଓ ଜୀବିକା ପ୍ରତି ସଚେତନ ସହ କର୍ତ୍ତବ୍ୟପରାୟଣତାକୁ ଜୀବନର ଶ୍ରେଷ୍ଠ ବ୍ରତଭାବେ ପାଳନ କରିବା। ଏହାହିଁ ଜୀବନର ବାସ୍ତବତା ଓ ବାସ୍ତବତା ହିଁ ସତ୍ୟ। ସତ୍ୟପଥରେ ପଥିକ ସର୍ବଦା ସଙ୍କୋଚ ପଣିଆକୁ ଏକ ଅସ୍ୱଭାବେ ବ୍ୟବହାର କରିଥାଏ। ସତ୍ୟନିଷ୍ଠ ବ୍ୟକ୍ତିର ମାନସିକ ଅବସ୍ଥା ସୁସ୍ଥ କାରଣ ମିଥ୍ୟା ଓ ଭୟ ଉଭୟ ଶାରିରୀକ ଓ ମାନସିକ ଯନ୍ତ୍ରଣାର କାରଣ। ଆସ୍ତେୟ ପଞ୍ଚ ମହାବ୍ରତର ଏକ ଅନ୍ୟ ଏକ ଆଚରଣ ବିଧି। ଯେତେବେଳେ ଆମେ ଅନ୍ୟର ଜିନିଷକୁ ଚୋରି, ଠକି,ଶୋଷଣ ତଥା ପ୍ରତାରିତ କରି ନିଜର କରିବାର ଇଚ୍ଛା ପ୍ରକାଶ କରନ୍ତି ତାହା ମାନବୀୟ ମୂଲ୍ୟବୋଧ ନୁହେଁ। ଏଥିରୁ ନିବୃତ୍ତ ହେବା ନିହାତି ଜରୁରୀ ଓ ଏହାହିଁ ଆସ୍ତେୟ। ଆପରିଗ୍ରହ ଚତୁର୍ଥ ମହବ୍ରତ ଯାହା ଆମ ସମସ୍ତଙ୍କୁ ଶିଖାଏ ଯେତିକି ଆବଶ୍ୟକ ସେତିକି ଗ୍ରହଣ କରାଯାଉ। ଆବଶ୍ୟକତାଠାରୁ ଅଧିକ ଗ୍ରହଣ ଲୋଭ ଅଟେ। ଲୋଭର ବଶବର୍ତ୍ତୀ ବ୍ୟକ୍ତି ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ। ଖାଦ୍ୟ ଗ୍ରହଣ ଠାରୁ ବସ୍ତ୍ର ଆସବାସ ପର୍ଯ୍ୟନ୍ତ୍ ସବୁକ୍ଷେତ୍ରରେ ନିଜକୁ ନିୟନ୍ତ୍ରିତ ରଖିବା ଦ୍ୱାରା କୌଣସି ମାନସିକ ଦ୍ୱନ୍ଦ ଉପୁଜେ ନାହିଁ। ବ୍ରହ୍ମଚର୍ଯ୍ୟ ଆମ ଚତୁରାଶ୍ରମ ଜୀବନର ପ୍ରଥମ ଆଶ୍ରମ ଓ ପଞ୍ଚ ମହାବ୍ରତ ସର୍ବଶ୍ରେଷ୍ଠ ବ୍ରତ। ପ୍ରତ୍ୟେକ ମଣିଷର ଏହା ଏକ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଜୀବନ ଶୈଳୀର ପ୍ରଥମ ପାହାଚ। ଉଭୟ ମନ ଓ ଶରୀରକୁ, ସ୍ୱଚ୍ଛ ଓ ଶୁଦ୍ଧ ରଖିବା ପାଇଁ ଇନ୍ଦ୍ରିୟ ମାନଙ୍କୁ ବିକାରଗ୍ରସ୍ଥ ଚିନ୍ତାଧାରାରୁ ନିବୃତ୍ତ ରଖିବା ହିଁ ବ୍ରହ୍ମଚର୍ଯ୍ୟ। ଯୌନତୃପ୍ତିର ଅହେତୁକ ବ୍ୟାକୁଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କର ଅସଂଜତ ଉଚ୍ଚାରଣ ଓ ଆଚରଣ ସମସ୍ତ ସମସ୍ୟାର ମୂଳକାରଣ।

ଏକବିଂଶ ଶତାବ୍ଦୀ ଅତ୍ୟାଧୁନିକ ଜୀବନଶୈଳୀର ଯୁଗ। ଖାଦ୍ୟପେୟ, ବସ୍ତ୍ର ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀରେ କୃତ୍ରିମତା ଭରିଭରି ରହିଛି। କାମ-କ୍ରୋଧ-ଲୋଭ-ମଦ-ମୋହ-ମାତ୍ସାର୍ଯ୍ୟର କରାଳ ଗର୍ଭରେ କବଳିତ ମଣିଷ କଣବା କରିବ ?ସେଇ କଳୁଷିତ ଓ କୃତ୍ରିମ ମାନସିକତାକୁ ମଣିଷ ସମାଜ ସମ୍ପୂର୍ଣରୂପେ ଗ୍ରହଣ କରିବାରେ ଲାଗିଛି। ସାମ୍ପ୍ରତିକ ବିଶ୍ୱମାନବ ଜାତି ଉଭୟ ଶାରିରୀକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେବାରେ ଲାଗିଛି। ବସ୍ତୁବାଦୀ ଦୁନିଆରେ ବସ୍ତୁପ୍ରତି ଅହେତୁକ ଦୁର୍ବଳତା ସହ ନିଜ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଲକ୍ଷ୍ୟରେ ସମସ୍ତେ ଖୁବ୍ ବେଗରେ ଧାବମାନ। ପ୍ରତିଦ୍ୱନ୍ଦିତା ଓ ଈର୍ଷାପରାୟଣତା ଧୀରେଧୀରେ ମାନସିକ ଉତ୍ତେଜନା ଓ ଚାପଗ୍ରସ୍ଥ ଜୀବନ ସୃଷ୍ଟି କରିଚାଲିଛି। ଏହି ପରିପ୍ରେକ୍ଷୀରେ ଦର୍ଶନର ତତ୍ତ୍ୱ ନିଶ୍ଚିତଭାବେ ଏକ ଉତ୍ତମମାର୍ଗ ଭାବେ ବିଶ୍ୱର ଜନସାଧାରଣଙ୍କୁ ମାର୍ଗଦର୍ଶକ ହୋଇ ସୁସ୍ଥ ସମାଜ ଗଠନ କରିବାରେ ସଫଳ ହେବ। ୟୁନିସେଫ ଦ୍ୱାରା ପ୍ରତିବର୍ଷ ନଭେମ୍ବର ତୃତୀୟ ଗୁରୁବାରକୁ ବିଶ୍ୱ ଦର୍ଶନ ଦିବସରୂପେ ବିଶ୍ୱ ପାଳନ କରୁଛି।


+ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ ମହାବିଦ୍ୟାଳୟ,
ଭଦ୍ରକ,
ମୋ ୮୮୯୫୩୪୧୦୩୩


# ଶେଷ ପୂର୍ଣ୍ଣଚ୍ଛେଦରେ ଅଟକିଗଲା ଚମ୍ପାର ଭାଗବତ ପାଠ



**ଡ.ରାଧାରଂଜନ ପଟ୍ଟନାୟକ**

(ସାରସ୍ୱତ ତପସ୍ୱୀ ସ୍ୱର୍ଗତଃ ଡ.ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ)

ସ୍ୱାଧୀନୋତ୍ତର ଓଡ଼ିଆ ସାହିତ୍ୟ ରଚନା କ୍ଷେତ୍ରରେ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଥିଲେ ଜଣେ ସ୍ୱର୍ଣ୍ଣାଦିତ୍ୟ ସାରସ୍ୱତ ସୃଷ୍ଟିର ନବୋଦୀପ୍ତ ଅମ୍ଳାନ ସ୍ୱାକ୍ଷର । ସେ ଥିଲେ ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ସର୍ଜନା ଏକର ଅନୁଷ୍ଠାନ। ସାହିତ୍ୟକୁ ନିଜର ଘର ଓ ମନର ଚୌହଦିରେ ଆସ୍ଥାନ ଦେଇଥିବା ଏଇ ପରମ ପୂଜ୍ୟ ବାଣୀ ସାଧକ ଓଡ଼ିଶାର ସାହିତ୍ୟ ପ୍ରେମୀଙ୍କ ଜନ ମାନସ ରେ ପ୍ରାତଃ ସ୍ମରଣୀୟ ହୋଇ ରହିଯିବେ ଯୁଗ ଯୁଗାନ୍ତର।

ସମସ୍ତ ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ଯେଉଁ ବ୍ୟକ୍ତି ପାଖରେ ଛୋଟ ପଡି ଯାଉଥିଲେ, ସେ ଆଉ କେହି ନୁହଁନ୍ତି- ସେ ଥିଲେ ଆମର ଅତି ପ୍ରିୟ ପ୍ରଫେସର ଡ. ପ୍ରହ୍ଲାଦ ଚରଣ ମହାନ୍ତି। ତାଙ୍କ ବ୍ୟକ୍ତିତ୍ୱର ଛାଟ ଯାହା ଦେହରେ ବାଜୁଥିଲା, ସେ ଚେଇଁ ଉଠୁଥିଲା । ମଣିଷ ଗଢିବାର ଚାବି କାଠି ଧରି ସେ ସୁଯୋଗ୍ୟ ଛାତ୍ର ସଂଧାନ ରେ ଘୁରି ବୁଲୁଥିଲେ ବିଭିନ୍ନ ମହାବିଦ୍ୟାଳୟ ପରିବ୍ୟାପ୍ତ ପରିସରରେ ।

ଓଡ଼ିଶାର ଗାଁ, ସହର ସବୁଠି ସେ ଏକ ପରିଚିତ ନାଁ । ରାମାୟଣର ବାଲ୍ମିକୀ ପରି, ମହା ଭାରତର ବ୍ୟାସଙ୍କ ପରି ସେ ସାହିତ୍ୟକୁ ଜୀବନ ବେଦ ଭାବେ ଗ୍ରହଣ କରିଥିଲେ।

ସେ ଥିଲେ ଆଜୀବନ ଜ୍ଞାନର ପୂଜାରୀ, ସତ୍ୟର ଉପାସକ ଏବଂ ମଣିଷ ପଣିଆର ବିଶ୍ୱାସ ରଖିଥିବା ଜଣେ ଅନନ୍ୟ ବ୍ୟକ୍ତିତ୍ୱ ।

ପ୍ରହ୍ଲାଦଙ୍କ ସାହିତ୍ୟ ସମ୍ରାଜ୍ୟ ଆଧାତ୍ମିକ ଚିନ୍ତନ, ବିଭୁ ପ୍ରେମ ଧାରାକୁ ନେଇ ଯେଭଳି ସମୃଦ୍ଧ, ଅବକ୍ଷୟୀ ସମାଜ ଏବଂ ବ୍ୟକ୍ତି ଚରିତ୍ରର ଚିତ୍ର ଆଙ୍କିବା ପାଇଁ ସେତିକି ଯତ୍ନ ଶୀଳ ଥିଲେ। ଉପେକ୍ଷିତ ଜୀବନ ପ୍ରତି ଦରଦ ଭାବ ପୋଷଣ କରୁଥିବା ଜଣେ ଚିନ୍ତା ନାୟକ ଭୂମିକା ନିର୍ବାହ କରୁଥିଲେ । ଶିକ୍ଷା, ନୀତି, ଦର୍ଶନ, ପ୍ରକୃତି ଓ ଧର୍ମ ପ୍ରତିଟି ବିଭାଗରେ ତାଙ୍କର ସୃଷ୍ଟି ଥିଲା ଗତିସ୍ନାନ।

'ରକ୍ତାଭ ଜ୍ୟୋତ୍ସ୍ନା' କବିତା ସଙ୍କଳନରୁ ସେ ତାଙ୍କର ସାରସ୍ୱତ ଯାତ୍ରା ଆରମ୍ଭ କରିଥିଲେ ବି ଜଣେ ପ୍ରାବନ୍ଧିକ ଭାବେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ନିର୍ମାଣ କରି ପାରିଥିଲେ। କେବଳ ନିର୍ମାଣ କରିଥିଲେ ନୁହେଁ ; ବରଂ ସମାଲୋଚନା ସାହିତ୍ୟର ଏକ ନୂଆ ଚେତନାର ପ୍ରବର୍ତ୍ତକ, ଖୋଲା ରୂପ (**open form**) ବୋଲି କୁହାଯାଇ ପାରେ ।

ଚମ୍ପାର ଭାଗବତ ପାଠ, ଓଡ଼ିଆ ଯାତ୍ରା ଓ ଲୋକ ନାଟକ, କଥା ସମ୍ରାଟ ଫକୀର ମୋହନ, କୃଷ୍ଣକାନ୍ତ ପଦାବଳୀ, ଚଉପଦୀ ସାର ସଂଗ୍ରହ, ଶ୍ରୀଲଙ୍କା ଯାତ୍ରା, କୁବେର ଦେଶର ଭିକାରୀ, ଆରେ ମିତ ଗାଇବା ଗୀତ ଆଦି ରଚନା ଗୋଟିଏ ଗୋଟିଏ ଅମୃତ ମୟ ପଦକ୍ଷେପ ଥିଲା ।

ଲେଖକଟିଏ ସମୟର ଶ୍ରେଷ୍ଠ ବାବଦୂକ ସାଜିଥାଏ ।ଏଇ ପରିପ୍ରେକ୍ଷୀରେ ଆର.ଏ. ରିଚାର୍ଡ୍ସ କହନ୍ତି- '**He is the point at which the growth of the mind shows itself.** 'ସାରସ୍ୱତ ତପସ୍ୱୀ ଡ.ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସର୍ଜନା ରେ ମଣିଷର ଅବଚେତନ ସ୍ତରର କ୍ରମ ସଂକ୍ରମଣ ଯାହା **illusion** ଟିଏ ଗଠନ କରି ଛାୟା ଓ ମାୟାକୁ ଏକାକାର କରି ସାରସ୍ୱତ ମଞ୍ଚ ନିର୍ମାଣ କରିଥିଲେ ପାଠକ ମାନଙ୍କ ପାଇଁ।

ତାଙ୍କର ସାହିତ୍ୟ ସାଧନା ଏକ ପ୍ରହେଳିକା ନଥିଲା ; ବରଂ ଜୀବନାବର୍ତ୍ତର ଥିଲା ଏକ ଅସରସନ୍ତି ମୂର୍ଚ୍ଛନା ଓ ଅନ୍ତରୀଣ ସ୍ୱର।

ଡ. ମହାନ୍ତିଙ୍କ ସାମଗ୍ରିକ ରଚନାର ଉଦ୍ଦମତା ସିନା ଅସନ୍ଦିଗ୍ଧ ହେଲେ ମୂଳ ଦୃଷ୍ଟି ଥିଲା କ୍ଲାସିକାଲ । ଜଣେ ନିଷ୍କପଟ ଉଦାର ବାଦୀ ମଣିଷ ଭାବେ ସଭିଙ୍କର ଥିଲେ ପ୍ରିୟପାତ୍ର ଗୋଟିଏ ହାତରେ କରଣୀ ଏବଂ ଅନ୍ୟ ହାତରେ ଲେଖନୀ ଧରି ଅନେକ ମୂର୍ତ୍ତମାନ ସୃଷ୍ଟିର ପରିଚର୍ଯ୍ୟା କରି ଆସୁଥିଲେ।

ସେ ଢେଙ୍କାନାଳରେ 'ବ୍ରଜନାଥ ସାହିତ୍ୟ ପରିଷଦ' ପ୍ରତିଷ୍ଠାତା, ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ପ୍ରତିଷ୍ଠାତା ସଭାପତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ସାହିତ୍ୟିକ ଜୀବନ ଓ ସର୍ଜନା ପାଇଁ ରାଷ୍ଟ୍ରଦୂତ, ଧ୍ୱନି ପ୍ରତିଧ୍ୱନି, ଦୀନ କୃଷ୍ଣ ସ୍ମୃତି ପରିଷଦ, ବାର୍ତ୍ତା ପ୍ରତିଷ୍ଠାନ, ଚେତନା ସାହିତ୍ୟ ସଂସଦ, ଲୋକ ଭାଷା ପ୍ର ଚାର ସମିତିରୁ ସମ୍ବର୍ଦ୍ଧିତ ହୋଇଥିଲେ ।

ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ସାରସ୍ୱତ ଅନୁଷ୍ଠାନ ଫକୀର ମୋହନ ସାହିତ୍ୟ ପରିଷଦର ହୀରାକ ଜୟନ୍ତୀ (୨୦୦୮)ରେ ସମ୍ବର୍ଦ୍ଧିତ ହେବା ସଂଗେ ସଂଗେ ପରିଷଦ ଗୌରବ ସମ୍ମାନ (୨୦୦୯)ରେ ସମ୍ବର୍ଦ୍ଧିତ ହେବାର ଗୌରବ ହାସଲ କରିଥିଲେ । ଜୀବନ ଓ ଜଗତର ସୁ - ବିପୁଳ ଅନୁଭବ ହିଁ ପ୍ରତିଟି ସୃଷ୍ଟିକୁ କରେ ପ୍ରାଣ ମୟ ଓ ଅମୃତ ମୟ ଯେଉଁଥି ପାଇଁ ଡ. ମହାନ୍ତି କାଳଭିତରେ ନ ରହି କାଳୋତ୍ତୀର୍ଣ ହୋଇ ଯାଇଛନ୍ତି। ଆଜି ଆପଣଙ୍କ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିଛି ସତ, ହେଲେ ଆପଣଙ୍କ ମାନସ କନ୍ୟା 'ଚମ୍ପା' ଭାଗବତର ପୃଷ୍ଠା



ଓଲଟାଇ ଚାଲିଛି। ସେ ଖୋଜୁଛି । ଖୋଜି ଖୋଜି ଥକି ପଡୁଛି। ତଥାପି ଖୋଜୁଛି- 'ମର୍ତ୍ତ୍ୟରୁ ସ୍ୱର୍ଗ କେତେ ଦୂର /କେତେ ଦୂର ପରବର୍ତ୍ତୀ ଝଡ଼ ଠାରୁ ସ୍ମୃତି ଅଜଗର।' ହଁ, ସେ ପ୍ରହ୍ଲାଦ । ସେ ପୁଣି ସାହିତ୍ୟାଲ୍‌ହାଦ । କେତେ ପ୍ରଶସ୍ତ ତାଙ୍କର ସର୍ଜନାର ବିଶ୍ୱ !

ଏଇମିତି ଜଣେ ପ୍ରଜ୍ଞାଦୀପ୍ତ ତଥା ଜୀବନକୁ ଏକ **posetive aspect** ରେ ଦେଖୁଥିବା ସର୍ଜନାକାର ଆଜି ଆମ ଗହଣରେ ନାହାନ୍ତି ।ଏହା କେବଳ ବାଲେଶ୍ୱର ନୁହେଁ; ସମଗ୍ର ଓଡିଶାର ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁ ମଣିଷଟି ବୌଦ୍ଧିକ ବୁନିୟାଦର ଅମୂଲ୍ୟ ସମ୍ପଦକୁ ପୁଞ୍ଜି କରି ନିଜର ସାରସ୍ୱତ ପସରାକୁ ମେଲାଇ ଦେଇଥିଲେ, ତାହା ଆଜି ତାହା ଆଜି ନୀରବି ଯାଇଛି। ଆପଣଙ୍କ ପାଇଁ ସଂକଳିତ ସ୍ମୃତି ଓ ଶୁଭେଚ୍ଛାର 'ବର୍ଣ୍ଣବିଭା 'ସତେ ଯେମିତି ବିବର୍ଣ୍ଣ ହୋଇ ପଡ଼ିଛି। ଆଜି ତାଙ୍କର ଅବର୍ତ୍ତମାନରେ ସଭିଏଁ ସ୍ତବ୍ଧ। ଓଠରେ ଲକ୍ଷେ ପଦ୍ମର ହସ ନେଇ ଯିଏ ଅବାଳ -ବୃଦ୍ଧ -ବନିତା ସଭିଙ୍କୁ ଆପଣା ପଣରେ ବାନ୍ଧି ରଖୁଥିଲେ, ସେ ଆଜି ଆକାଶର ନକ୍ଷତ୍ର ପାଲଟି ଯାଇଛନ୍ତି। ବିଶ୍ୱାସ ହେଉନି । ହେ ସାର! ଆର ପାରିରେ ଥାଇ ବି ଥରେ ଦେଖି ନିଅନ୍ତୁ ଆପଣଙ୍କ ହାତ ଗଢ଼ା ପ୍ରିୟ ଜନ ମାନଙ୍କୁ । କେମିତି ସେମାନେ ଝୁରି ହେଉଛନ୍ତି ଆପଣଂକୁ ! ଆପଣ ସିନା ବାଟ ଭାଙ୍ଗି ଚାଲିଗଲେ, ହେଲେ ଆପଣ ଛାଡି ଯାଇଥିବା ସର୍ଜନାର ସଂସାରରେ ପାଠକେ ଆପଣଂକୁ ଦେଖୁଥିବେ ଚିର କାଳ।


+ସମ୍ପାଦକ 'ସୃଜନାକ୍ଷର'
ସଲଟ ରୋଡ୍,
କଦ୍ରାବାଦ,ବାଲେଶ୍ୱର
ମୋ: ୯୪୩୮୨୯୦୦୭୨


## କବିତା କୋଣାର୍କ

# ଶୀତ ରାତିରେ

**ଦିନେଶ ମେହେର**



ଶୀତ ରାତିରେ
କମ୍ବଳ ତଳେ ନିଜକୁ ଲୁଚେଇ
ରଖିଥିବା ବେଳେ
ହଠାତ୍ ଖବର ଆସେ
ତମେ କୁଆଡ଼େ ଚାଲି ଯାଇଛ
କେଉଁ ଏକ ଅଫେରା ରାଇଜକୁ,
ଆଉ ଯେତେ ଚେଷ୍ଟା କଲେ ବି
ଫେରି ଆସିବନି !

ସେଦିନ,
ତମ ଗୀତ ଶୁଣୁଥିଲି ୟୁଟ୍ୟୁବ୍‌ରେ
ଗୀତ ଶୁଣୁ ଶୁଣୁ କିଛି ଲୁହ ଝରିଥିଲା
କିଛି ସ୍ମୃତି ମନେ ପଡିଥିଲା,
ମନେ ପଡିଗଲା ପିଲାଦିନର
ଅକୁହା କାହାଣୀ ସବୁ,
ମୁଁ ତାକୁ ଝୁରେ, ମନେ ପକାଏ
ତମ ଗୀତ ଶୁଣି,
ନିଜକୁ ଭାବେ ମୁଁ ବିଜୟୀ ପ୍ରେମଯୁଦ୍ଧରେ-
ହେଲେ ଏ ଗୀତ ଆଉ
କେବେ ଶୁଭିବନି ବୋଧେ.... !

ଜାଣିଛ,
ସମୟ ଦିନେ ନିଜ ପରିଚୟ ବଦଳେଇ
ପାଲଟି ଯାଇଥିଲା ଦଗାବାଜ୍,
ବରଷାକୁ ଭରସା କରି
ମୁଁ ବି ପାଲଟି ସାରିଥିଲି ଗୋଟେ
କାପୁରୁଷ, ଭୀରୁ
ନିଜ ଏକ୍ଲାପଣକୁ ଦ୍ୱାହି ଦେଇ
ସତ କହୁଛି -
ତମେ ହିଁ ତ ତମ ସଙ୍ଗୀତ ସୁରେ
ମତେ ତିଆରି ଥିଲ ଗୋଟେ
ଏକତରଫା ପ୍ରେମିକ,
ତମ ଗୀତରୁ ସାଉଁଟିଥିଲି
ଅନେକ ଅନୁଭୂତି,

ଜାଣିଛି,
ତମ ପ୍ରତିଟି ଗୀତରେ ଥିଲା
ପ୍ରେମିକ ହୃଦୟର କୋହ,
ତା ହଲେ ଆଖିର ଲୁହ
ଯେଉଁଠି ହଜି ଯାଇଥିଲା ଅମର ପ୍ରେମ,
ମୁଁ ଜାଣେ, ତମେ ଜାଣ
ଆଉ ବି ଜାଣିଛନ୍ତି
ସାଢ଼େ ଚାରିକୋଟି ଶ୍ରୋତା,
ତମେ ପରା
ସମସ୍ତଙ୍କ ହୃଦୟରେ ଜାଗାବାନ୍ଧି
ସାଜି ଯାଇଥିଲ ଆଖିର ତାରା,

ଦେଖ,
ସେମାନେ ଅପେକ୍ଷା କରିଛନ୍ତି
ତମ ଫେରିବା ବାଟକୁ,
ତମ ସଙ୍ଗୀତ ସୁରେ ସୁରେ
ଧାଇଁ ଚାଲିଛନ୍ତି ତମ ପଛରେ
ହେଲେ ତମେ କୁଆଡ଼େ
ଉଭେଇ ଯାଇଛ ଯେ
ଆଉ ଫେରିବାକୁ ମୁହଁ କରୁନ।

ସତରେ,
ତମକୁ ଭାରି ମନେ ପଡୁଛି
ତମ ସଙ୍ଗୀତ ସବୁ ମନେ ପଡୁଛି
ପାରିବ ତ
ଫେରି ଆସ ତମେ
ଫେରି ଆସ ତମେ.... !


+ଜୁନାଗଡ଼ , କଳାହାଣ୍ଡି
ମୋ : ୮୦୧୮୮୨୮୪୫୬








ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୮୭



ଡ. ସିନ୍ଧୁ ସେନ୍

ନା ନା ଏବେ ଯାହା ସବୁ ଘଟିଗଲା ସେଥିପାଇଁ ପଶ୍ଚାତାପ କରିବାକୁ ମୋ ପାଖରେ ଆଉ ସମୟ ନାହିଁ । ଯେମିତି ହେଲେ ବି ଏ ଯୁଦ୍ଧର ମୁଣ୍ଡି ମୋତେ ହିଁ ମାରିବାକୁ ପଡ଼ିବ । ଯୁଦ୍ଧ ଯେତେବେଳେ ମୁଁ ହିଁ ଆରମ୍ଭ କରିଛି ତାକୁ ମୋତେ ହିଁ ଶେଷ କରିବାକୁ ପଡ଼ିବ। ଆସନ୍ତାକାଲି ମୋତେ ତେଣୁ ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିବ ।

ମୋ ରଥରେ ଅସ୍ତ୍ରଶସ୍ତ୍ର ସଜାଡ଼ି ଯୁଦ୍ଧଯାତ୍ରା ପାଇଁ ପ୍ରସ୍ତୁତ ହେବା ପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଲି । ସେତିକିବେଳେ ପୁତ୍ର ଇନ୍ଦ୍ରଜିତ ମୋତେ ଅଟକାଇ ଦେଇ କହିଲା ହେ ରାଜନ, ଏବେବି ତ ଲଙ୍କା ସଂପୂର୍ଣ୍ଣ ବୀରଶୂନ୍ୟ ହୋଇନାହିଁ । ଆପଣ ଭୁଲିଯାଉଛନ୍ତି ଯେ ଇନ୍ଦ୍ରଜିତ ଭଳି ପୁତ୍ର ଆପଣଙ୍କର ଏବେବି ଜୀବିତ ଅଛି । ଆପଣ ଦେଶର ରାଜା ଆପଣଙ୍କ ଶତ୍ରୁ ସମଗ୍ର ଦେଶର ଶତ୍ରୁ । ମୋତେ ତେଣୁ ଶତ୍ରୁନାଶ କରିବାର ସୁଯୋଗ ଦିଅନ୍ତୁ । ନା ନା ଇନ୍ଦ୍ରଜିତ, ପିତା ଭାବରେ ପୁତ୍ରର ସୁରକ୍ଷା ଦାୟିତ୍ୱ ମୋର । ତୁମକୁ ମରଣ ମୁହଁକୁ ଠେଲି ଦେଇ ମୁଁ ନିରବରେ ବସିରହି ପାରିବି ନାହିଁ । ଏ ଯୁଦ୍ଧ ମୋତେ ହିଁ କରିବାକୁ ପଡ଼ିବ । ମୋତେ ହିଁ ଶେଷ କରିବାକୁ ହେବ ଏ ଯୁଦ୍ଧର ବିଭୀଷିକା। ଲଙ୍କା ରାଜ୍ୟର ଭବିଷ୍ୟତ ତୁମେ । ମୋ ଜୀବନ ଠାରୁ ତୁମ ଜୀବନ ଶ୍ରେଷ୍ଠ । ତେଣୁ ମୋତେ ରାସ୍ତା ଛାଡ଼ିଦିଅ । ଇନ୍ଦ୍ରଜିତ, ଯୁଦ୍ଧକୁ ଯିବାକୁ ଦିଅ ।

ଏହା କେମିତି ସମ୍ଭବ ପିତା, ଆପଣ କେବଳ ଲଙ୍କାର ଅଧିପତି ନୁହଁନ୍ତି ମୋର ପିତା ମଧ୍ୟ । ଆପଣଙ୍କର କ'ଣ ମୋ ରଣକୌଶଳ, ପରାକ୍ରମ ଉପରେ ଭରସା ନାହିଁ । ମାନୁଛି, ଏ ଯୁଦ୍ଧ ଅନେକ ରାକ୍ଷସ ବୀରଙ୍କ ପ୍ରାଣ ନେଇଛି । ମୃତ୍ୟୁର ସ୍ୱାଦ ଚଖାଇଛି । ତା ବୋଲି ମୋତେ ବି ମୃତ୍ୟୁର ଦ୍ୱାରଆଡ଼କୁ ବାଟ ବଢ଼ାଇ ନେବ, ସେ କଥା ଭାବୁଛନ୍ତି କାହିଁକି ? ଅତୀତରେ ଦିନେ ମୁଁ ମଧ୍ୟ ଇନ୍ଦ୍ରପୁରୀକୁ ଜୟ କରି ପାରିଥିଲି, ଏବେ ରାମ ଲକ୍ଷ୍ମଣକୁ ଜିଣିବା ମୋ ପାଇଁ କଷ୍ଟକର ନୁହେଁ । ଆପଣ ମୋର ପିତା । ପୁତ୍ର ହିସାବରେ ପିତୃଋଣ ପରିଶୋଧ କରିବା ମୋର ଧର୍ମ । ଏତିକି ମନେରଖନ୍ତୁ ଯୁଦ୍ଧ ଯେତେବେଳେ ଆରମ୍ଭ ହୋଇଛି ନିଶ୍ଚୟ ସମାପ୍ତ ହେବ । ତାଛଡ଼ା ଯୁଦ୍ଧର ଅର୍ଥ ତ ଜୟ, ପରାଜୟ ଜଣଙ୍କର ବିଜୟ ହେଲେ ଅନ୍ୟଜଣେ ପରାଜୟ ଲଭିବ ଏହାହିଁ ତ ଯୁଦ୍ଧର ନିୟମ । ଯୁଦ୍ଧ କେବେ କାହାକୁ ଶାନ୍ତି ଦେଇପାରେନି କି ପାରିବନି ମଧ୍ୟ। ତଥାପି ଯୁଦ୍ଧର ଶେଷ ଫଳାଫଳକୁ ପ୍ରତୀକ୍ଷା କରିବାକୁ ପଡ଼ିବ । ଦେଖନ୍ତୁ ଆଜିର ଯୁଦ୍ଧରେ ଯଦି ମୋର ବିଜୟ ହୁଏ, ତେବେ ଲଙ୍କାର ରାଜା ହୋଇ ଆପଣ ହିଁ ରହିବେ, ଆଉ ଯଦି ମୋର ପରାଜୟ ହୁଏ ତେବେବି ଆପଣ ଜୀବିତ ରହି ଯୁଦ୍ଧକୁ ସମାପ୍ତ କରିପାରିବେ । ତେଣୁ ମୋତେ ଆଶୀର୍ବାଦ କରନ୍ତୁ । ଯୁଦ୍ଧଯାତ୍ରା ପାଇଁ ଅନୁମତି ଦିଅନ୍ତି । ମେଘନାଦର ଯୁକ୍ତି ଶୁଣି ମୁଁ ସ୍ତବ୍ଧ ହୋଇଗଲି । ଏମିତି ଏକ ଯୋଗ୍ୟପୁତ୍ରର ପିତା ହୋଇପାରିଛି ବୋଲି ଗର୍ବ ଅନୁଭବ କଲି । ମୋ ପାଦସ୍ପର୍ଶ କରି ମେଘନାଦ ଆଶୀର୍ବାଦ ମୁଦ୍ରାରେ ନତମସ୍ତକ କରି ଛିଡ଼ା ହୋଇଥିଲା । ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ । ତାକୁ ଛାତି ଉପରକୁ ଆଉଜାଇ ଆଣି କୋଳାଗ୍ରତ କଲି । କପାଳରେ ଚୁମ୍ବନ ଆଙ୍କିଦେଇ ତାର ଯାତ୍ରାପଥର ଶୁଭ ମନାସିଲି । ଆଖି ମୋର ଛଳଛଳ ହୋଇ ଉଠୁଥିଲା । ଅନ୍ତରରୁ କିଏ ଯେମିତି କହୁଥିଲା, ବୀର ପୁତ୍ର ମେଘନାଦ, ତୁମେ ହିଁ କୁଳର ଉଜ୍ଜ୍ୱଳ ଜ୍ୟୋତିଷ୍କ । ଆମ ରାକ୍ଷସ ବଂଶର ଆଶା, ଭରସା। ବିଜୟୀ ହୋଇ ଫେରିଆସ । ମୋ ଆଶୀର୍ବାଦ ସଦାସର୍ବଦା ତୁମରି ସହ ରହିଥିବ ଚିରକାଳ ।

ପ୍ରତିଟି ମଣିଷ ଆଶାବାଦୀ । ଆଶାରେ ହିଁ ମଣିଷ ବଞ୍ଚି ରହେ । ଆଶା ହିଁ ଜୀଇଁବାରେ ସାହାଯ୍ୟ କରିଥାଏ । ଜୀବନର ଶତଶତ ଝଡ଼ଝଞ୍ଜାକୁ ମୁକାବିଲା କରିବା ପାଇଁ ସାହାଯ୍ୟ କରିଥାଏ । ଜୀବନର ନୂତନ ଧାରାକୁ ଖୋଜିବା ପାଇଁ ଉତ୍ସାହିତ କରିଥାଏ । ଆମ ସମଗ୍ର ରାକ୍ଷସ ସମାଜ ପାଇଁ ମେଘନାଦ ହିଁ ଥିଲେ ନୂତନ ଜୀବନର ଧାରା । ତାଙ୍କର ଯୁକ୍ତିଯୁକ୍ତ କଥାରେ ନବପ୍ରେରଣା, ନବ ଉନ୍ମାଦନ ଜାଗି ଉଠୁଥିଲା । ମୋତେ ଯେମିତି ଲାଗୁଥିଲା ମେଘନାଦ କଥାରେ ମୋ କ୍ଷତାକ୍ତ ହୃଦୟରୁ ରକ୍ତକ୍ଷରଣ ବନ୍ଦ ହୋଇ ଯାଉଥିଲା । ମୁଁ ଯେମିତି ନବ ଉନ୍ମାଦନାରେ ଜୀଇଁ ଉଠୁଥିଲି । ମେଘନାଦ ଭକ୍ତିର ସହ ମୋ ଚାରିପଟେ ପରିକ୍ରମା କରି ପଦସ୍ପର୍ଶ ପୂର୍ବକ ମୋ ଠାରୁ ବିଦାୟ ନେଇ ଚାଲିଗଲା । ମୁଁ ତାର ଯିବାପଥକୁ ଏକ ଲୟରେ ଅନାଇ ରହିଥିଲି ।

// ଏକଚାଳିଶ //

ମେଘନାଦ । ମୋର ବୀରପୁତ୍ର। ସେ କେବଳ ସାଧାରଣ ବୀର ନଥିଲା ଅସାଧାରଣ ଥିଲା । ଅସାମାନ୍ୟ ଥିଲା । ସକଳ ଅସ୍ତ୍ରବିଦ୍ୟାରେ ସେ ପ୍ରବୀର ଥିଲା । ତପସ୍ୟା ବଳରେ ସେ ଅନେକ ଦିବ୍ୟଅସ୍ତ୍ରର ମଧ୍ୟ ଅଧିକାରୀ ହୋଇ ପାରିଥିଲା । କେବଳ ସେତିକି ନୁହେଁ, ମାୟାଯୁଦ୍ଧରେ ମଧ୍ୟ ସେ ସିଦ୍ଧହସ୍ତ ଥିଲା । କେଉଁଠି କେଉଁ ବିଦ୍ୟା ପ୍ରୟୋଗ କରି ଯୁଦ୍ଧ କରିବାକୁ ପଡ଼ିବ ତାକୁ ବେଶ୍ ଭଲଭାବରେ ଜଣା ଥିଲା । ମୋର ତେଣୁ ବୀରପୁତ୍ର ମେଘନାଦ ଉପରେ ଅନେକ ଭରସା । ଅତୀତରେ ଦିନେ ଇନ୍ଦ୍ରଙ୍କ ସହ ଯୁଦ୍ଧ କରି ବିଜୟ ଲାଭ କରିବା ପରେ ଲଙ୍କାରେ ସେ ଇନ୍ଦ୍ରଜିତ ଭାବେ ପରିଚିତ ମଧ୍ୟ ହୋଇଥିଲା । ସ୍ୱର୍ଗରେ ଯେବେ ଇନ୍ଦ୍ରଙ୍କ ସହ ଯୁଦ୍ଧରେ ଲିପ୍ତ ରହି ଇନ୍ଦ୍ରଙ୍କୁ ନିଜ ଅଧୀନକୁ ନେଇ ଆସିଥିଲେ ସ୍ୱୟଂ ବ୍ରହ୍ମା ଇନ୍ଦ୍ରଙ୍କୁ ଫେରାଇବା ପାଇଁ ଅନୁରୋଧ କରିଥିଲେ। ଆଉ ତହାରି ସୁଯୋଗରେ ଇନ୍ଦ୍ରଜିତ ବ୍ରହ୍ମାଙ୍କ ଠାରୁ ଦିବ୍ୟାସ୍ତ୍ରର ଅଧିକାରୀ ମଧ୍ୟ ହୋଇପାରିଥିଲେ ।

ସୀତା ଅପହରଣ ଜନିତ ମୋତେ ଯେତେବେଳେ ସମସ୍ତେ ହିଁ ଧିକ୍କାର କରୁଥିଲେ, ଠିକ୍ ସେତିକିବେଳେ ଇନ୍ଦ୍ରଜିତ ମୋତେ ଉତ୍ସାହ ବାଣୀ ଶୁଣାଇ ଯୁଦ୍ଧ କରିବାକୁ ମନରେ ସାହସ ଭରି ଦେଇଥିଲେ । ତେଣୁ ଇନ୍ଦ୍ରଜିତକୁ ମୁଁ ପ୍ରାଣଠୁ ଅଧିକ ଭଲ ପାଉଥିଲି । ସେ ହିଁ ଥିଲା ମୋର ଏକାନ୍ତ ପ୍ରିୟ ପୁତ୍ର।

ସେଦିନ ମୋ ପାଖରୁ ବିଦାୟ ନେଇ ଇନ୍ଦ୍ରଜିତ ବେଶ୍ ବୀରତ୍ୱ ସହ ଯୁଦ୍ଧ କ୍ଷେତ୍ରକୁ ବାହାରି ଯାଇଥିଲା । ପ୍ରଥମଥର ସେ ଶର ମାରି ଲକ୍ଷ୍ମଣକୁ ଅଚେତ୍ ମଧ୍ୟ କରି ଦେଇଥିଲା । ଦୂତ ମୁହଁରୁ ସେଦିନ ଇନ୍ଦ୍ରଜିତର ପ୍ରଶଂସା ଶୁଣି ମୋ ପିତୃହୃଦୟ ଗର୍ବରେ ଫୁଲି ଉଠିଥିଲା । ଭାବିଥିଲି ଇନ୍ଦ୍ରଜିତ ହିଁ ବାସ୍ତବରେ ମୋତେ ବିଜୟର ସ୍ୱାଦ ଚଖାଇବ । କିନ୍ତୁ ପରେ ଶୁଣିଲି ଲକ୍ଷ୍ମଣ ଇନ୍ଦ୍ରଜିତର ଶରରେ କିଛିସମୟ ପାଇଁ ଅଚେତ ହୋଇ ପଡ଼ିଥିଲେ । ମାତ୍ର ପରମୁହୂର୍ତ୍ତରେ ବୈଦ୍ୟରାଜଙ୍କ ପରାମର୍ଶରେ ସଞ୍ଜିବନୀ ଜଡ଼ିବୁଟି ଦ୍ୱାରା ଚେତା ଫେରିପାଇ ସୁସ୍ଥ ହୋଇ ଉଠିଥିଲେ। ଏ ସମସ୍ତ ଖବର ଶୁଣି ଇନ୍ଦ୍ରଜିତ ନିଜକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆମ କୁଳଦେବୀ ନିକୁମ୍ଭିଳା ମନ୍ଦିରରେ ଯଜ୍ଞ କରିବାପାଇ ସ୍ଥିର କରିଥିଲେ ।

ନିକୁମ୍ଭିଳା ଆମ ରାକ୍ଷସମାନଙ୍କର କୁଳଦେବୀ। ଆମ ରାକ୍ଷସ ଜାତିର ନମସ୍ୟା । ଆମ ରାକ୍ଷସମାନେ ସହଜରେ ତ ମାୟା, ତାନ୍ତ୍ରିକ ବିଦ୍ୟାରେ ବେଶ୍ ଧୁରନ୍ଧର । ଇନ୍ଦ୍ରଜିତ ଯେବେ ଜାଣିପାରିଲା, ରାମ, ଲକ୍ଷ୍ମଣକୁ ଯୁଦ୍ଧରେ ପରାସ୍ତ କରିବା ଏତେ ସହଜ ନୁହେଁ । ସେଦିନ ସେ ଶତ୍ରୁ ପାଖରୁ ବିଜୟୀ ହେବାପାଇଁ ନିକୁମ୍ଭିଳା ମନ୍ଦିର ପ୍ରାଙ୍ଗଣରେ ଗୁପ୍ତରେ ଯଜ୍ଞ ଆୟୋଜନ କରିଥିଲା । ଯଜ୍ଞସ୍ଥଳକୁ ରକ୍ଷା କରିବାପାଇଁ ପୁତ୍ର ମୋର ରାକ୍ଷସସେନାର ଏକ ବ୍ୟୂହ ମଧ୍ୟ ରଚନା କରିଥିଲା । ଉଦ୍ଦେଶ୍ୟ ଥିଲା, ଯଜ୍ଞ ସଂପୂର୍ଣ୍ଣ ହେଲାପରେ ଯାଇ ସେଥିରୁ ଏକ ଦିବ୍ୟରଥ ବାହାରିବ । ଯେଉଁ ରଥରେ ଚଢ଼ି ଯୁଦ୍ଧ କଲେ ଇନ୍ଦ୍ରଜିତ ଅପରାଜେୟ ହୋଇଯିବ । ତେଣୁ ସଫଳତାର ଏକ ବିଧିବଦ୍ଧ ଯୋଜନା ସେ ପ୍ରସ୍ତୁତ କରି ନିଜକୁ ଯୁଦ୍ଧ ପାଇ ପ୍ରସ୍ତୁତ କରୁଥିଲା । ହେଲେ ପରେ ଶୁଣିବାକୁ ପାଇଲି ବିଭୀଷଣ ହିଁ ଏ ସବୁର ରହସ୍ୟ ଲକ୍ଷ୍ମଣଙ୍କ ଆଗରେ ଖୋଲି ଦେଇଥିଲେ । ଫଳରେ ଯଜ୍ଞ ସମାପ୍ତ ହେବା ପୂର୍ବରୁ ଲକ୍ଷ୍ମଣ ବାନରସେନା ସହ ନିକୁମ୍ଭିଳା ମନ୍ଦିର ମଧ୍ୟରେ ପ୍ରବେଶ କରିଥିଲେ । ସେଠାରେ ରାକ୍ଷସ ସେନା ମାନଙ୍କୁ ପ୍ରଚଣ୍ଡ ଆକ୍ରମଣ କରି ଶରବର୍ଷଣ କରିବାକୁ ଲାଗିଲେ। ଉଭୟ ବାନରସେନା ଓ ରାକ୍ଷସସେନା ମାନଙ୍କ ମଧ୍ୟରେ ତୁମୁଳ ସଂଘର୍ଷ ଲାଗି ରହିଲା । ଏଭଳି ପରିସ୍ଥିତିରେ ଇନ୍ଦ୍ରଜିତ ନିଜର ଯଜ୍ଞ ପୂରଣ କରିପାରିଲା ନାହିଁ । ତେଣୁ ଇନ୍ଦ୍ରଜିତଙ୍କ ପକ୍ଷରେ ପୂର୍ବ ଯୋଜନା ଅନୁଯାୟୀ ମାୟାବୀ ଶକ୍ତି ପ୍ରାପ୍ତି ସମ୍ଭବ ହୋଇପାରିଲା ନାହିଁ । ଦୂତ ମୁହଁରୁ ବିଭୀଷଣ ବିଷୟରେ ସବୁ ଶୁଣି ସେଦିନ ମୋ ଚକ୍ଷୁ ରକ୍ତବର୍ଣ୍ଣ ହୋଇ ଉଠିଥିଲା । ବିଭୀଷଣ ମୋର ଅନୁଜ । ଇନ୍ଦ୍ରଜିତର ପିତୃତୁଲ । ଅଥଚ ନିଜ ସ୍ୱାର୍ଥ ପାଇଁ ଶତ୍ରୁ ଶିବିରରେ ଆସ୍ଥାନ ଜମାଇ ଶେଷରେ ଆମରି ବିରୋଧରେ ପାଚେରି ଭଳି ଛିଡ଼ା ହୋଇ ପାରିଲା । ତଥାପି ବୀରପୁତ୍ର ମୋର ପ୍ରାଣପଣେ ଲକ୍ଷ୍ମଣଙ୍କ ସହ ଯୁଦ୍ଧ କରିଥିଲା । ନିଜର ମାୟାବୀ ଶକ୍ତିରେ ଯୁଦ୍ଧ କରୁଥିବାର ଲକ୍ଷ୍ୟକରି ହନୁମାନ ମଧ୍ୟ ନିଜକାନ୍ଧରେ ଲକ୍ଷ୍ମଣକୁ ବସାଇ ଶର ମାରିବା ପାଇଁ ଉତ୍ସାହିତ କରିଥିଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୧୧୪ ॥

'ଏହି ଆୟୁର୍ବେଦର କିପରି ସୃଷ୍ଟି ହେଲା ?'

'ଯାହାକିଛି ସୃଷ୍ଟି ର ପ୍ରଥମ ସ୍ରଷ୍ଟା ଙ୍କ ବିଷୟ ରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥାଏ, ସେହି ସ୍ରଷ୍ଟାଙ୍କୁ ଆମେ ପ୍ରଜାପତି ବ୍ରହ୍ମା ବୋଲି କହିଥାଉ। ଏହି ବ୍ରହ୍ମା ହିଁ ପ୍ରଥମ ସ୍ରଷ୍ଟା ବା ବୈଜ୍ଞାନିକ ଅଟନ୍ତି। ଯେତେବେଳେ ଅନନ୍ତ ସମୟ ଓ ଶୂନ୍ୟର ଏକାଂଶ ଉପରେ ଅନନ୍ତ ଜୀବନ ବିଷ୍ଣୁ ଯୋଗ ନିଦ୍ରା ରେ ଶାୟି, ସେତେ ବେଳେ କେବଳ ମହାକାଶ ସମୟ ମଧ୍ୟରେ କ୍ଷୁଦ୍ର କଣ, ଅନ୍ଧକାର ର ଉର୍ଜା ବା କଶ୍ୟପ ସହ ଚୁମ୍ବକୀୟ ତରଙ୍ଗ ମାନ ସୃଷ୍ଟି ହେଲା। ( ମହତ୍ ବିକାରର ତରଙ୍ଗ)। ଏହି ଅନ୍ଧକାରରୁ ଶବ୍ଦ,(କଣରୁ ଅଗ୍ନି ଶକ୍ତି ବା ପ୍ଲାଜମାରୁ ଶବ୍ଦରୁ ଚୁମ୍ବକୀୟ ତରଙ୍ଗ, ତରଙ୍ଗରୁ ଶବ୍ଦପ୍ରସାର) ଶବ୍ଦରୁ ଅନ୍ତରୀକ୍ଷ ସୃଷ୍ଟି ହେଲା। ଏମାନେ ଯୋଗ ବଳରେ ଯୁକ୍ତ ହୋଇ ଏକ ନାଭିକ ସୃଷ୍ଟି କଲେ। ଏହି ବିଷ୍ଣୁଙ୍କ ନାଭିକ ମଧ୍ୟରେ ଯୁକ୍ତ ହେଲା ଅନନ୍ତ ଶକ୍ତି, ଅନନ୍ତ ଜୀବନ ଓ ଅନନ୍ତ ଜ୍ୟୋତି ରାଶି !! (ଯେପରି ବର୍ତ୍ତମାନ ଗୋଟିଏ କଂପ୍ୟୁଟରରେ ଥିବା ସମସ୍ତ ଜ୍ଞାନ ଏକ କ୍ଷୁଦ୍ର କ୍ୟାପ୍ସୁଲ ମଧ୍ୟରେ ରଖା ଯାଇପାରୁଛି,) ସୃଷ୍ଟିର ସକଳ ଉପାଦାନ ସେହି ନଭିକ ମଧ୍ୟରେ ଥିଲା। ଦିତି, ଆମେ ଯଦି ଗୋଟିଏ ଶବ୍ଦ ବା ବାକ୍ୟକୁ ବିଶ୍ୱାସରେ ପ୍ରତିଦିନ ମନ ମଧ୍ୟରେ ଆବୃତ୍ତି କରିଥାଉ, ତାହା ଅଦୃଶ୍ୟ ଜଗତରେ ଏକ ପ୍ରତିକ୍ରିୟା ସୃଷ୍ଟି କରେ। କାରଣ ଶବ୍ଦ ହିଁ ବ୍ରହ୍ମ। ବେଦ ସ୍ରଷ୍ଟା ବ୍ରହ୍ମା ମାନେ ବର୍ଷ, ବର୍ଷ ଧରି ବେଦ ମନ୍ତ୍ର ଗୁଡ଼ିକରେ ପ୍ରାକୃତିକ ଶକ୍ତି ଗୁଡ଼ିକର ବନ୍ଦନା କରିବାରୁ,ତାଙ୍କର ବଂଶଜ ମାନଂକ ଗୁଣ ସୂତ୍ରରେ ମଧ୍ୟ ଏହି ଶକ୍ତି ରହିଥିଲା। ମଣିଷର ପୁନର୍ଜ୍ଜନ୍ମ ଅଛିକି ନାହିଁ ମୋତେ ଜଣାନାହିଁ। ସେ ଗର୍ଭରେ ଥାଇ ଶୁଣି ପାରେ କି ନାହିଁ ମୁଁ ଜାଣିନାହିଁ। କିନ୍ତୁ ଆମ ପୂର୍ବଜଙ୍କ ଗୁଣ ସୂତ୍ର ଆମଠାରେ ଥାଏ। ଏହିପରି ଅଭିମନ୍ୟୁ ହୁଏତ ଯୋଦ୍ଧାର ଜ୍ଞାନ ପ୍ରାପ୍ତ ହୋଇଥିଲେ। ନବଜାତ ଶିଶୁଟି କିପରି ନିଦ୍ରାରେ ହସିଥାଏ,କାନ୍ଦିଥାଏ ? କ୍ଷୀର ଖାଏ ? ଯେତେବେଳେ ସେ ବାସ୍ତବରେ ହସି ନଥାଏ। ଏହି ଗୁଣ ସୂତ୍ରରେ ତାର ପୂର୍ବଜଙ୍କ ସ୍ମୃତି ଥାଏ କି ? ଏହି ବେଦ ମନ୍ତ୍ର ମାନେ ଏକ ବୃକ୍ଷ ରୂପରେ ଫଳ ଲାଭ ପର୍ଯ୍ୟନ୍ତ ସଫଳ ହୋଇଗଲେ। ବାୟୁଚାଳନା ହେଉଛି ଯୋଗର ଶକ୍ତି। ସୂଚନା ଅନୁସାରେ ସାଧକ ମାନଂକ ପାଇଁ ବାୟୁକୁ ରୁଦ୍ଧ କରିବା ହେଉଛି ବାୟୁକୁ ପ୍ରସାରିତ କରିବା। ଏହିପରି ନିଗମ ଯୋଗ ଶକ୍ତି ସେ ଫଳକୁ ପୃଥିବୀରେ ଅବତରଣ କରାଇଲା।' ସକଳ ବେଦ ହୋଇ ବୃକ୍ଷେ, ଫଳ ଫଳିଲେ ଅନ୍ତରୀକ୍ଷେ। ଏହି ଫଳ ଥିଲା ଜ୍ଞାନ ଫଳ। (ଶ୍ରୀମଦ୍ ଭାଗବତରେ ଏହି ଫଳ ଶବ୍ଦଟିର ପ୍ରୟୋଗ ଗଛର ଫଳ ଅର୍ଥରେ ପ୍ରୟୋଗ କରାଯାଇନାହିଁ। ଏହା ଏକ ଫଳାଫଳର ସୂଚନା ମାତ୍ର। ଶୁକ ମୁନୀ ଏହି ଜ୍ଞାନ ଫଳର ସ୍ୱାଦ ପାଇ ମାୟା, ମୋହରେ ଜୀବନ ବିତାଇ ଦେଲେ। କେହି ବାସ୍ତବବାଦୀ ଏହି ବୃକ୍ଷକୁ ଏକ ବୃକ୍ଷ ଏବଂ ଫଳକୁ ସୂର୍ଯ୍ୟ କହିଥାନ୍ତି, ଯାହା ସୃଷ୍ଟିର ଜୀବନ। ମାତ୍ର ବ୍ରହ୍ମା , ଯିଏକି ବ୍ରହ୍ମକୁ ଧାରଣ କରିଥିଲେ, ସେ ଏହି ଯୋଗ ବଳରେ ସୃଷ୍ଟିର ସମସ୍ତ ତତ୍ତ୍ୱ ଓ ଜ୍ଞାନ ଲାଭ କଲେ। ବିଷ୍ଣୁଙ୍କ ନାଭିରୁ ବ୍ରହ୍ମା ବା ସ୍ରଷ୍ଟା ଯୋଗ ବା ଯୁକ୍ତ ହୋଇ ତାରକା ମାନଙ୍କର ସୃଜନ କଲେ। ଏହି ତାରକା ମାନଂକ ମଧ୍ୟରେ କେତେକ ତାରକା ଥିଲେ, ସେମାନଙ୍କ ଉପାଦାନରେ ପୃଥିବୀ ପରି ଜଳ, ବାୟୁ, ପ୍ରାଣୀ ଓ ଉଦ୍ଭିଦ ମାନ ସୃଷ୍ଟି ହୋଇ ପାରିବ। ଏହିପରି ଜୀବନ୍ତ ଗ୍ରହମାନଙ୍କ ଉପାଦାନକୁ କଶ୍ୟପ କୁହା ଯାଉଥିଲା। କୋଟି, କୋଟି ବର୍ଷ ପରେ ସୃଷ୍ଟିର ନିୟମ ଅନୁସାରେ ଏହି ଗ୍ରହ ଓ ତାରା ମାନେ ଶକ୍ତିହୀନ ବା ମୃତ ହୋଇଗଲେ ଓ ଧୂଳି କଣରେ ପରିଣତ ହୋଇ ଗୋଟିଏ କୃଷ୍ଣାବର୍ତ୍ତ ସୃଷ୍ଟି ହେଲା। ଶ୍ରୀମଦ୍ ଭାଗବତ ଅନୁସାରେ ସତ୍ତ୍ୱ ବିକାରରୁ ମନ, ଜଳରୁ ପୃଥିବୀ ବା ଜୀବନ, ଏହାପରେ ବିଜ୍ଞାନ ମହିମାରେ କୌଣସି ସ୍ଥାନ ପାଇନଥିବା ଭୂତମାନେ ଏକତ୍ରିତ ହୋଇ ଗୋଟିଏ ଅଣ୍ଡ ସୃଷ୍ଟି କଲେ। ତେଜ ବିକାରରୁ ବୁଦ୍ଧି, ଇନ୍ଦ୍ରିୟ ଆଦି ଜନ୍ମ ହେଲେ। ଜୀବର ଅଙ୍ଗ ମାନେ ସୃଷ୍ଟି ହେଲା। କିନ୍ତୁ କେବଳ ଭଗବାନ ହିଁ ଅଚେତନ ଜୀବଠାରେ ଚେତନା ସୃଷ୍ଟି କଲେ। ଏହି ଅଣ୍ଡ ବହୁଦିନ ଜଳରେ ( ପୃଥିବୀରେ ପ୍ରଥମେ ଜଳରୁ ଜୀବନ ସୃଷ୍ଟି) ରହିବା ପରେ ଜୀବ ମାନେ ଜନ୍ମ ହେଲେ। ବିଷ୍ଣୁଙ୍କ ନାଭିରେ ଭୁର୍ବଲୋକ, ଶିରରେ ସତ୍ୟ ଲୋକ, କଣ୍ଠରେ ମହର୍ଲୋକ ଆଦି ଓ ତଳ ମାନେ ପାଦ ପର୍ଯ୍ୟନ୍ତ ରହିଥିଲେ। ଭୁଲୋକ ଥିଲା ପୃଥିବୀ। ବିଷ୍ଣୁଙ୍କଠାରୁ ଉତ୍ପତ୍ତି ଏହି ଉପାଦାନ ଓ ଲୋକମାନେ ମାନବଠାରେ ମଧ୍ୟ ନିର୍ଦ୍ଦିଷ୍ଟ ରହିଅଛି। ଏହି ଭୁର ଲୋକ ହେଉଛି ନାଭି, ଯାହା ମଧ୍ୟ ଭାଗରେ ଥାଇ ଉଭୟ ଦିଗରେ ଜୀବନ ସଞ୍ଚାଳନ କରେ। ଏହା ବ୍ୟତୀତ ଜୀବନ ଧାରଣ ହୁଏନାହିଁ। ଅଶ୍ୱିନୀ କୁମାର ମାନେ ନାସାରେ ଥାଇ ବାୟୁ ଚାଳନା ବା ରୋଗ ପ୍ରତିରୋଧ କରନ୍ତି। ଦେହର ନାଡୀମାନେ ନଦୀ ଏବଂ ରସନା ସର୍ବଦା ଜଳ ଦେଉ ଥିବାରୁ ଏହା ବରୁଣ ବା ସମୁଦ୍ର, ଅଗ୍ନିରୁ ଶବ୍ଦ ସୃଷ୍ଟି ହେଲା। ଏହା କୃଷ୍ଣା ଗର୍ତ୍ତ ଅଞ୍ଚଳ ହୋଇ ପାରେ ! ଯାହା ମଧ୍ୟରେ ବିଶ୍ୱର କୌଣସି ଶକ୍ତି ପ୍ରବେଶ କରିପାରନ୍ତି ନାହିଁ। ଏହି କୃଷ୍ଣ ଗର୍ତ୍ତ ନିକଟରେ ବିଶାଳ ଜଳ ରାଶି ଥିବାର ସନ୍ଧାନ ମିଳିଛି। ବୈଜ୍ଞାନିକମାନେ (ପଠିତ)ଏହି ସୂତ୍ର ଅନୁସାରେ ଏହି କୃଷ୍ଣ ଗର୍ତ୍ତର ଅପର ପାର୍ଶ୍ୱରେ ଆଲୋକିତ ତେଜ ବା ଜ୍ୟୋତି ପୂର୍ଣ୍ଣ ଏକ ଶୁକ୍ଳ ଗର୍ତ୍ତ ଅଛି ବୋଲି ଚିନ୍ତା କରୁଛନ୍ତି। ଏହା ହିଁ ସୃଷ୍ଟିର ଆରମ୍ଭ ସ୍ଥାନ ଓ ଏହିଠାରୁ ଜାତ ହୋଇ ସୃଷ୍ଟି ପ୍ରସାରିତ ହୋଇଥିଲା ଓ କୃଷ୍ଣ ଆବାର୍ତ୍ତ ଶେଷ ସ୍ଥାନ ଓ ପୁଣି ଏଠାରୁ ପୁନର୍ଜନ୍ମ ହୋଇଥିଲା ଓ ଧୂଳି କଣ ମାନେ ଏହାର ଅପର ପାର୍ଶ୍ୱରେ ବା ସେହିଠାରେ ଏକ ନୀହାରୀକା ସୃଷ୍ଟି କଲେ। ଏହି ନୀହାରିକା ର ଆକୃତି ଏକ ପ୍ରଜାପତି ପରି ଥିଲା। ଏହାହିଁ ଥିଲା ବ୍ରହ୍ମାଙ୍କ ସ୍ୱରୂପ। କିନ୍ତୁ ସେହି ଧୂଳି କଣ ମଧ୍ୟରେ, ଶରୀର ମଧ୍ୟରେ ଚେତନା ବା ଆତ୍ମା ପରି ଜୀବନ ଶକ୍ତି ମାନେ ଅମୃତ ହୋଇ ରହିଥିଲେ। ଏହି ପ୍ରଜାପତି ନୀହାରିକ। ମଧ୍ୟରେ ସୃଷ୍ଟିର ପ୍ରସାରଣ କରୁଥିବା ନବଧା ପ୍ରଜାପତିଙ୍କ ସହ ସମସ୍ତ ପ୍ରଜାପତି ମାନେ, ଯେଉଁ ମାନେ ବଂଶ ରକ୍ଷା ଓ ନୂତନ ଜୀବ ସୃଷ୍ଟି କରନ୍ତି, ସମସ୍ତେ ବାସ କରୁଥିଲେ। ମନ୍ଥନ( ଧୀରେ ଧୀରେ ଗୋଟିଏ ସ୍ଥାନର ଅଣୁ ଅନ୍ୟ ସ୍ଥାନରେ ମିଶାଇବା) ବା ବିଭାଜନ କରିବା, ପାଳନ କରିବା, ଯୁକ୍ତ ବା ଯୋଗ ବା ଗୁଣିତକ କରିବା ଓ ମିଶ୍ରଣ କରି ସୃଷ୍ଟିର ପ୍ରସାରଣ କରିବା ପ୍ରଜାପତି ମାନଂକ କାର୍ଯ୍ୟ ଥିଲା। ଏହିପରି ଏକ କଣ ବା କ୍ଷୁଦ୍ରାଦି କ୍ଷୁଦ୍ରରୁ ଏକ ବିଶାଳ ନିହାରିକା ସୃଷ୍ଟି କଲା। ଏହା ମଧ୍ୟରେ ଅଦିତି ଜ୍ୟୋତି (ପ୍ଲାଜମା) ଥିଲେ ଏବଂ ସେମାନେ କ୍ରମେ ଛାୟାପଥ ମାନ ସୃଷ୍ଟି କଲେ ଓ କ୍ରମେ ଆକାଶ ଗଙ୍ଗା ଛାୟାପଥ ମଧ୍ୟରେ ଏକ ନିହାରିକା ଓ ସେଥିରୁ ଏକ ଅଣ୍ଡ ସୃଷ୍ଟି କଲେ। ସେହି ଅଣ୍ଡ ପ୍ରସାରିତ ହୋଇ ସେଥିରୁ ସୂର୍ଯ୍ୟ ଓ ଗ୍ରହମାନେ ସୃଷ୍ଟି ହେଲେ ଓ ପୁଣି ଏହା ସଙ୍କୁଚିତ ହୋଇ ପୂର୍ବ ପରି ହୋଇଗଲା। ଅଦୃଶ୍ୟ ଭାବରେ ଏହି ବ୍ରହ୍ମ ବିଭିନ୍ନ ଲୋକ ବା ଜଗତ ମଧ୍ୟ ସୃଷ୍ଟି କଲେ ଓ ସେହି ଉପାଦାନ ମନୁଷ୍ୟ ଶରୀରରେ ଯୁକ୍ତ ହେଲା। (ଗୀତାରେ ଭଗବାନ କହିଛନ୍ତି ଯେ ସମସ୍ତ ଜୀବ ମାନଂକ ମଧ୍ୟରେ ମୁଁ ଅଛି। କିନ୍ତୁ ମୋ ମଧ୍ୟରେ ସେମାନେ କେହି ନାହାନ୍ତି।) ଦିତି, ଜୀବ ମଧ୍ୟରେ ଜଡ ଓ ଜଡ ମଧ୍ୟରେ ଜୀବ ଅଛି। ଯେପରି ମାନବ କୃତ ଓ ମାନବ ଦ୍ୱାରା ନିୟନ୍ତ୍ରିତ ଯନ୍ତ୍ର ମାନେ ମାନବ ମାନଂକଠାରୁ ସହସ୍ର ଗୁଣରେ ଶକ୍ତିଶାଳୀ ସେହିପରି ଏମାନେ ନିବିଡ ଅନ୍ଧକାର ମଧ୍ୟରେ ମାନବଠାରୁ କୋଟି, କୋଟି ଗୁଣ ଦୃଷ୍ଟି, ଶ୍ରବଣ, ପର୍ଯ୍ୟବେକ୍ଷଣ ଆଦି ଶକ୍ତି ବଳରେ ସ୍ରଷ୍ଟାଙ୍କ ନିୟମ ଅନୁସାରେ ନିୟନ୍ତ୍ରିତ ହୋଇ ଅତି ଶୃଙ୍ଖଳିତ ଭାବେ ନିଜର କାର୍ଯ୍ୟ କରି ଚାଲି ଥିଲେ।'

'ତାପରେ ?'

'ଦିତୀ, ପ୍ରାୟ ଚାରିଶହ ପଚାଶ କୋଟି ବର୍ଷ ତଳେ ସୂର୍ଯ୍ୟ ସୃଷ୍ଟି ହେଲେ। ଏହାପରେ ବୃହସ୍ପତି ଓ ପୃଥିବୀ ଆଦି ସୃଷ୍ଟି ହେଲେ। ବୁଧ,ଶୁକ୍ର ଓ ମଙ୍ଗଳ ଗ୍ରହ ସୃଷ୍ଟି ହୋଇ ନଥାନ୍ତି। ସେହି ସମୟରେ ପୃଥିବୀ ଓ ବୃହସ୍ପତି ମଧ୍ୟରେ ଏକ ଗ୍ରହ ବା ଉପଗ୍ରହ ଥିଲା। ଏହାର ନାମ ତାରା। ପୃଥିବୀ ଅଣ୍ଡାକାର ପଥରେ ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିଲା ବେଳେ ,ଏହା ଏକ ବିଶାଳ ବୃତ୍ତାକାର ପଥରେ ପରିକ୍ରମା କରୁଥିଲା । କୌଣସି ସମୟ ରେ ସୂର୍ଯ୍ୟ ବା ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା କକ୍ଷଚ୍ୟୁତ ହେଲା ଓ ଉଭୟ ଗ୍ରହ ମଧ୍ୟରେ ଧକା ଲାଗି ପୃଥିବୀର ଗୋଟିଏ ବିଶାଳ ଖଣ୍ଡ ଓ ଗୋଟିଏ କ୍ଷୁଦ୍ର ଖଣ୍ଡ ଏବଂ ଏହି ଗ୍ରହର ଏକ ବିଶାଳ ଓ କ୍ଷୁଦ୍ର ଖଣ୍ଡ ତଫାତ ହୋଇ ପୃଥିବୀ ଚାରି ପଟେ ଘୁରି ବୁଲିଲେ। ସମୟ କ୍ରମେ ବିଶାଳ ଖଣ୍ଡଟି ତାରାର କ୍ଷୁଦ୍ର ଖଣ୍ଡ ସହ ଯୁକ୍ତ ହୋଇ ଚନ୍ଦ୍ର ସୃଷ୍ଟି ହେଲେ ଓ ତାରାର ବିଶାଳ ଖଣ୍ଡଟି ପୃଥିବୀର ଅତି କ୍ଷୁଦ୍ର ଖଣ୍ଡ ସହ ମିଳିତ ହୋଇ ବୁଧ ଗ୍ରହ ସୃଷ୍ଟି ହେଲେ ଓ ସୂର୍ଯ୍ୟଙ୍କ ନିକଟକୁ ଟାଣି ହୋଇ ଘୁରିବାରେ ଲାଗିଲେ। (କଳ୍ପିତ)। ଏହାପରେ ଅନ୍ୟ କେତେକ ଗ୍ରହ ସୃଷ୍ଟି ହେଲେ। ସୂର୍ଯ୍ୟଙ୍କ ପୂର୍ବରୁ ଧ୍ରୁବ ତାରା ସୃଷ୍ଟି ହୋଇଥିଲେ। ସେ ବର୍ତ୍ତମାନର ଧ୍ରୁବ ତାରା ନଥିଲେ। (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ଗୃହଲକ୍ଷ୍ମୀ

### ସୁଲକ୍ଷଣୀ ସାହୁ



ଗୃହ ଲକ୍ଷ୍ମୀ କହି ଛଳନା
ବିରାଟ ଏକ ଷଡ଼ଯନ୍ତ୍ର ତା ସତ୍ତାରେ
କାହିଁ ଆଦିମ କାଳୁ
ଇଶାଣରେ ପଶିବାକୁ ତା ଜନ୍ମ
ମଣିଷ ମସ୍ତିଷ୍କ ଡ଼ାକବାଜି
ଯନ୍ତ୍ରର ଘୋଷଣା ଇଏ

ଥକା ଦେହର ଅଳସପଣ ଯେତେକ
ଗୋଟାଗୋଟି କରି
ବାସୀ ଶେଯରୁ
ଝାଉଁଳା ସତେଜତାରେ
ଲିପାଲିପି କରେ ଆକାଶ
ସୁନେଲି ରଙ୍ଗ ଲେସିଆଣେ
ପହଁପହଁ ଅନ୍ଧାରୁ ପହଁରି ଦିଏ
ତା ପୃଥିବୀର ପହଞ୍ଚା।

ନଇତୁଠେ ପାଲଟା ଲୁଗାରେ
ବାହିଦିଏ ମଳିନପଣ
ଆଞ୍ଜୁଳେ ପାଣିରେ ସୂର୍ଯ୍ୟଙ୍କୁ
ଟାଣିଆଣେ ତା ଅଗଣାକୁ।

ଛଅ ତିଅଣ ନଅ ଭଜାର ବାସ
ମନଲାଖି ଦରବର ବରାଦର ଗୁଡାଏ ଆଖି
ପସନ୍ଦ ନା ପସନ୍ଦର ଚିଠା ଝୁଲେଇ ଚାଲେ
ଛୁଆଙ୍କୁ ଅଝଟିଆ ପଣରେ
ନରୁଚେ
ବେସର କି ଘାଣ୍ଟ ।

ସକାଳୁ ରାତି
କେତେ ପର୍ଯ୍ୟାୟରେ ଲଗାତାର
ଥରକୁ ଥର ଟେକି ହୁଏ ନିଆଁକୁ
ଜାଳରେ ଝାଳରେ
ଇଛା ଅନିଛାର ଆଲୋଡନ କେତେ ପରସ୍ତ
ଅରୋକ ମନର ଅସହଜ କାତରଙ୍କୁ
ନିରେଖି ରୁହେ ନିରବ ହାଣ୍ଡିଶାଳ।

ପୂର୍ବାହେ ଠାକୁରଙ୍କ ପର୍ଯ୍ୟାସିତ ଅଳି
ଫୁଲ ଭୋଗ ଅର୍କ ନିୟମର ଚିଠା ପୁଣି
ନତ ଶିର ଥକା ବିଷର୍ଣ୍ଣ ଦେହମନ
ମଣ୍ଡା ଆଡିଶା କାକରା ଏଣ୍ଡୁରି
ଭୋଗ ଭଳିକିଭଳି
ନିଷ୍ଠଳେ କରେ ନ ଭାଙ୍ଗେ ଥାକ।

ମଠା ପିନ୍ଧା ଦେହ
ପିଢ଼ା ପାଣି ପକାଇ ଅବ୍ୟସ୍ତ
ସଂସାରଟେ ଭିଡେ ସଂସାର ଗଢାରେ
ସେମଟା ମନଟେ ଯାହା କୁହୁଁଳୁଥାଏ
ଅନ୍ଧାରୁ ଅନ୍ଧାର ଯାଏଁ।


+ଖରିଆର ରୋଡ।


## ଶୀତ ସଙ୍ଗାତ

### ଅସୀମା ପ୍ରଧାନ

ଶୀତକୁ ସଙ୍ଗାତ କରିବାରେ ଭାଇ
ଶୀତ ପରା ସୁଖ ସମୃଦ୍ଧି ଆଣଇ।

ମାଣ ବସା ଗୁରୁବାରଟି ଆସଇ
ଲକ୍ଷ୍ମୀ ଦେବୀଙ୍କର ପ୍ରିୟ ବ୍ରତ ସେହି।

ପିଠାପଣା ଧୂପରେ ମହକେ ଘର
ସତେକି ଲକ୍ଷ୍ମୀ ବିଜେ ସମସ୍ତଙ୍କ ଘର।

ପାଚିଲା ଧାନ ତ କ୍ଷେତରେ ହସଇ
ଚାଷୀ ମନ ପରା ଆନନ୍ଦରେ ନାଚଇ।

ବରଷଯାକର ପରିଶ୍ରମ ପରେ
ଚାଷୀ ଧାନ କେଣ୍ଡା ହାତରେ ତ ଧରେ।

ଫୁଲ ଫଳରେ ତ ବଗିଚା ମଣ୍ଡଇ
ପନିପରିବାର ଅଭାବ ନ ଥାଇ।

ଖାଇବାକୁ ପିନ୍ଧିବାକୁ ତ ମିଳଇ
ଋତୁ ଅନୁସାରେ ହୋଇଛି ସଜାଇ।

ନ ଡରି ଶୀତକୁ ସ୍ୱାଗତ କରିବା
କଠୋର ଶ୍ରମରେ ସଫଳ ହୋଇବା।

ସୁଖ ଦୁଃଖ ସାଥୀ ସଙ୍ଗାତ ହୁଅଇ
ଯେତେ ଘୋଡେଇ ହେଲେ
ଶୀତ ନ ଛାଡ଼ଇ।


+ବୀରମହାରାଜପୁର,
ସୁବର୍ଣ୍ଣପୁର


## ଅଭୁଲା ଅତୀତର ସ୍ମୃତି

### ହରପ୍ରିୟା ସାହୁ



ସ୍ମୃତି ନୁହେଁ ତୂଳୀ
ସ୍ମୃତି ନୁହେଁ କାଳୀ
ସ୍ମୃତି ଅଟେ ନିଆଁ ଝୁଲ
ମନ ଦିଏ ଜାଳି॥

ସ୍ମୃତି ନୁହେଁ ଆକାଶର ଶଶୀ
ଦେବ ନାହିଁ କେବେ ଶୀତଳ ପରସ
ସ୍ମୃତି ଏମିତି ଏକ କଳା ମେଘ
ଥରେ ବରଷୀଲେ ସବୁ ଦିନେ ଯିବ ଭାସି

ସ୍ମୃତି ନୁହେଁ ଶୀତଳ ପବନ
ସ୍ମୃତି ନୁହେଁ ନିରୀହ ନୟନ
ସ୍ମୃତି ଅଟେ ଗୋପନ ରାତିର
ଏକ ଅଭୁଲା ସପନା॥

ସ୍ମୃତି ନୁହେଁ ଶୀତ ରାତି
ସ୍ମୃତି ନୁହେଁ ମଧୁର ଗୀତି
ସ୍ମୃତି ଅଟେ ହଜିଲା ଦିନର
ଖୋଜି ବୁଲୁଥିବା ପ୍ରୀତି॥

ସ୍ମୃତି ତୁମେ ପାଉଁଶ ତଳର ନିଆଁ
ସେ ନିଆଁ ମନେ ଭରି ଦେଉଛି
ଅସହ୍ୟ ଯନ୍ତ୍ରଣା।


+ଜଗତସିଂହପୁର

# ଜିଲ୍ଲା ବ୍ରାହ୍ମଣ ମହାସଭାର ଶପଥ ଗ୍ରହଣ ସମାରୋହ

ବଲାଙ୍ଗୀର,୧୯/୧୧ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ଶପଥ ଗ୍ରହଣ ସମାରୋହ ଶ୍ରୀନୃସିଂହ ମନ୍ଦିର ପରିସରରେ ମହାସମାରୋହରେ ପାଳିତ ହୋଇଥିଲା । ଏହି ଉତ୍ସବରେ ମଂଚାସିନ ଅତିଥି ଭାବେ ନୂତନ ସଭାପତି ପ୍ରାଣବଲ୍ଲଭ ତ୍ରିପାଠି, ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଶ୍ରୀନୃସିଂହ ମନ୍ଦିର ମହନ୍ତ ବ୍ରଜ ମୋହନ ଶରଣଦେବ ମହାରାଜ, ଅଖିଳ ଓଡିଶା ବ୍ରାହ୍ମଣ ମହାସଭାର ସଭାପତି ମହନ୍ତ ପର୍ଶୁରାମ ଦାଶ ମହାରାଜ, ରାଜ୍ୟ ମହାସଚିବ ବ୍ରହ୍ମଚାରୀ ହରିଚରଣ ଦାଶ, ମୁଖ୍ୟ ଅତିଥି ଡ.ସତ୍ୟନାରାୟଣ ଆଚାର୍ଯ୍ୟ, ଡିନ୍ ଓ ପ୍ରଧାପକ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ତିରୁପତି, ସମ୍ମାନୀତ ଅତିଥି ଭାବେ ଡ. ଦୈତାରୀ ପୁଝାରୀ, ଅଧାପକ, ଛତାମଖନା ମହାବିଦ୍ୟାଳୟ ଡ.ଅଜିତ ଦାଶ, ଅଧାପକ, ମହିଳା ମହାବିଦ୍ୟାଳୟ ବଲାଙ୍ଗିର ଅଶୋକ ମିଶ୍ର, ପୂର୍ବତନ ଅଧାପକ ଦେବଗଡ ମହାବିଦ୍ୟାଳୟ ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ବ୍ରାହ୍ମଣ ଏକତା ଓ ଅଖଣ୍ଡତା ଉପରେ ପର୍ଯ୍ୟବେଶିତ କରି ବ୍ରାହ୍ମଣତ୍ୱର ଧର୍ମ, ଜ୍ଞାନ, ଗୁଣଗାରିମା ବୃଦ୍ଧି ଓ ସନାତନ ଧର୍ମର ସୁରକ୍ଷା କରିବାକୁ ମତବ୍ୟକ୍ତ କରିଥିଲେ । ସର୍ବ ଭାରତୀୟ ବ୍ରହ୍ମଣ ଫେଡେରେସନ ର ସଭାପତି ଡ.ଏଚ.ଡି.ଶର୍ମା ଭିଡିଓ କଲ ମାଧମରେ ଶୁଭେଚ୍ଛା ବାର୍ତା ଜଣାଇଥିଲେ । ପ୍ରାୟ ସମସ୍ତ ବକ୍ତା ବ୍ରାହ୍ମଣ ଏକତା ଉପରେ ପର୍ଯ୍ୟବେକ୍ଷିତ କରିଥିଲେ । ପରେ ଜିଲ୍ଲା ବ୍ରାହ୍ମଣ ମହାସଭାର ଉପଦେଷ୍ଟା ସମେତ ନୂତନ କର୍ମକର୍ତାଗଣ ବୈଦିକ ମନ୍ତ୍ର ଉଚ୍ଚାରଣ କରି ସାମୁହିକ ଶପଥ କରିବା ସଙ୍ଗେ ସଙ୍ଗେ ତାଙ୍କୁ ସମ୍ମାନିତ କରି ମାନପତ୍ର ପ୍ରଦାନ କରାଯାଇଥିଲା । ନୂତନ ଉପଦେଷ୍ଟା ଭାବେ ଜୟରାମ ମିଶ୍ର, ଶିବ ଶଙ୍କର ଖୁଆସ, ପର୍ଶୁରାମ ନାୟକ, ଲୋକନାଥ ନେପାକ ଓ ବସନ୍ତ କୁମାର ଆଚାର୍ଯ୍ୟ । ନୂତନ ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠି, ଉପସଭାପତି କିଶୋର କୁମାର ପୁରୋହିତ ଓ ସୁଶ୍ରୀ ରାଜଶ୍ରୀ ତ୍ରିପାଠି, ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସହ-ସଂପାଦକ ସଂକିର୍ତନ ତ୍ରିପାଠି, କୋଷାଧକ୍ଷ ରାଜେନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ସୋମନାଥ ମିଶ୍ର, ନଗର ସଭାପତି ରାକେଶ ପଣ୍ଡା, ନଗର ସମ୍ପାଦକ ସର୍ଜନ ଆଚାର୍ଯ୍ୟ ଓ ଅଡିଟର ଭାବେ କୃପାସିନ୍ଧୁ ମିଶ୍ର ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ / ସଦସ୍ୟା ଭାବେ ଅଶୋକ ପାଣ୍ଡିଆ, ସୁଧୀର ଚାନ୍ଦ, ଶିବ ନାରାୟଣ ରଥ, ସନ୍ତୋଷ କୁମାର ତ୍ରିପାଠି, ଗିରିଶ ପଣ୍ଡା, ବିଘ୍ନରାଜ ମିଶ୍ର, ଜଗଦୀଶ ପ୍ରସାଦ ନାଥ, ଦିବାକର ହୋତା, ଇ. କିଶୋର ମୋହନ ମିଶ୍ର, ପଣ୍ଡିତ ସନ୍ତୋଷ ଶତପଥି, ନିହାରିକା ମିଶ୍ର, ଆଶୁତୋଷ ମିଶ୍ର, ବିଧୁ ଭୂଷଣ ତ୍ରିପାଠି, ରଞ୍ଜନ ତ୍ରିପାଠି, ସୁରେନ୍ଦ୍ର ପାଣି, ସୁରେଶ ମିଶ୍ର, ସୁବାଷ ଶତପଥି, ରଂଜିତା ପାଣିଗ୍ରାହୀ, କସ୍ତୁରୀ ରଥ ଓ ପଣ୍ଡିତ ଗୋକୁଳା ମିଶ୍ର । ଉକ୍ତ ସଭାରେ ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ବୌଦ୍ଧ, ସୋନପୁର, କଳାହାଣ୍ଡି ସମେତ ଆମ ଜିଲ୍ଲାର ପାଟଣାଗଡ, କଣ୍ଟାବାଞ୍ଜି, ଟିଟିଲାଗଡ, ଲୋଇସିଂହା, ଆଗଲପୁର, ସାହାଜବାହାଲ ରୁ ବ୍ରାହ୍ମଣ ସମାଜର ପ୍ରତିନିଧିଗଣ ଯୋଗ ଦେଇଥିଲେ । ଆମର ଜିଲ୍ଲାର ଶକ୍ତିବାହିନୀର ସଦସ୍ୟା ଓ ପର୍ଶୁରାମ ବାହିନୀର ବହୁତ ଯୁବ ସଦସ୍ୟ ତଥା ସହରର ଓ ଗ୍ରାମାଂଚଳରୁ ଅନେକ ମାନ୍ୟଗଣ୍ୟ ବ୍ରାହ୍ମଣ ଦେବତାଗଣ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଯୋଗଦାନ କରି ଏହି ଶପଥ ସମାରୋହ କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଡ. ପୁଝାରୀ ନିଜର ମତ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ଧର୍ମଶାଳା,୧୯/୧୧ (ନି.ପ୍ର): ସରକାର ପରିବର୍ତନ ପରେ ଏବେ ସ୍ଥାନୀୟ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆ ଯାଉଛି । ଏହି କ୍ରମରେ ମଙ୍ଗଳବାର ଦିନ ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଶ୍ରୀବନ୍ତପୁରଠାରୁ ଖଣ୍ଡିତର ଖରସୁଆଁ ଦକ୍ଷିଣ ପଟ ନଦୀ ବନ୍ଧ ଉପରେ ସୁଇଜ୍ ଗେଟ୍ ଓ ଯାଜପୁର ଜଳ ବିକାଶ ବିଭାଜନ ଅଧିନରେ ଥିବା ଛିଣ୍ଡାଖରସୁଆଁର ପୁନଃରୁଦ୍ଧାର ଭିତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କୋରାଇ ବିଧାୟକ ଆକାଶଦାସ ନାୟକ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥିଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ । ଫଳରେ ସ୍ଥାନୀୟ ଅଂଚଳର ଲୋକଙ୍କ ସମସ୍ୟା ଦୂର ହେବ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକେ ପ୍ରତିନିଧି ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ରେଳକର୍ମଚାରୀ ସଂଘର ପେନସନ ସଚେତନତା ଶିବିର




ବାଲେଶ୍ୱର,୧୮/୧୧ (ନି.ପ୍ର): କେନ୍ଦ୍ର ଏବଂ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ତଥା ପଞ୍ଜୀକୃତ 'ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ', ବାଲେଶ୍ୱର ଶାଖାର ଏକ ପେନସନର ସଚେତନତା ଶିବିର ଅଦ୍ୟ ତା ୧୯-୧୧-୨୫ ରିଖ ବୁଧବାର ସକାଳ ୧୦ଘଟିକା ସମୟରେ ଅଙ୍କିତା ହୋଟେଲ୍ ସଭାଗୃହରେ ଅନୁଷ୍ଠିତ ହୋଇଅଛି । ଉକ୍ତ ସଭାରେ ସଭାପତି ଶ୍ରୀଯୁକ୍ତ ଚତୁର୍ଭୁଜ ଜେନା ସଭାପତିତ୍ୱ କରିଥିଲେ । ପ୍ରତିଷ୍ଠାତା ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା ସଂଘ ସମ୍ବନ୍ଧୀୟ ପ୍ରାକ୍ କଥନ ରଖିଥିଲେ । ସମ୍ପାଦକ ରାମଚନ୍ଦ୍ର ଦାସ ବିଗତ ବୈଠକର ବିବରଣୀ ପାଠ କରିବା ସହିତ ସଂଘକୁ କିପରି ଆଗକୁ ନିଆଯିବ ସେ ସମ୍ବନ୍ଧରେ ନିଜର ଅଭିମତ ରଖିଥିଲେ । ଉପସଭାପତି ସତ୍ୟରଞ୍ଜନ ରାଉତ ଅବସରପ୍ରାପ୍ତ ରେଳକର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ମନ୍ତବ୍ୟ ରଖିଥିଲେ । ଆଜିର ସଚେତନତା ଶିବିର କାର୍ଯ୍ୟକ୍ରମରେ ବାଲେଶ୍ୱର ଷ୍ଟେଟବ୍ୟାଙ୍କ୍ ଅଧିକାରୀ ହିମାଂଶୁ ଶେଖର ଦାସ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ତଥା ସମାଧାନ ଉପରେ ବିଭିନ୍ନ ସରକାରୀ ତଥ୍ୟମାନ ପ୍ରଦାନ କରିଥିଲେ । ଅନ୍ୟତମ ମହିଳା ଅଧିକାରୀ ସୁବର୍ଣ୍ଣା ଘଡ଼ାଇ ଅବସରପରେ ପେନସନରମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ତଥା ତା'ର ପ୍ରତିକାର ସମ୍ବନ୍ଧୀୟ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସଭାକୁ ଅବଗତ କରାଇଥିଲେ ତଥା ଅବସରପ୍ରାପ୍ତ ରେଳକର୍ମଚାରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଦେବାଶିଷ କୁମାର ଦାସ, ନୀଳକଣ୍ଠ ଦାସ, ଭାଗବତ ଦାସ, କମଳାକାନ୍ତ ନାୟକ, ପଦ୍ମନାଭ ସାମଲ ବିଭିନ୍ନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସଭାପତି ଶ୍ରୀଯୁକ୍ତ ଜେନା ସଦସ୍ୟମାନଙ୍କର ବିଭିନ୍ନ ଆଇନଗତ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ପାଶ୍ ତଥା ପିଟିଓ ପାଇବାକୁ ପ୍ରଚେଷ୍ଟା, ଚେନ୍ନାଇରେ ସର୍ବଭାରତୀୟ ରେଳକର୍ମଚାରୀ ସଂଘ ସମ୍ମିଳନୀରେ ଯୋଗ ଦେବା ଏବଂ ସେଠାକାର ଆଲୋଚନା ବିଷୟରେ ସଭାରେ ଅବଗତ କରାଇଥିଲେ । ପୂର୍ବତନ ସଭାପତି, ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସରକାରୀ ପ୍ରଦତ୍ତ ସୁରକ୍ଷା ପାଇବାର ପନ୍ଥା ବିଷୟରେ ଅବଗତ କରାଇଥିଲେ । ଉକ୍ତ ସଭାରେ ଶତାଧିକ ସଦସ୍ୟ ସଦସ୍ୟା ଯୋଗଦାନ ସହ ନିଜର ସମସ୍ୟା ଏବଂ ସଂଘ ନିମନ୍ତେ ସୁପରାମର୍ଶମାନ ପ୍ରଦାନକାରୀଙ୍କ ମଧ୍ୟରେ ବିଧାନ ରଞ୍ଜନ ରାୟ, ରବୀନ୍ଦ୍ର ନାଥ ରଣା, ଗଗନ ଦଳାଇ, ଶରତ ଚନ୍ଦ୍ର ନାୟକ, ଅଜୟ କୁମାର ସାମନ୍ତରାୟ, ଅନୀଲ ବେହେରା, ପ୍ରତାପ ଚନ୍ଦ୍ର ସାମନ୍ତରାୟ, ରାଫରୁଲ୍ଲା ଖାଁ, ଅଶୋକ କୁମାର ମହାତ, ହିମାଂଶୁ ଶେଖର ପ୍ରଧାନ, ଭଗବାନ ନାୟକ, ଏସ୍.ଏନ୍. ଓଝା, ବସନ୍ତ କୁମାର ଦାସ, ରବୀନ୍ଦ୍ରନାଥ ତ୍ରିପାଠୀ, ଡଲି ବେହେରା, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ଉମାକାନ୍ତ ଦାସ, ସୁଧାଂଶୁ ଶେଖର ମହାପାତ୍ର, ହରେକୃଷ୍ଣ ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ କୋଷାଧକ୍ଷ ବଙ୍କିମ ଚନ୍ଦ୍ର ପତି ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ଅବଶେଷରେ ବିଜୟ କୁମାର ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ୧୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ବ୍ରାଉନ ସୁଗାର ଜବତ: ୮ ଜଣଙ୍କୁ ବାନ୍ଧିଲା ପୋଲିସ

ସମ୍ବଲପୁର,୧୯/୧୧ (ନି.ପ୍ର): ସମ୍ବଲପୁର ସହରରେ ପୁଣି ଜବତ ହୋଇଛି ଉତ୍କଟ ବ୍ରାଉନ ସୁଗାର । ଏହି ଘଟଣାରେ ପୋଲିସ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ବ୍ରାଉନ ସୁଗାର ଜବତ୍ କରିବା ସହ ପୋଲିସ ୩ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ମହମ୍ମଦ ସୋହେଲ(୨୩) ଓ ମହମ୍ମଦ ନୁମାଲ(୨୫), ମୋତିଝରଣ କ୍ଷେତିପଡ଼ାର ରେଶମା ଖାତୁନ ଓରଫ ନେହା(୩୩), ସୁନାପାଲିର କୁରେଶା ଓରଫ ରୁବି ଖାତୁନ୍(୩୦) ଓ ଲକ୍ଷ୍ମୀ ଓରାମ(୩୦) ରହିଛନ୍ତି । ସଦର ଏସଡିପିଓଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମନ୍ତ ବାରିକ ଏହି ସୂଚନା ଦେଇଛନ୍ତି । ଶ୍ରୀ ବାରିକଙ୍କ ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନଥାନା ପୋଲିସ ସଦଳବଳେ ଆଜି ସକାଳେ ଭିଏସ୍‌ଏସ୍ ମାର୍ଗସ୍ଥ ଏକ ସମ୍ଭ୍ରାନ୍ତ ମଲ ପଛପଟେ ଏକ ନିରୋଳା ସ୍ଥାନରେ ଚଢ଼ାଉ କରି ବେଆଇନ୍ ବ୍ରାଉନ ସୁଗାର କାରବାରରେ ଲିପ୍ତ ସୋହେଲ୍ ଓ ନୁମାନଙ୍କୁ ଗିରଫ କରିଥିଲା ସମୋନଙ୍କ ନିକଟରୁ ପୋଲିସ ୧୨୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ହେବ । ବ୍ରାଉନ ସୁଗାର ସହିତ ସେମାନଙ୍କ ଠାରୁ ୪ଟି ଛୋଟ ଧଳା କାଗଜ, ଦୁଇଟି ଛୋଟ ଚମଚ, ୫ଟି ମୋବାଇଲ ଫୋନ ଓ ନଗଦ ୬ଶହ ଟଙ୍କା ମଧ୍ୟ ପୋଲି ଜବତ କରିଛି । ଉଭୟ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରା ଉଚରା ବେଳେ ସେମାନଙ୍କ ସୂଚନା ଆଧାରରେ ବେଆଇନ ବ୍ରାଉନ ସୁଗାର ବେପାରରେ ଲିପ୍ତ ଉକ୍ତ ୩ ମହିଳାଙ୍କୁ ମଧ୍ୟ ପ୍ରଥମେ ଅଟକ ରଖି ପଚରା ଉଚରା କରାଯାଇଥିଲା । ଘଟଣା ସମ୍ପର୍କରେ ସେମାନେ ସ୍ୱୀକାର କରିବା ପରେ ତିନି ମହିଳାଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଏହାକୁ ନେଇ ଟାଉନ ଥାନାରେ କେସ୍ ନମ୍ବର ୩୭୨/୨୫ରେ ଏକ ଅବକାରୀ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି । ସେମାନେ ବ୍ରାଉନ ସୁଗାରକୁ କୋଲକାତାରୁ ଆଣି ଏଠାରେ ବିକ୍ରୟ କରୁଥିଲେ । ତେବେ ସମ୍ବଲପୁରରେ ବ୍ରାଉନ ସୁଗାର ବେପାରରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଓ ଏହାର କିଙ୍ଗପିନ୍ କିଏ ସେ ନେଇ ପୋଲିସ ତଦନ୍ତକୁ ଜୋରଦାର କରିଛି ।

## ଜୀବନ ଜୀବିକା ସମ୍ପର୍କ ମେଳା

ଜୟପୁର,୧୯/୧୧ (ନି.ପ୍ର): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆ ପଂଚାୟତ ଅନ୍ତର୍ଗତ ଫାଟୁସିନେରି ଗ୍ରାମ ଠାରେ ଓଡିଶା ସରକାରଙ୍କ ଦ୍ୱାରା ଜୀବନ ଜୀବିକା ସମ୍ପର୍କ ମେଳାର ଆୟୋଜନ କରାଯାଇଛି । ପଟାଙ୍ଗି ବ୍ଲକ ପ୍ରଶାସନ ଏବଂ କୋରାପୁଟ ଜିଲ୍ଲା ଆଇ ଟି ଡି ଏ ବିଭାଗ ର ମିଳିତ ଆନୁକୁଲ୍ୟରେ କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଛି । ସ୍ଥାନୀୟ ମହିଳା ମାନଙ୍କ କିଭଳି ଆର୍ଥିକ ସ୍ଥିତି ସୁଦୃଢ ହୋଇ ପାରିବ ସେଥିନେଇ ସଚେତନ କରାଯାଇଥିଲା । ମହିଳା ମାନେ ମହୁ,ଷ୍ଟବେରି ଚାଷ ଏବଂ ମାଣ୍ଡିଆ ରୁ ପଦାର୍ଥ ବନେଇ ବିକ୍ରି କରି ନିଜର ଆର୍ଥିକ ସ୍ଥିତି ସୁଦୃଢ କରି ପାରିବେ ଆଦି ବିଷୟ ନେଇ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ବ୍ଲକର ଅନ୍ୟ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ସୁବର୍ଣ୍ଣପୁର ଗ୍ରାମବାସୀଙ୍କ ମୁହଁରେ ହସ ଫୁଟିଲା

ଗଞ୍ଜାମ,୧୯/୧୧ (ନି.ପ୍ର): ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ପରେ ମଧ ଧରାକୋଟ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ଆଦିବାସୀ ଅଂଚଳର ଲୋକେ ଗାଁରେ ବିଜୁଳି ବତୀ ଦେଖିବାର ସୁଯୋଗ ନପାଇ ଅନ୍ଧାରରେ ଜୀବନ ବିତାଉଥିଲେ । କିନ୍ତୁ ଏ ଖବର ଆଜି ଗୋଟିଏ ଗଣମାଧମରେ ପ୍ରସାରିତ ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜାଣିବାକୁ ପାଇ ଆଜି ଜିଲାପାଳ ସମ୍ମିଳନୀରେ ଗଂଜାମ ଜିଲାପାଳଙ୍କୁ ତୁରନ୍ତ ଏହି ଗ୍ରାମକୁ ବିଦ୍ୟୁତ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ସୁବର୍ଣ୍ଣପୁର ଗ୍ରାମବାସୀଙ୍କ ମୁହଁରେ ହସ ଫୁଟିଛି ଏବଂ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଖପ୍ରାଖୋଲ ପୋଲିସ ଦ୍ୱାରା ୧୦ ଶ୍ରମିକ ଉଦ୍ଧାର: ଦୁଇ ଅଭିଯୁକ୍ତ ଗିରଫ

ବଲାଙ୍ଗୀର,୧୯/୧୧ (ନି.ପ୍ର): ଅଂଚଳରେ ବୃଦ୍ଧି ପାଉଥିବା ବେଆଇନ ଦାଦନ ଚାଲାଣ ରୋକିବା ପାଇଁ ଖପ୍ରାଖୋଲ ପୋଲିସ ଏକ ସଫଳ ଅଭିଯାନ ଚଳାଇଥିବା ଦେଖିବାକୁ ମିଳିଛି । ଏହାର ଫଳ ସ୍ୱରୂପ ୨ ଶିଶୁ ସମେତ ୧୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ଖପ୍ରାଖୋଲ ପୋଲିସ । ପୋଲିସର ଦାଦନ ଶ୍ରମିକ ଉଦ୍ଧାର ଅଭିଯାନ ପେଟ୍ରୋଲ ପମ୍ପ ନିକଟସ୍ଥ ବଡ଼ଗୁର୍ଜିଭଟା ଗ୍ରାମ ନିକଟରେ ସଫଳ ହୋଇଥିଲା । ଶ୍ରମିକ ସର୍ଦ୍ଦାର ଘନଶ୍ୟାମ ଶବର ଓ ଗାଡି ଚାଳକ ତଓ୍ୱାସିର୍ ମହମ୍ମଦଙ୍କୁ ଘଟଣା ସ୍ଥଳରୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ଶ୍ରମିକମାନଙ୍କୁ ବେଆଇନ ବଇନା ଦେଇ ବିଜୟୱାଡାକୁ ଚାଲାଣ କରାଯାଉଥିବା ସୂଚନା ମିଳିଛି । ଘଟଣାରେ ବ୍ୟବହୃତ ବୋଲେରୋ ଗାଡିକୁ ମଧ ପୋଲିସ ଜବତ କରିଛି । ଏନେଇ ଖପ୍ରାଖୋଲ ଥାନା କେସ ନଂ ୨୬୭/୨୦୨୫ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ତଦନ୍ତରେ ପ୍ରକାଶ ହୋଇଛି ଯେ, ଦୁଇ ଅଭିଯୁକ୍ତ ନୂଆପଡା ଜିଲ୍ଲାର କୋମନା ଥାନା ଅଧୀନସ୍ଥ ସୁଖଲିମୁଣ୍ଡା ଗ୍ରାମର ବସିନ୍ଦା । ଉଦ୍ଧାର ହୋଇଥିବା ସମସ୍ତ ଶ୍ରମିକମାନେ ନୂଆପଡା ଜିଲ୍ଲା ପାଇକମାଲ ଅଂଚଳର ବୋଲି ଖପ୍ରାଖୋଲ ପୋଲିସ ଜଣାଇଛି । ଏହି ଆପତ୍‌କାଳୀନ ଅଭିଯାନର ନେତୃତ୍ୱ ନେଇଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତରଙ୍କ ସମୟୋଚିତ ପଦକ୍ଷେପ ବେଆଇନ ଦାଦନ ଶ୍ରମିକ ଚାଲାଣ ପ୍ରତି ରୋକ ଲଗାଇବାର ଉଦ୍ୟମ ସ୍ୱାଗତଯୋଗ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଖଡିଆଳ କ୍ରିକେଟ ଏବଂ ସ୍ପୋର୍ଟ ସଂଘ ପକ୍ଷରୁ ତୃତୀୟ ଫୁଟବଲ ମହାକୁମ୍ଭ ଶୁଭ ଉଦ୍ଘାଟିତ

ନୂଆପଡ଼ା,୧୯/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆ ଠାରେ ଖଡିଆଳ କ୍ରିକେଟ ଏବଂ ସ୍ପୋର୍ଟ ସଂଘ ପକ୍ଷରୁ ତୃତୀୟ ଫୁଟବଲ ମହାକୁମ୍ଭ ଶୁଭ ଉଦ୍ଘାଟିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଯୁବ କ୍ରୀଡାବିତଙ୍କୁ ସୁଯୋଗ ପ୍ରଦାନ ପ୍ରୟାସ ମାତ୍ର ବୋଲି କହିଥିଲେ । ସୁଯୋଗ ଦେଲେ ଅଞ୍ଚଳରେ ପ୍ରତିଭା ଅଛନ୍ତି ଓ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ଦକ୍ଷତା ମଧ ଅଛି ବୋଲି ପ୍ରକାଶ କରିଥିଲେ । ଆଜି ଠାରୁ ଆସନ୍ତା ୪ ଡିସେମ୍ବର ପର୍ଯ୍ୟନ୍ତ ଏହି ଫୁଟବଲ ମହାକୁମ୍ଭ ଅନୁଷ୍ଠିତ ହେବ । ଏହି ଫୁଟବଲ ମାହାକୁମ୍ଭରେ ମୋଟ ୬୯ ଗୋଟି ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଅଛି । ବୋଡ଼େନ, ସିନାପାଲି ଏବଂ ଖଡିଆଳ ବ୍ଲକର ୬୮ ଗୋଟି ପଞ୍ଚାୟତରୁ ଗୋଟିଏ ଲେଖାଏଁ ଦଳ ଯୋଗ ଦେବା ସହ ଖଡିଆଳ ଏନଏସିର ଗୋଟିଏ ଦଳ ଯୋଗ ଦେବେ । ଆସନ୍ତା ଡ଼ିସେମ୍ବର ୪ ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି, ଆଇନଜୀବୀ, ସମାଜସେବୀ, କ୍ରୀଡାବିତ୍, ସାମ୍ବାଦିକ, ଜନସାଧାରଣ, ଖେଳ ପ୍ରେମୀ ଦର୍ଶକ ମାନେ ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନ ଦୁଇ ଗୋଟି ମେଚ ଅନୁଷ୍ଠିତ ହେବ । ଏହି ସବୁ ଖେଳ ଫ୍ଲଡ ଲାଇଟ୍ ରେ ଅନୁଷ୍ଠିତ ହେବ । ପ୍ରଥମ ଦିନରେ ପ୍ରଥମେ ସିନାପାଲି ଓ ରୋକାଲ ଫୁଟବଲ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ସିନାପାଲି ଦଳ ରୋକାଲ ଦଳକୁ ଦୁଇଗୋଟି ଗୋଲ ଦେଇ ସିନାପାଲି ଦଳ ବିଜୟ ଲାଭ କରିଥିଲା । ଦ୍ୱିତୀୟ ମେଚ ଖଡିଆଳ ବ୍ଲକ ବରଗାଁ ଓ ବୋଡ଼େନ ବ୍ଲକ ଲରକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ରେଫରି ଭାବେ ତାପସ କୁମାର ପତି, ବଳରାମ ସରାଫ, ନିଲୁ ଭୋଇ, ଅମୂଲ୍ୟ ବାରିକ, ସ୍କୋର ରେ ବେଦାନ୍ତ ପ୍ରଧାନ, ଧାରା ବିବରଣୀ ପ୍ରକାଶ ଚନ୍ଦ୍ର ପାତ୍ର, ଧନଞ୍ଜୟ ମଲ୍ଲିକ, ଜଗଦୀଶ ନାଗ, ଭିମରାଜ ତାଣ୍ଡି, ବିପିନ ବିହାରୀ ବିଶି, ସହଯୋଗୀ କରିଥିବା ବେଳେ ସ୍କୋରର ଅନ୍ୱେଶ ମହାପାତ୍ର, ଆଧାର ଭେରିଫିକେଶନରେ ଗୋବିନ୍ଦ ପଣ୍ଡା ଓ ରୂପେଶ ଛତ୍ରିଆ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ବିଦ୍ୟାଳୟକୁ ପୋଷାକ ଦେବାରେ ଚଂଚକତା ଅଭିଯୋଗ

କେନ୍ଦ୍ରାପଡ଼ା,୧୯/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଶିକ୍ଷା ବିଭାଗ ଅଧିନରେ ଥିବା ବିଦ୍ୟାଳୟ ଗୁଡିକରେ ପୋଷାକ ଦେବାପାଇଁ ଟେଣ୍ଡର ହେବାପରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ଆବେଦନ କରାଯାଇଥିଲା । ଆଳିର ସାନ୍ ସ୍ୱୟଂ ସହାୟିକା ଗୋଷ୍ଠୀ, ମା ଜାଡି ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଭୃତି କେତେକ ସ୍ୱୟଂ ସହାୟିକା ଗୋଷ୍ଠୀ ପୋଷାକ ସଂଗ୍ରହ କରି ବିଦ୍ୟାଳୟ କୁ ଯୋଗାଇ ଦେବାକୁ ଥିବାବେଳେ ସଂପୃକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପୋଷାକ ନେବାକୁ ମନା କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ପୋଷାକ କ୍ରୟ ନକରି ସାମଲ ଏଣ୍ଟରପ୍ରାଇଜର୍ସ, ଗିରିବନ୍ଧର ଶ୍ରୀମନ୍ଦିର ବସ୍ତ୍ରାଳୟ ପ୍ରଭୃତି ବ୍ୟବସାୟୀ ସଂସ୍ଥା ଠାରୁ ପୋଷକ ନେବାକୁ ନିର୍ଦ୍ଦେଶ ଦେଇଥିବାରୁ ପୋଷାକ ସଂଗ୍ରହ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ନିରାଶ ହୋଇ ପଡିଛନ୍ତି । ସେମାନଙ୍କର ପ୍ରଚୁର ଆର୍ଥିକ କ୍ଷତି ଘଟୁଥିବା ଜାଣିବା ପରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ସାଙ୍ଗରେ ଆଣିଥିବା ପୋଷାକ ଗୁଡିକୁ ଅଫିସ ଆଗରେ ଫୋପାଡି ଧାରଣାରେ ବସିଥିଲେ । ଏଭଳି ଚଂଚକତା ପୂର୍ବକ କାର୍ଯ୍ୟର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ନିସାତ ପରୱିନ, ସୁହାନା ବେଗମ, ସୁଲତାନା ବିବି, ପାକିଜା ବିବି, ସୁଲେହା ବିବି, ଗୀତାଞ୍ଜଳୀ ବିଶ୍ୱାଳ, ବାସନ୍ତୀ ରାଉତ, ନୟନା ରାଉତ, ସ୍ମୃତିରେଖା ରାଉତ, ସବିହା ନାଜରିନ, ଫାତମା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣିକୋଇଲି ଟ୍ରାଫିକ ସମସ୍ୟାର ସୁଧାର ପାଇଁ ଜବରଦଖଲ ଉଚ୍ଛେଦ ପୂର୍ବରୁ ଜାତୀୟ ରାଜପଥ କଡରୁ ମାପ

କୋରେଇ,୧୮/୧୧ (ନି.ପ୍ର): ପାଣିକୋଇଲି ଛକରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି । ତୃଟିପୂର୍ଣ୍ଣ ଯାତାୟତ ବ୍ୟବସ୍ଥା ଓ ଟ୍ରାଫିକ ନିୟନ୍ତ୍ରଣ ନଥିବାରୁ ଦୈନିକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପଟେ ପରିବହନ ବିଭାଗ ଶୂନ ମୃତ୍ୟୁହାର ସପ୍ତାହ ପାଳନ କରୁଥିବା ବେଳେ ଅନ୍ୟପଟେ ଟ୍ରାଫିକ ସୁଧାର ଦିଗରେ ନିରବତା ଅବଲମ୍ବନ କରୁଛି । ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୧୬ ଓ ୨୦ ମିଶ୍ରଣସ୍ଥଳୀ ପାଣିକୋଇଲି ବଜାର ମଧ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମୋଟର ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ବହୁ ଧନଜୀବନ ଅକାରଣରେ କ୍ଷତିଗ୍ରସ୍ତ ହେଉଛି । ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହେବା ପରେ ଗତ ଅକ୍ଟୋବର ୨୩ ତାରିଖ ଦିନ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପାଣିକୋଇଲି ବଜାର ପରିଦର୍ଶନ କରିବା ସହିତ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ଶ୍ରୀ କର ସୂଚନା ଦେଇଥିଲେ । ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୭ ତାରିଖ ଦିନ ଉଭୟ ରାଜପଥର ପଥରପଦା ଓ ଅଳତିରି ମୌଜାର କଡକୁ ରାଜପଥ ସମ୍ପ୍ରସାରଣ ପାଇଁ ମାପ କରାଯାଇ ସରକାରୀ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ କରିଥିଲେ । ତେବେ ଏ ନେଇ ୨ ଦିନ ହେବ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ରାଜପଥ ବିଭାଗର ରାଜସ୍ୱ ଅଧିକାରୀ ଶୈଳେନ୍ଦ୍ର ମହାନ୍ତି, ରାଜପଥ ବିଭାଗର ରାଜସ୍ୱ ନିରୀକ୍ଷକ ଗୋବିନ୍ଦ ସ୍ୱାଇଁ, ତହସିଲର ରାଜସ୍ୱ ସୁପରଭାଇଜର ଧନେଶ୍ୱର ସାହୁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କାଟେ ପୁର୍ତୀ, ଅମୀନ ବିକାଶ ରାଉତ, ଅକ୍ଷୟ ପାଢୀ ସମେତ ପାଣିକୋଇଲି ବଜାରର କଟକ ବସଷ୍ଟପ ପଟକୁ ମାପଚୁପ କରିଥିଲେ । ୧୭ ତାରିଖ ଅଳତିରି ମୌଜା ମାପ କରାଯାଇଥିବା ବେଳେ ଆଜି ପଥରପଦା ମୌଜାର ପାଣିକୋଇଲି ଥାନା ଠାରୁ ବଜାର ରଂଜନ ସୁଇଟ୍ସ ପର୍ଯ୍ୟନ୍ତ ମାପ କରାଯାଇଛି । ଆହୁରି ଦୁଇ ଦିନ ମାପ ଚାଲିବ ବୋଲି ସୂଚନା ମିଳିଛି । ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ନିର୍ମଳ ରାଉତଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ଥିଲେ । ଅପରପକ୍ଷେ ମାପଚୁପ ପରେ ବଜାର ଦୋକାନ କରି ଗୁଜୁରାଣ ମେଂଟାଉଥିବା ଉଠା ଦୋକାନି ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଜୀବିକା ହରାଇବାର ଭୟ ଘାରିଛି । ଉଠା ଦୋକାନି ମାନଙ୍କୁ ହଟାଇବା ପୂର୍ବରୁ ସେମାନଙ୍କ ପାଇଁ କିଛି ବନ୍ଦୋବସ୍ତ କରାଇବାକୁ ସାଧାରଣରେ ଦାବି ହୋଇଛି ।

# ଅଗ୍ନିପଥ ଯୋଜନା ଅଧୀନରେ ସେନା ନିଯୁକ୍ତି ରାଲି

ବଲାଙ୍ଗୀର,୧୯/୧୧ (ନି.ପ୍ର): ଓଡ଼ିଶାର ସମସ୍ତ ଜିଲ୍ଲାର ଅଗ୍ନିବୀର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ୨୯ ନଭେମ୍ବର ୨୦୨୫ରୁ ୦୫ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ ସମ୍ବଲପୁର(ଓଡିଶା) ର ଜମାଦାରପାଲି, ଏୟାରଷ୍ଟ୍ରିପ୍‌ରେ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଂଟ୍ରାନ୍ସ ପରୀକ୍ଷାର ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି । ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କର ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି । ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗଦାନ କରି ସେମାନଙ୍କର ପ୍ରୋଫାଇଲ୍‌ରେ ନିଯୁକ୍ତି ରାଲି ପାଇଁ ସେମାନଙ୍କର ପ୍ରବେଶ ପତ୍ର ମଧ ଡାଉନଲୋଡ୍ କରିପାରିବେ । ପ୍ରାର୍ଥୀମାନେ ସମ୍ବଲପୁର (ଓଡ଼ିଶା)ର ସେନା ନିଯୁକ୍ତି କାର୍ଯ୍ୟାଳୟର ଯୋଗାଯୋଗ ନମ୍ବର ୦୬୬୩-୨୯୫୦୩୫୯ ଏବଂ ୦୬୬୩-୨୫୨୦୮୪୫ ରେ ସେନା ନିଯୁକ୍ତି ରାଲି ସମ୍ବନ୍ଧୀୟ ଯେକୌଣସି ସୂଚନା/ ପ୍ରଶ୍ନ ପାଇଁ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର କରନ୍ତୁ ନାହିଁ, ଯାହା ଦ୍ୱାରା ସେମାନେ ଟାଉଟ୍/ ଏଜେଂଟଙ୍କ ଘୃଣ୍ୟ କାର୍ଯ୍ୟକଳାପର ଶିକାର ନହୁଅନ୍ତି । ଏପରି ଯେକୌଣସି ଘଟଣା ଦୃଷ୍ଟିରେ ଆସେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ ନିଯୁକ୍ତି କର୍ମଚାରୀଙ୍କୁ ରିପୋର୍ଟ କରାଯିବା ଉଚିତ । ସମ୍ବଲପୁର(ଓଡ଼ିଶା)ସ୍ଥିତ ସୈନ୍ୟ ନିଯୁକ୍ତି କାର୍ଯ୍ୟାଳୟ ନିଯୁକ୍ତି ରାଲି ସମୟରେ ଏପରି ଟାଉଟ୍/ ଏଜେଂଟ ଏବଂ ଅପବ୍ୟବହାରକାରୀଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ଦ୍ୱାରା କଠୋର ପଦକ୍ଷେପ ନିଆଯାଇଛି, ଯେଉଁମାନେ ଏଥିପାଇଁ ସହଯୋଗ ପାଇଛନ୍ତି ବୋଲି ସେନା ନିଯୁକ୍ତ କାର୍ଯ୍ୟାଳୟ ସମ୍ବଲପୁର(ଓଡିଶା) ପ୍ରେସ୍ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି ।

# ପାଣିକୋଇଲି ପୁଲିସ ପକ୍ଷରୁ ବାଂଲାଦେଶୀ ଚିହ୍ନଟ ପକ୍ରିୟା ଆରମ୍ଭ

କୋରେଇ,୧୮/୧୧ (ନି.ପ୍ର): ସାରା ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଉକ୍ତ ଅନୁପ୍ରବେଶକାରୀ ମାନେ ରାଜ୍ୟର ଢିଲା ଆଇନ ଶୃଙ୍ଖଳା ବ୍ୟବସ୍ଥାର ଗଳାବାଟ ମଧ ଦେଇ ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମ ଭଳି ସଙ୍ଗୀନ ଅପରାଧ କରି ପୁଣି ନିଜ ଦେଶକୁ ଫେରାର ହୋଇଯାଉଛନ୍ତି । କେନ୍ଦୁଝର ଜିଲ୍ଲାରେ ଆଦିବାସୀ ସଂପ୍ରଦାୟର ଏକ ଦିବ୍ୟାଙ୍ଗ ନାବାଳିକାକୁ ଜଣେ ମୁସଲିମ ସଂପ୍ରଦାୟର ବାଂଲାଦେଶୀ ଅନୁପ୍ରବେଶକାରୀ ଦୁଷ୍କର୍ମ କରିବା ପରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲ୍ଲା ବନ୍ଦ ଡ଼ାକରା ଦିଆଯାଇଛି । ଏ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଲାଗି ରାଜ୍ୟର ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ନିର୍ଦ୍ଦେଶ ବଳରେ ଯାଜପୁରର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନେତୃତ୍ୱରେ ସବଇନିସପକ୍ଟରେ ପ୍ରଶାନ୍ତ କୁମାର ଦାଶ, ଏଏସଆଇ ସୋମନାଥ ରାଉତ, ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ଥାନା ଅଂଚଳରେ ବିଭିନ୍ନ ସ୍ଥାନରେ ଚଢଉ କରି ଦଶ ଜଣଙ୍କୁ ଥାନାରେ ଅଟକ ରଖିଥିଲେ ।

# ବେତନଟୀର ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ବାର୍ଷିକ ଉତ୍ସବ



ବେତନଟୀ, ୧୯/୧୧ (ନି.ପ୍ର): ବେତନଟୀର ଶ୍ରୀଶ୍ରୀଜଗନ୍ନାଥମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ମଣ୍ଡପ ସଂସ୍କାର, ଅଙ୍କୁରାରୋପଣ, ମଣ୍ଡଳକରଣ ବିଧି ସମ୍ପାଦନ କରାଯାଇଥିବା ବେଳେ ବୁଧବାର ସକାଳେ ଜଳଯାତ୍ରା, ସୂର୍ଯ୍ୟପୂଜା, ବ୍ରାହ୍ମଣ ବରଣପରେ ଯଜ୍ଞମଣ୍ଡପରେ ପୂଜାର୍ଚ୍ଚନା, ଅଗ୍ନିସଂସ୍କାର, ଆଳତୀ, ପୁଷ୍ପାଞ୍ଜଳୀ, । ଏବଂ ଶାନ୍ତିପାଠ ପୂର୍ବକ ଦ୍ୱିତୀୟଦିନର ପୂଜାବିଧ ସମାପିତ ହୋଇଥିଲା। ବୁଧବାର ସକାଳେ ଆୟୋଜିତ ଜଳଯାତ୍ରା ଅର୍ଥାତ କଳସଯାତ୍ରାରେ ୧୦୮ ମହିଳାଙ୍କ ସମେତ ଯଜ୍ଞକର୍ତ୍ତା ଏବଂ ଶ୍ରଦ୍ଧାଳୁଗଣ ସାମିଲ ହୋଇଥିଲେ । ଅନୁରୂପ ଭାବେ ଗୁରୁବାର ସକାଳେ ସୂର୍ଯ୍ୟପୂଜାରୁ ତୃତୀୟଦିନର କର୍ମାରମ୍ଭ କରାଯିବା ସହିତ ଗୋ-ପୂଜା, ମଣ୍ଡପରେ ପୂଜାର୍ଚ୍ଚନା, ଚତୁର୍ଦ୍ଧାମୂର୍ତ୍ତିଙ୍କ ଷୋଡଶ ଉପଚାର ପୂଜା, ମହାଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଜପ, ଯଜ୍ଞ, ଆଳତୀ, ପୁଷ୍ପାଞ୍ଜଳୀ ପୂର୍ବକ ଶାନ୍ତିପାଠରେ ପୂଜାବିଧ ସମପାନ ହେବ । ସେହିଭଳି ଉଦଯାପନୀ ତଥା ଶୁକ୍ରବାର ମଧ ସୂର୍ଯ୍ୟପୂଜାରୁ ବିଧି ଆରମ୍ଭ ହୋଇ ଗୋ-ପୂଜା, ପଞ୍ଚମଣ୍ଡପରେ ପୂଜାର୍ଚ୍ଚନା, ଅଭିଷେକ, ଚଣ୍ଡୀପାଠ, ଜପ, ଯଜ୍ଞକର୍ମ, ଆଳତୀ, ପୁଷ୍ପାଞ୍ଜଳୀ ପରେ ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତୀ ହେବାନେଇ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ପଣ୍ଡିତ ପର୍ଶୁରାମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ବୈଦିକ ବିଧିବିଧାନ ଅନୁସାରେ ଯଥାବିଧ ସମସ୍ତ ପୂଜାକାର୍ଯ୍ୟ ବେଦଜ୍ଞ ବ୍ରାହ୍ମଣ ମଣ୍ଡଳୀ ଦ୍ୱାରା ସମ୍ପାଦନ କରାଯାଉଥିବା ବେଳେ ଆୟୋଜକ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରୁଛନ୍ତି। ଏଥିରେ ବେତନଟୀ ସମେତ ଆଖପାଖ ଅଞ୍ଚଳ ମାନଙ୍କରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ଉଦଯାପନୀ ଅର୍ଥାତ ଶୁକ୍ରବାର ଅପରାହ୍ନରୁ ଆରମ୍ଭ ହେବାକୁ ଯାଉଥିବା ସାମୁହିକ ପ୍ରସାଦସେବନ ବ୍ୟବସ୍ଥାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଏବଂ ସୁପରିଚାଳନା ପାଇଁ ଆୟୋଜକ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରକାର ବନ୍ଦବସ୍ତ କରାଯାଇଛି।

# ପତ୍ରିପାଳ ପଞ୍ଚାୟତରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ



ରେମୁଣା , ୧୯/୧୧ (ନି.ପ୍ର): ବୁଧବାର ସକାଳ ୧୦ ଘଟିକା ସମୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ପତ୍ରିପାଳ ପଞ୍ଚାୟତରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସର୍ବପ୍ରଥମେ ବିକଶିତ ଗାଁ ବିକଶିତ ଓଡିଶା ଅନ୍ତର୍ଗତ ଚାରି ଲକ୍ଷ ଟଙ୍କାରେ ନିର୍ମିତ ଗୋକୁଳ ଚନ୍ଦ୍ର ଘର ଠାରୁ ହରିଶ ଚନ୍ଦ୍ର ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ଡ୍ରେନ ପ୍ରକଳ୍ପର ଶୁଭ ଉଦଘାଟନ ଓ ଅନ୍ଧାରୀ ମଙ୍ଗଳା ଭୋଗ ମଣ୍ଡପ ନିର୍ମାଣ ନିମନ୍ତେ ପ୍ରଦତ୍ତ ଆଠ ଲକ୍ଷ ଟଙ୍କା ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ କନକଦୁର୍ଗା ମନ୍ଦିର ଉନ୍ନତିକରଣ ନିମନ୍ତେ ପ୍ରଦତ୍ତ ଦଶ ଲକ୍ଷ ଟଙ୍କା ଓ ଭୀମେଶ୍ୱର ହନୁମାନ ମନ୍ଦିର ଉନ୍ନତିକରଣ ନିମନ୍ତେ ପ୍ରଦତ୍ତ ପାଞ୍ଚ ଲକ୍ଷ ଟଙ୍କା ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା, ବିଧାୟକ ଉନ୍ନୟନ ପାଣ୍ଠିରୁ ମା' ମଙ୍ଗଳା ଯୁବକ ସଂଘ ଉନ୍ନତିକରଣ ନିମନ୍ତେ ପ୍ରଦତ୍ତ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ପ୍ରକଳ୍ପର ଶୁଭ ଭିତ୍ତପ୍ରସ୍ତର ସ୍ଥାପନ, ପର୍ଯ୍ୟଟନ ବିଭାଗ ତରଫରୁ ଭୀମେଶ୍ୱର ପାର୍କ, ପାଣି ସପ୍ଲାଏ, ପାର୍କିଂ ଇତ୍ୟାଦି ନିମନ୍ତେ ପ୍ରଦତ୍ତ ଦଶ ଲକ୍ଷ ଟଙ୍କା ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବହୁଦିନରୁ ଆଶା ପୁରଣ ହେବ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ରେମୁଣା ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଗିରିଧାରୀ ଦାସ, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଦେବେନ୍ଦ୍ର ମଣ୍ଡଳ, ଚିତ ବେହେରା, ଅବଦୁଲ ୱାହିଦ, ତ୍ରିଲୋଚନ ପ୍ରଧାନ, ଜୟକୃଷ୍ଣ ସାହୁ, ଜଗନ୍ନାଥ ଦାସ, ଜୟକୃଷ୍ଣ ଜେନା, ଅମୂଲ୍ୟ କୁମାର ଦାସ, ସୁକାନ୍ତ ଗୁଛାୟତ, ଅତୁଲ କୁମାର ଦାସ, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରା ବିକାଶ ଯାତ୍ରା ଅବସରରେ ଜଣା ଅଜଣା ପ୍ରତିଯୋଗିତା

ଉଦଳା, ୧୯/୧୧ (ନି.ପ୍ର): ପାଶ୍ଚାତ୍ୟ ଦୁନିଆର ଭାଷା, ସଂସ୍କୃତି ଓ ପରମ୍ପରା ଆମ ଅଂଚଳକୁ ପ୍ରବେଶ କରିବା ପରେ ଦିର୍ଘ ବର୍ଷ ଧରି ପ୍ରଚଳିତ ଥିବା ଆମ ନିଜ ଅଂଚଳର ଭାଷା, ସଂସ୍କୃତି ଓ ପରମ୍ପରା ବହୁଳ ଭାବରେ ପ୍ରଭାବିତ ହୋଇଛି । ଏପରିକି କିଛି ଭାଷା, ସଂସ୍କୃତି ଓ ପରମ୍ପରା ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସୁଛି । ଅତିତରେ ଆମର ଭାଷା, ସଂସ୍କୃତି ଓ ପରମ୍ପରା ହିଁ ଥିଲା ଆମର ବାସ୍ତବ ପରିଚୟ । ଏଗୁଡ଼ିକ ହଜିଗଲେ ଆମେ ଆମର ପରିଚୟ ଭୁଲିଯିବୁ ଏଥିରେ ସନ୍ଦେହ ନାହିଁ । ତେବେ ଆମର ବାସ୍ତବ ପରିଚୟକୁ ଭୁଲିନଯିବା ସହିତ ଆମର ଭାଷା, ସଂସ୍କୃତି ଓ ପରମ୍ପରା ଗୁଡ଼ିକୁ ବଂଚାଇ ରଖିବା ପାଇଁ ଆତ୍ମଶକ୍ତି ଟ୍ରଷ୍ଟ ତରଫରୁ ଆରମ୍ଭ ହୋଇଛି ଉଦ୍ୟମ । ଆଦିବାସି ପରମ୍ପରା ବିକାଶଯାତ୍ରା ନାମରେ ପୁଣିଥରେ ସେହି ହଜିଲା ଦିନର କଥା ଗୁଡ଼ିକୁ ପୁନରାବୃତି କରିବା ପାଇଁ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ଓଡ଼ିଶା ଶ୍ରମଜିବି ମଂଚ ଓ ମହିଳା ଶ୍ରମଜିବି ମଂଚ ଭୁବନେଶ୍ୱର ନେଇଥିବା ବେଳେ ମୟୂରଭଂଜରେ 'ଜନଜାଗୃତି ମଂଚ' ଏହାର ମଙ୍ଗ ଧରିଛି । ଚଳିତ ନଭେମ୍ବର ୧୫ ତାରିଖ ବିର୍ଷାମୁଣ୍ଡାଙ୍କ ଜୟନ୍ତି (ଜନଜାତି ଗୌରବ ଦିବସ) ଦିନ ଠାରୁ ଉକ୍ତ ଯାତ୍ରା ମଂଚର ଉଦ୍ୟମରେ ଆରମ୍ଭ ହୋଇ ଆଜି ୧୯ ତାରିଖ ବୁଧବାର ଦିନ ୫ମ ଦିବସରେ ପହଂଚିଛି । ଏହି ଅବସରରେ ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଆଡ଼ାଘୁଟୁ ଗ୍ରାମ ଠାରେ ଗୋଷ୍ଠୀ ଜଣାଅଜଣା ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ମଂଚର ଟିମ ଲିଡ଼ର ଗଦାଧର ଦାଶ ପ୍ରତିଯୋଗିତା ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରି ପ୍ରଜ୍ଞା ପଦ୍ମଗନ୍ଧା ଦାସବାବୁ ଓ ମିନତି ମହାନ୍ତ ଗ୍ରାମବାସୀଙ୍କ ସହ ଅଂଶ ଗ୍ରହଣ କରିଥିଲେ । ମଂଚର ସଦସ୍ୟ ରୁପାଏ ବାସ୍କେ, ରାମଚନ୍ଦ୍ର ସିଂ, କୌଳାଶ ନାୟକ, କାରୁକର ମୁର୍ମୁ, ସସ୍ମିତା ମଡ୍ଢେଇ, ରବିନ୍ଦ୍ର ଖଣ୍ଡେଇ, ମଂଜୁଲତା ବାରିକ, ଅଭିଲିପ୍ସା ପୃଷ୍ଟି ଓ ସୁବ୍ରତ ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିବାର ଜଣାଯାଇଛି । ଦିଲ୍ଲିରୁ ସୋଫି ଆକାଇଜାମଙ୍କ ନେତୃତ୍ୱରେ ଏକ ଚଳଚିତ୍ର ସୁଟିଂ ଦଳ ମଧ ଏଠାକୁ ଆସିଛନ୍ତି । ଏଠାରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ସେମାନେ ସୁଟିଂ କରି ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଛନ୍ତି ।

# ଜଳେଶ୍ୱର କଂଗ୍ରେସ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କର ଜନ୍ମଜୟନ୍ତୀ ପାଳିତ



ଜଳେଶ୍ୱର, ୧୯/୧୧ (ନି.ପ୍ର): ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଜଳେଶ୍ୱର କଂଗ୍ରେସ ତରଫରୁ ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କର ଜନ୍ମଜୟନ୍ତୀ ସ୍ଥାନୀୟ ଜଳେଶ୍ୱର ନୂଆବଜାର ସ୍ଥିତ ଭଞ୍ଜ ଭବନରେ ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଇନ୍ଦିରା ଗାନ୍ଧୀଙ୍କର ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ,ବରିଷ୍ଠ କଂଗ୍ରେସ ନେତା ଫରିଦ ଅହମଦ,ପୂର୍ବତନ କିସାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ହେମନ୍ତ ଗିରି, ଯୁବ କଂଗ୍ରେସ ନେତା ହରିଶଙ୍କର ଜେନା, ଆଶିଷ ଘୋଷ, ସରୋଜ ଦାସ, ସନ୍ଦୀପ ଜେନା, ଶ୍ରୀକାନ୍ତ ସିଂ,ଦୀପକ ପାତ୍ର, ପଦ୍ମଲୋଚନ ବେହେରା, ନୟନ ପାଠୀ , ଜଗନ୍ନାଥ ରାଉଳ, ଶଶାଙ୍କ ଦଣ୍ଡପାଟ, ତାରାପଦ ପାଲ ଏବଂ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।ଶେଷରେ ସୁଦାମ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## AFFIDAVIT

By virtue of affidavit befor the Executive Magistrate -cum- Tahasildar,Baliapal, Balasore Shripati Jena s/o Surendra Jena village of Rautura,po-Pratappur,ps-Baliapal, Balasore declare that my daughter Aadhar card name is Rojee Jena,father of Radhamani Jena.But correct name is Adyasha Jena, mother's name is Radhamani Jena & father's name Sripati Jena.My daughter name is Adyasha Jena & Rojee Jena D/o Sripati Jena bearing Aadhar card no 258663747314 is one and same person. Henceforth this affidavit will support to produce before the central Govt.,state Govt.& Private sector for the purpose of correction when as required.

Shripati Jena


# ଗହିର ସିମୁଳିଆ ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ



ମଥାନି , ୧୯/୧୧ (ନି.ପ୍ର): ଗହିର ସିମୁଳିଆ ଗ୍ରାମ ନିବାସୀ ମୁନି ରବିନ୍ଦ୍ର ମହାପାତ୍ରଙ୍କ ନୂତନ ଗୃହ ପ୍ରବେଶ ଉପଲକ୍ଷେ ଏକ ବ୍ରହ୍ମଯଜ୍ଞ ତାଙ୍କ ନୂତନ ପ୍ରାସାଦରେ, ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନି,ସମ୍ମାନୀତ ଅତିଥି ଆତ୍ମଜ୍ଞାନୀ ଯୋଗୀ ଅନ୍ତର୍ଯ୍ୟାମୀ ଚାଉଳ, ଯୋଗ ଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି, ଯୋଗୀ ସୃଷ୍ଟିଧର ନାୟକ ଏବଂ ମୁଖ୍ୟବକ୍ତା ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମା ନନ୍ଦ ବାରିକ, ସମ୍ମାନୀତ ବକ୍ତା ସୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ, ପରିବାରର ସମସ୍ତଙ୍କୁ ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ମୁନି ସଙ୍ଗୀତ ଗାନ କରିଥିଲେ ଆତ୍ମଜ୍ଞାନୀ ମୁନିମତୀ ରୁକ୍ମଣୀ ନାୟକ ମହୋଦୟା ।ଉପସ୍ଥିତ ଥିଲେ- ମୁନିରାଜ ଆତ୍ମଜ୍ଞାନୀ ଚନ୍ଦ୍ର ମୋହନ ମହାନ୍ତି,ମୁନି ରବିନ୍ଦ୍ର ମହାପାତ୍ର, ଶୁକ୍ରାଚାର୍ଯ୍ୟ ମହାପାତ୍ର, ତପନ କୁମାର ପରିଡା, ଲକ୍ଷ୍ମୀଧର ବେହେରା, ଧୀରେନ୍ ବେହେରା, କାର୍ତ୍ତୀକ ବେହେରା, ବରେନ୍ଦ୍ର ରାଉଳ, ନବକାନ୍ତ ବେହେରା ଏବଂ ମୁନିମତୀ ମିନତୀ ମହାପାତ୍ର, ପୂର୍ଣ୍ଣିମା ପରିଡା, ଅନିମା ମହା ପାତ୍ର,ପରୀ ପରିଡା, ସାଗରିକା ପରିଡା,ମିତାରାଣୀ ବେହେରା, ସ୍ମୃତି ରେଖା ବେହେରା, ମଞ୍ଜି ଲତା ଦାସ, ଗୁରୁବାରୀ ଦାସ, ଅପୂର୍ବ ଗିରି, ସୁଚିତ୍ରା ହିଁ ସଦା, କନକଲତା ମଲ୍ଲୀକ, ବାସନ୍ତୀ ହେମ୍ରମ୍, ସିତା ମୁର୍ମୁ, ବାସନ୍ତୀ ବେହେରା, ଇନ୍ଦ୍ରମଣୀ ମହାପାତ୍ର, ଭାନୁମତୀ ଦେହେରା, ଭାରତୀ ବେହେରା ପ୍ରମୁଖ । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ଜଣେ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ,ସେ ନିଶ୍ଚିତରେ ସୁଖ-ଶାନ୍ତି ଆନନ୍ଦ ପାଇବା ସହିତ ଶାରୀରିକ ମାନସିକ ପାରିବାରିକ ଆର୍ଥିକ ଶାନ୍ତି ମଧ ପାଇପାରିବ ବୋଲି ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଶେଷରେ ଗୃହ କର୍ତ୍ତା ରବିନ୍ଦ୍ରମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ବିଦ୍ୟୁତ୍ ବିଭାଗ ଦ୍ୱାରା ବୃହତ ଫାଇନ ଛାଡ କ୍ୟାମ୍ପ ଅନୁଷ୍ଠିତ

ବସ୍ତା, ୧୯/୧୧ (ନି.ପ୍ର): ବସ୍ତା ଉପଖଣ୍ଡ(ବିଦ୍ୟୁତ)ଟି ପି ଏନ ଓ ଡି ଏଲ ବାହାର୍ଦ୍ଦା ସ୍ଥିତ ଏସ ଡି ଓ କାର୍ଯ୍ୟାଳୟ ଠାରେ ଏକ ବୃହତ ଫାଇନ ଛାଡ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା ।କ୍ୟାମ୍ପରେ ଏନଫୋର୍ଷମେଣ୍ଟ ଏସ ଇ ଦେବାଶିଷ ଜେନା,ବସ୍ତା ବିଦ୍ୟୁତ ବିଭାଗ ଏଡିଓ ଙ୍କ ତତ୍ତ୍ୱାବଧନରେ ୧୪ ଜଣଙ୍କ ଫାଇନ ଛାଡ ସହିତ ୨ ଲକ୍ଷ ୪ ହଜାର ଟଙ୍କା ଆଦାୟ ହୋଇଥିଲା। ଯାହାକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ବସ୍ତା ବିଦ୍ୟୁତ ବିଭାଗ ବସ୍ତା ଏସ ଡି ଓ ଙ୍କ କହିବା ଅନୁଯାୟୀ ଆଗକୁ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁଲିସ ଏସପିଙ୍କୁ ୮ଟି ...

ପାଇଁ ରାଜ୍ୟରେ ଶାନ୍ତି ଓ ସୁଶାସନର ପରିବେଶର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ମୁଖ୍ୟ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବା ପରେ ପୁଲିସରେ ବ୍ୟାପକ ଆଧୁନିକୀକରଣ କରାଯାଇଛି । ପୁଲିସରେ ମାନବସମ୍ବଳ ବୃଦ୍ଧି ଓ ସଂସ୍ଥାଗତ ସୁଦୃଢୀକରଣ ପାଇଁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ଗୃହ ସଚିବ ସତ୍ୟବ୍ରତ ସାହୁ କହିଥିଲେ ଯେ, ଜିଲ୍ଲାପାଳ ଓ ଏସପି ହେଉଛନ୍ତି ସରକାରଙ୍କ ଆଖି ଓ କାନ ସଦୃଶ, ତେଣୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରୀ । ପୁଲିସ ଡିଜି ୱାଇବି ଖୁରାନିଆ ସ୍ୱାଗତ ଭାଷଣରେ ସମ୍ମିଳିତ ପ୍ରୟାସ ଓ ତଥ୍ୟ ଆଦାନପ୍ରଦାନ ପ୍ରଯୁକ୍ତିବିଦ୍ୟା ଆଧାରିତ ନିରୀକ୍ଷଣ ପ୍ରଣାଳୀର ବିସ୍ତାର, ଆଇନଶୃଙ୍ଖଳାକୁ ଅଧିକ ସୁନିଶ୍ଚିତ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ ବୋଲି ଜଣାପଡ଼ିଛି ।

### ଭିଜିଲାନ୍ସ ଜାଲରେ...

କିନ୍ତୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସେ ଶୁଣି ନଥିଲେ। ତେଣୁ ବାଧ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲି। ସେ କହିଛନ୍ତି, ଆଜି ମୁଁ ଏଏସ୍ଆଇ ବିଜୟ କୁମାର ମହାନ୍ତଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲି। ସେଠାରୁ କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଫୋନ୍ କରିଥିଲି। ଫୋନ୍କୁ ମୁଁ ସ୍ପୀକରରେ ରଖିଥିଲି। ବିଜୟ କୁମାର ମହାନ୍ତଙ୍କୁ ୪୦ ହଜାର ଟଙ୍କା ଦେବା ପାଇଁ ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ମୋତେ କହିଥିଲେ। ମୁଁ ବିଜୟ କୁମାର ମହାନ୍ତଙ୍କୁ ୪୦ ହଜାର ଟଙ୍କା ଦେବା ପରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ପହଞ୍ଚି ତାଙ୍କୁ ଧରିଥିଲା। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ସୀତରାଣୀ ପଟ୍ଟାୟତ ୪ ମାସ ତଳେ କେନ୍ଦୁଝରର ଅବକାରୀ ଅଧୀକ୍ଷକ ଭାବେ ଦାୟିତ୍ୱ ନେଇଥିଲେ। ତା'ପରଠାରୁ ସେ ଅଭିଯୋଗକାରୀ ଲାଇସେନ୍ସ ପ୍ରାପ୍ତ ମଦ ଭେଣ୍ଡରଙ୍କୁ ତାଙ୍କ ବ୍ୟବସାୟ ସୁରୁଖୁରୁରେ ଚଲାଇବା ପାଇଁ ଲାଞ୍ଚ ମାଗୁଥିଲେ। ଅନ୍ୟ କୌଣସି ଉପାୟ ନପାଇ ଶେଷରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବିଜୟ କୁମାର ମହାନ୍ତ ଲାଞ୍ଚ ଅର୍ଥ ଗ୍ରହଣ କରି ପ୍ରଥମେ ତାଙ୍କ ପ୍ୟାଣ୍ଟ ପକେଟରେ ରଖିଥିଲେ। ପରେ ସେହି ଟଙ୍କାକୁ ଅଫିସ ଆଲମାରୀରେ ରଖିଥିଲେ। ଭିଜିଲାନ୍ସ ଟିମ୍ ଆଲମାରୀରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଥିଲା। ବିଜୟ କୁମାର ମହାନ୍ତଙ୍କୁ ଗିରଫ କରିବା ପରେ କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଲାଞ୍ଚ ନେଇ ଧରାପଡ଼ିବା ପରେ ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତଙ୍କ ୩ଟି ଠିକଣା ଓ ଏଏସ୍ ?ଆଇ ବିଜୟ କୁମାର ମହାନ୍ତଙ୍କ ୨ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେମାନେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଏହି ଚଢ଼ାଉ କରାଯାଇଛି।

### ଚାଷୀଙ୍କ ଆକାଉଣ୍ଟକୁ ...

ପିଏମ୍ କିଷାନ ସହିତ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ଦିଆଯାଉଛି । ୨୦୧୯ ଫେବୃଆରୀ ୨୪ରେ ଆରମ୍ଭ ହୋଇଥିଲା ପିଏମ କିଷାନ ଯୋଜନା । ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୩.୭୦ ଲକ୍ଷ କୋଟି ଟଙ୍କା ଚାଷୀଙ୍କୁ ଦିଆଯାଇସାରିଲାଣି ।

### ହାଇକୋର୍ଟରୁ ଧର୍ମେନ୍ଦ୍ର ...

ଅର୍ଡର୭ ରୁଲ ୧୧ ଓ ଜନ ପ୍ରତିନିଧି ଆଇନର ଧାରା ୮୬ରେ ଅନ୍ତରୀଣ ଆବେଦନ ଦାଖଲ କରାଯାଇ ନିର୍ବାଚନୀ ମୋକଦ୍ଦମାକୁ ଖାରଜ କରାଯାଉ ବୋଲି ଦର୍ଶାଯାଇଥିଲା। ନିର୍ବାଚନୀ ମାମଲାରେ ଜନପ୍ରତିନିଧି ଆଇନର ଧାରା ୮୧(୩) ଓ ୮୩ ପାଳନ କରାଯାଇ ନଥିବା ଅନ୍ତରୀଣ ଆବେଦନରେ ଉଲ୍ଲେଖ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମ୍ବଲପୁର ଆସନରୁ ବିଜେପି ପ୍ରାର୍ଥୀ ଶ୍ରୀ ପ୍ରଧାନ ୫ ଲକ୍ଷ ୯୨ ହଜାର ୧୬୨ ଖଣ୍ଡ ଭୋଟ ପାଇ ସାଂସଦ ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ୪ ଲକ୍ଷ ୭୨ ହଜାର ୩୨୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶ୍ରୀ ପ୍ରଧାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

### ଇସ୍ତଫା ଦେଲେ ନୀତୀଶ ...

୧୫ ବିଶିଷ୍ଟ ବ୍ୟକ୍ତି ଶପଥ ପାଠ ଉତ୍ସବରେ ଉପସ୍ଥିତ ରହିବେ ବୋଲି ତାଲିକା ପ୍ରକାଶ ପାଇଛି। ଏହି ୧୫ ଜଣିଆ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ୧ନଂରେ ରହିଛି। ଏହା ତଳକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ମହାରାଷ୍ଟ୍ର ମୁଖ୍ୟନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଓ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ନାଁ ରହିଛି। ଏମାନଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ଆରମ୍ଭ କରି ୟୁପି ଉପ ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ସମେତ ଆହୁରି ଅନେକ ହେଭିୱେଟ ଶପଥ ପାଠ ଉତ୍ସବରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

### ଅନମୋଲକୁ ୧୧ ଦିନିଆ ...

ଏନଆଇଏ କୋର୍ଟକୁ କହିଛି ଯେ ଅନମୋଲ ବିଷ୍ଣୋଇ ଏକ ଅପରାଧିକ-ଆତଙ୍କବାଦୀ ସିଣ୍ଡିକେଟର ଅଂଶ ଥିଲା, ଯାହା ଭାରତ ଏବଂ ବିଦେଶରେ ଅବସ୍ଥିତ । ଏହା ଅପରାଧିକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ କରିଥିଲା ଏବଂ ଯୁବକମାନଙ୍କୁ ନିଯୁକ୍ତି ଦେଇଥିଲା। ସେ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ହତ୍ୟାର ଷଡ଼ଯନ୍ତ୍ର କରିଥିଲା। ଆକ୍ରମଣ କରିବା ପରେ, ସେ ସୋସିଆଲ ମିଡିଆରେ ସେଗୁଡ଼ିକୁ ପ୍ରଚାର କରି ଆତଙ୍କ ପ୍ରସାର କରିଥିଲା। NIA ଦାବି କରିଛି ଯେ ଏହି ସମ୍ପୂର୍ଣ୍ଣ ନେଟୱାର୍କ ବବ୍ବର ଖାଲସା ଇଣ୍ଟରନ୍ୟାସନାଲ୍ ଭଳି ଆତଙ୍କବାଦୀ ସଂଗଠନ ସହିତ ଜଡିତ ଏବଂ ସେମାନଙ୍କର ଲକ୍ଷ୍ୟ ହେଉଛି ଦେଶରେ ଅସ୍ଥିରତା ଏବଂ ଭୟ ପ୍ରସାର କରିବା। ଏଜେନ୍ସି କହିଛି ଯେ ଅନମୋଲ ୨୦୨୨ ମସିହାରୁ ପଳାତକ ଥିଲେ। କୋର୍ଟ ତାଙ୍କୁ ଜାନୁଆରୀ ୨୦୨୫ରେ ପଳାତକ ମଧ ଘୋଷଣା କରିଥିଲେ।

### ଆନ୍ଧ୍ର-ଓଡ଼ିଶା ଇନଚାର୍ଜ ...

ତା' ଘର ଶ୍ରୀକାକୁଲମ ଅଞ୍ଚଳରେ। ସେ ମାଓବାଦୀ ସଂଗଠନରେ ଆନ୍ଧ୍ର-ଓଡ଼ିଶା ସୀମା(ଏଓବି) ଇନଚାର୍ଜ ଭାବେ କାମ କରୁଥିଲା। ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରଶସ୍ତ୍ର ତିଆରି ଓ ଯୋଗାଯୋଗ ଭଳି କ୍ଷେତ୍ରରେ ଶଙ୍କରର ବେଶ ଆଧିପତ୍ୟ ରହିଥିଲା। ସେ ଦୀର୍ଘ ୨୦ ବର୍ଷ ହେଲା ନକ୍ସଲ ସଂଗଠନ ସହ ଜଡ଼ିତ ରହିବା ସହ ଏକାଧିକ ହମଲାରେ ସାମିଥିଲା ବୋଲି ଆନ୍ଧ୍ର ଗୁଇନ୍ଦା ଏଡିଜି ମହେଶ ଚନ୍ଦ୍ର ଲାଧା ସୂଚନା ଦେଇଛନ୍ତି। ବାକି ମୃତକଙ୍କ ପରିଚୟ ଖୋଜା ଚାଲିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ୫୦ ଜଣ ସିପିଆଇ(ମାଓବାଦୀ) ଅପରେଟିଭ୍ସଙ୍କୁ କ୍ରିଷ୍ଣା, ଇଲୁରୁ, ଏନଟିଆର ବିଜୟୱାଡା, କାକିନାଡା ଓ ଡ. ବିଆର ଆମ୍ବେଦକର କୋନାସୀମା ଜିଲ୍ଲାରୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୩ ଜଣ ସ୍ପେଶାଲ ଜୋନାଲ କମିଟି ସଦସ୍ୟ, ୨୩ ପ୍ଲାଟୁନ ସଦସ୍ୟ, ୫ ଡିଭିଜନାଲ କମିଟି ସଦସ୍ୟ ଓ ୧୯ ଜଣ ଏରିୟା କମିଟି ସଦସ୍ୟ ରହିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବରିଷ୍ଠ ମାଓବାଦୀ ନେତା, ଲଜିଷ୍ଟିକ ଏକ୍ସପର୍ଟ, କମ୍ୟୁନିକେସନ ଅପରେଟିଭ୍ସ, ଆର୍ମଡ ପ୍ଲାଟୁନ ମେମ୍ବର, ପାର୍ଟି ମେମ୍ବର ଓ ନିହତ ମାଓବାଦୀ ହିଡମାର ଯୋଗାଯୋଗରେ ଥିବା ଅନେକ ସଦସ୍ୟ ରହିଥିବା ଆନ୍ଧ୍ର ପ୍ରଦେଶ ପୁଲିସ୍ କହିଛି। ୭ ମାଓବାଦୀ ନିହତ ହେବା ଓ ୫୦ ଜଣ ଗିରଫ ହେବା ସଂଗଠନର ଦକ୍ଷିଣ ବସ୍ତର ଓ ଦଣ୍ଡକାରଣ୍ୟ ନେଟୱର୍କ ପାଇଁ ଶକ୍ତ ଝଟକା ସଦୃଶ ହୋଇଛି। ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜୁ ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ହିଡାମ ସମେତ ତା' ପତ୍ନୀ ରାଜେ ଓ କିଛି ଘନିଷ୍ଠ ସହଯୋଗୀଙ୍କୁ ମିଶାଇ ୬ ଜଣ ନିହତ ହୋଇଥିଲେ। ହିଡମା ମୁଣ୍ଡରେ ପ୍ରାୟ ୧ କୋଟି ଟଙ୍କାର ପୁରସ୍କାର ରହିଥିଲା। ତା'କୁ ଧରିବା ପାଇଁ ଏକାଧିକ ରାଜ୍ୟର ପୁଲିସ୍ ଉଦ୍ୟମ କରୁଥିଲେ। ନଭେମ୍ବର ୩୦ ପୂର୍ବରୁ ହିଡମାକୁ ଧରିବାକୁ ଟାର୍ଗେଟ ସେଟ କରାଯାଇଥିଲା। କିନ୍ତୁ ଏହା ପୂର୍ବରୁ ହିଡମାର ଖେଳ ଶେଷ କରି ଦେଇଛନ୍ତି ସୁରକ୍ଷାକର୍ମୀ।

# ରେଙ୍ଗାଲି ରେଳ ଷ୍ଟେସନରେ ପୂର୍ଣ୍ଣ ମାପର ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ସମ୍ବଲପୁର, ୧୯/୧୧ (ନି.ପ୍ର): ପୂର୍ବ ତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ୧୯ ନଭେମ୍ବର ୨୦୨୫ରେ ରେଙ୍ଗାଲି ରେଳ ଷ୍ଟେସନରେ ଏକ ପୂର୍ଣ୍ଣ ମାପର ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜନ କରାଯାଇଥିଲା । ଏହି ଅଭ୍ୟାସ ଅବସରରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନଡିଆରଏଫ), ଓଡିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟ ସେବା, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍, ସ୍ଥାନୀୟ ଏନଜିଓ ଏବଂ ରେଳ ବିଭାଗର ସମସ୍ତ ବିଭାଗ ଅଂଶଗ୍ରହଣ କରିଥିଲେ। ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଆଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ କାଟିବା ମେସିନ, ଅଗ୍ନି ନିର୍ବାପକ ଏବଂ ଶୀଘ୍ର ଚିକିତ୍ସା ସ୍ଥାନାନ୍ତର ଭଳି ଆଧୁନିକ ଉପକରଣ ଇତ୍ୟାଦି ବ୍ୟବହାର କରାଯାଇଥିଲା । ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସ୍ଥାନ ପରିଦର୍ଶନ କରି ସମସ୍ତ ଅଂଶଗ୍ରହଣକାରୀଙ୍କ ସହ ଯୋଗାଯୋଗ କରିଥିଲେ ଓ ଶ୍ରୀ ଚୌଧରୀ କହିଛନ୍ତି ଯେ ଏହି ଅଭ୍ୟାସ ରେଳବାଇ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ଗଭୀର ତଥା ସମନ୍ୱିତ ମୁକାବିଲା କରିବାରେ ସାହାଯ୍ୟ କରିବ ଯାହା ଦ୍ୱାରା ପୀଡିତଙ୍କ ଅସୁବିଧା କମ୍ ହୋଇପାରିବ ଏବଂ ସମସ୍ତ ଏଜେନ୍ସିର ପ୍ରତିକ୍ରିୟା ସମୟକୁ କମ୍ କରିବାରେ ମଧ ସାହାଯ୍ୟ କରିବ ।

# ବୈଶିଙ୍ଗା ଲ୍ୟାମ୍ପକୁ ରାଜ୍ୟର ତୃତୀୟ ସର୍ବଶ୍ରେଷ୍ଠ ଲ୍ୟାମ୍ପ ଭାବେ ପୁରସ୍କୃତ

ବେତନଟୀ, ୧୯/୧୧ (ନି.ପ୍ର): ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ୨୦୨୫ ମହୋତ୍ସବ ଅନୁଷ୍ଠିତ ହୋଇଯାଇଥିବାବେଳେ ମଞ୍ଚରେ ବୈଶିଙ୍ଗା ଲ୍ୟାମ୍ପକୁ ରାଜ୍ୟର ତୃତୀୟ ସର୍ବଶ୍ରେଷ୍ଠ ଲ୍ୟାମ୍ପ ଭାବେ ପୁରସ୍କୃତ କରାଯାଇଛି । ସୂଚନା ଅନୁଯାଇ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ମଂଚାସୀନ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଓ ଅନ୍ୟ ଅତିଥି ମାନେ ଅର୍ଥନୀତି ତଥା କୃଷକ, କାରିଗର ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ସଶକ୍ତିକରଣରେ ସମବାୟ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର 'ସହଯୋଗରୁ ସମୃଦ୍ଧି' ମନ୍ତ୍ରରେ ସମବାୟ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ । ତେବେ ଏହି ଅବସରରେ ଓଡ଼ିଶାର ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ରହି ରାଜ୍ୟ ସ୍ତରରେ ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଲ୍ୟାମ୍ପକୁ ତୃତୀୟ ଶ୍ରେଷ୍ଠ ଲ୍ୟାମ୍ପ ଭାବେ ପୁରସ୍କୃତ କରିଥିଲେ ।



ବୈଶିଙ୍ଗା ଲ୍ୟାମ୍ପ ପକ୍ଷରୁ ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା ଓ ସୁଦର୍ଶନ ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏଥି ପାଇଁ ବୈଶିଙ୍ଗା ଅଞ୍ଚଳବାସୀ ବୈଶିଙ୍ଗା ଲ୍ୟାମ୍ପସ କୁ ସାଧୁବାଦ ଜଣାଇଛନ୍ତି ।

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟା

## ଦେଶର ବିକାଶରେ ରାଷ୍ଟ୍ର ପୁରୁଷ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ସ୍ମରଣୀୟ




ଭଦ୍ରକ, ୧୯/୧୧ (ନି.ପ୍ର): ରାଷ୍ଟ୍ର ପୁରୁଷ ଅଟଳ ବିହାରୀ ବାଜପେୟୀ ଦେଶର ବିକାଶ ପୁରୁଷ । ଅଟଳଜୀ କେବଳ ଜଣେ ରାଷ୍ଟ୍ରନେତା ନଥିଲେ ବରଂ ସେ ଥିଲେ ଗଣତନ୍ତ୍ରର ପୂଜାରୀ ତଥା କବି ଓ ବାଗ୍ମୀ ମଣିଷ । ପ୍ରଧାନ ମନ୍ତ୍ରୀ ଭାବେ ସେ ଯେତେବେଳେ ଦେଶର ନେତୃତ୍ୱ ନେଇଥିଲେ ସେତେବେଳେ ଦେଶର ପ୍ରଭୁତ ବିକାଶ ସାଧିତ ହୋଇଥିଲା ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ନବମ ସଂନ୍ଧ୍ୟାକୁ ନାଟ୍ୟ ନିର୍ଦ୍ଦେଶକ ତଥା ପ୍ରଖ୍ୟାତ ସମାଜସେବୀ ରାୟ ରାମାନନ୍ଦ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ରାଷ୍ଟ୍ର ରାଜନୀତିରେ ବିକାଶ ପୁରୁଷ ଅଟଳ ବିହାରୀ ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ମହୋତ୍ସବର ଆବାହକ ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅସୁରାଳି ସ୍ଥିତ ବେଷ୍ଟର ଅଧ୍ୟକ୍ଷ ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟ ବକ୍ତା, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ କୁଶଦେବ ମଲ୍ଲିକ, କବି ଓ ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ବସନ୍ତ କୁମାର ରାଉତ, ବାସୁଦେବପୁର ସୌରଭ ମହୋତ୍ସବ ସଭାପତି ଜୟପ୍ରକାଶ ମଲ୍ଲିକ, କବୟିତ୍ରୀ ଚୈତାଳୀ ଖିଲାର ବରେଣ୍ୟ ଅତିଥ ଭାବେ ଯୋଗଦେଇଥିଲେ । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଲତା ବାରିକ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ କବୟିତ୍ରୀ ତଥା ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହୋତ୍ସବର ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ମଂଚ ପରିଚାଳନା କରିଥିଲେ ଏବଂ ମହୋତ୍ସବ ସହ ସମ୍ପାଦିକା ଅଞ୍ଜୁବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ । ଏହି ସନ୍ଧ୍ୟାରେ ମୟୂର ଡ୍ୟାନ୍ସ ଗ୍ରୁପ ଓ ଭଦ୍ରକ କଲ୍‌ଚୁରାଲ ଏକାଡେମୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଯୁବକ ନିଖୋଜ

ଜଳେଶ୍ୱର, ୧୯/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ୍ ଖିଦିଆମାଝୀ ସାହି ପଂଚାୟତର ମୁଣ୍ଡୁତୁଣିଆ ଗ୍ରାମର ସାଲୁକ୍ ମାରାଣ୍ଡିଙ୍କ ପୁତ୍ର ସୁରେଶ (୪୧) ପାଖ ପଶ୍ଚିମବଙ୍ଗର ଏକ ଇଟା ଭାଟିରେ କାର୍ଯ୍ୟ କରନ୍ତି ।ସେ ରବିବାର ସକାଳ ୧୧ ଘଟିକା ସମୟରେ ଘରକୁ ଫେରୁଥିବା ସମୟରେ ଗୁଆଗଡ଼ିଆ ଠାରୁ ନିଖୋଜ ଅଛନ୍ତି । ଏ ନେଇ ତାଙ୍କ ବଡ ଭାଇ ତପନ ମାରାଣ୍ଡି ଆଜି ରାଇବଣିଆ ଥାନାରେ ଆଜି ନିଖୋଜ ପାଇଁ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ସାଲୁକ୍ ମାରାଣ୍ଡି ରବିବାର ଘରକୁ ଆସିବା ସମୟରେ ସେ ସୁବର୍ଣ୍ଣରେଖା ନଦୀ ପାର ପାଇଁ ସାଇକଲକୁ କାନ୍ଧେଇ ସୁବର୍ଣ୍ଣରେଖା ନଦୀ ପାର ହେବା ସମୟରେ ସେ ଚୋରା ବାଲି ସୁଅରେ ଭାସି ଯାଇଛନ୍ତି ବୋଲି କିଛି ନଦୀ ଘାଟ ଲୋକ ଦେଖିଛନ୍ତି ବୋଲି ଗୁଆଗଡିଆ ବାସି କହିଛନ୍ତି ।

# ବିଦାୟ ନେଲେ ଉଦଳା ଗଠନର ଅନ୍ୟତମ ବିନ୍ଧାଣି ଜୟଚନ୍ଦ୍ର ପତ୍ରୀ



ଉଦଳା, ୧୯/୧୧ (ନି.ପ୍ର): ଉଦଳା ଗଠନରେ ପ୍ରମୁଖ ଭୂମିକା ନେଇଥିବା ଅନ୍ୟତମ ବିନ୍ଧାଣି ଜୟଚନ୍ଦ୍ର ପତ୍ରୀ ୯୪ ବର୍ଷ ବୟସରଙ୍କ ଚଳିତ ନଭେମ୍ବର ୧୮ ତାରିଖ ମଙ୍ଗଳବାର ଦିନ ରାତିରେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । ସେ ଉଦଳା ମହାବିଦ୍ୟାଳୟ ଓ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଥିଲେ । ସେହିପରି ଉଦଳାକୁ ବିଜ୍ଞାପିତ ଅଂଚଳ ଘୋଷଣା କରିବା ଓ ବାର୍ଷଭାନବୀ ଦୟିତ ଗୌଡ଼ିୟ ମଠକୁ ଜମିଦାନ କରି ଏ ଅଂଚଳ ବିକାଶ ପାଇଁ ପ୍ରମୁଖ ଭୂମିକା ନେଇଥିଲେ । ଉଦଳାରେ ବରିଷ୍ଠ ନାଗରିକ ସଂଗ ଗଠନ ଓ ଏ ଅଂଚଳରେ ଗଡ଼ିଉଠିଥିବା ବିଭିନ୍ନ ସାମାଜିକ ସଂଗଠନର ଉତ୍ସବ, ପର୍ବପର୍ବାଣିକୁ ଅଧିକ ଶାଣିତ କରିବା ପାଇଁ ସହଯୋଗର ହାତ ବଢ଼ାଉଥିଲେ । ଉଦଳାକୁ ସ୍ୱାମୀ ନିଜାନନ୍ଦ ସରସ୍ୱତୀଙ୍କୁ ବାରମ୍ବାର ଆଣିବା ଓ ଗୀତା ଜ୍ଞାନ ଯଜ୍ଞ ଆୟୋଜନ କରି ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିବାରେ ମଧ ତାଙ୍କର ଉଦ୍ୟମ ଥିଲା ପ୍ରଶଂସନିୟ । ଆଜି ନଭେମ୍ବର ୧୯ ତାରିଖ ବୁଧବାର ଦିନ ପ୍ରଭାତରେ ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଏକକାଳିନ ଉଦଳା ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, ବରିଷ୍ଠ ନାଗରିକ ସଂଘ ଓ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ଅମର ଆତ୍ମାର ସଦ୍ ?ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ସହିତ ତାଙ୍କର ଅବଦାନକୁ ସମସ୍ତେ ମନେପକାଇଛନ୍ତି । ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ପୂର୍ବତନ ଉପନଗରପାଳ ପ୍ରଭାତ ପରିଡ଼ା, ଉଦଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶରତଚନ୍ଦ୍ର ଦାସ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ, ଉଦଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରେହେନା ସୁଲତାନ ପ୍ରମୁଖ ତାଙ୍କର ଶୋକ ବାର୍ତାରେ ଜୟଚନ୍ଦ୍ର ପତ୍ରିଙ୍କ ଅବର୍ତମାନ ଉଦଳା ପାଇଁ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ ବୋଲି ବ୍ୟକ୍ତ କରିଛି ।

# ଦିଲ୍ଲୀରେ ମୋବାଇଲ୍ ନେଟୱର୍କ ଟେଷ୍ଟ କଲା ଟ୍ରାଇ: ଏୟାରଟେଲ ସବୁଠୁ ସ୍ପିଡ

ନୂଆଦିଲ୍ଲୀ,୧୯/୧୧ : ଭାରତୀୟ ଦୂରସଂଚାର ବିନିୟମକ ପ୍ରାଧିକରଣ ଦ୍ୱାରା ଦିଲ୍ଲୀରେ ମୋବାଇଲ୍ ନେଟୱର୍କ ସେବାର ବ୍ୟାପକ ମୂଲ୍ୟାଙ୍କନରେ ଏୟାରଟେଲ୍ ଡାଟା ସ୍ପିଡ୍‌ରେ ସବୁଠାରୁ ସ୍ପିଡ, ଭୋଡାଫୋନ୍-ଆଇଡିଆ କଲ୍ କ୍ୱାଲିଟିରେ ସବୁଠାରୁ ଭଲ, ଏବଂ ଜିଓ ସମୁଦାୟଗତ ଭାବରେ ସବୁଠାରୁ ସ୍ଥିର ନେଟୱର୍କ ରହିଛି । ଏମଟିଏନଏଲ୍ ଓଏସ୍ ଟେଷ୍ଟରେ ପ୍ରାୟ ସମସ୍ତ ପାରାମିଟରରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନ କରିଛି । ଟେଷ୍ଟରେ ଏୟାରଟେଲ୍‌ର ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୭୩.୭୩ ଏମବିପିଏସ, ଭିଆଇ ର ୬୪.୧୭ ଏମବିପିଏସ, ଜିଓର ୫୦.୫୫ ଏମବିପିଏସ ଥିଲା, ଯେଉଁଠାରେ ଏମଟିଏନଏଲ୍ ମାତ୍ର ୧.୫୬ ଏମବିପିଏସ ଗତି ଦେଇପାରିଥିଲା । କଲ୍ ଡ୍ରପ୍ ମାମଲାରେ ଏୟାରଟେଲ୍ ସବୁଠାରୁ ଭଲ ପ୍ରଦର୍ଶନ କରିଛି ଏବଂ ଗୋଟିଏ ବି କଲ୍ କଟିନଥିଲା । ଏହାର ବିପରୀତ ଏମଟିଏନଏଲ୍ ରେ ୧୪.୬୪% କଲ୍ ଡ୍ରପ୍‌ର ଅଭିଯୋଗ ରେକର୍ଡ ହୋଇଛି । କେନ୍ଦ୍ରୀୟ ସଂଚାର ମନ୍ତ୍ରାଳୟ ଅନୁସାରେ, ଟ୍ରାଇ ଏହି ବର୍ଷ ଜୁଲାଇ ମାସରେ ଦିଲ୍ଲୀର ସଡ଼କ, ଭିଡ଼ ଥିବା ବଜାର, ହଟସ୍ପଟ୍ ସ୍ଥାନ, ମେଟ୍ରୋ ରୁଟ୍ ଓ ପାଦ ଚାଲିବା ସ୍ଥାନ ସହିତ ମୋଟ ୮୫୮.୯ କିଲୋମିଟର୍ ସହର ରୁଟ୍, ୨୧ ସ୍ଥାନ, ୨୫୦ କିଲୋମିଟର୍ ମେଟ୍ରୋ ଟ୍ରାକ୍, ଏବଂ ୩ କିଲୋମିଟର୍ ୱାକ୍ ରୁଟ୍‌ରେ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ କରିଥିଲା ।

# ନିଜ ଜମି ବୋଲି କହି ବିକିଦେଲେ ଗ୍ରାମ୍ୟ ଜଙ୍ଗଲଜମି: ଥାନାରେ ମାମଲା

ଖଇରା, ୧୯/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଚାନ୍ଦଗୋଛି ଗ୍ରାମର ଗ୍ରାମ୍ୟ ଜଙ୍ଗଲ କିସମ ଜମିକୁ ମହିଁସାମୁଣ୍ଡା ଗ୍ରାମର ପ୍ରତାପ ଗିରି ନାମକ ବ୍ୟକ୍ତି ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କା ରେ ବିକ୍ରି କରିଥିବା ଅଭିଯୋଗ ହୋଇଛି । ତହସିଲଦାରଙ୍କ ମାପ ପରେ ଏହି ଜମିର କିସମ ଜଣାପଡିବା ପରେ ଉକ୍ତ ବ୍ୟକ୍ତି ନାମରେ ଖଇରା ଥାନାରେ ଏକ ମାମଲା(୩୪୫/୨୫) ରୁଜୁ କରାଯାଇଛି । ଚାନ୍ଦଗୋଛି ମୌଜାରେ ଲୋକମାନେ ଚାଷ ଜମି କୁ ଯିବା ପାଇଁ ଏହି ଗ୍ରାମ୍ୟ ଜଙ୍ଗଲ ଜମିକୁ ରାସ୍ତା ଭାବେ ବ୍ୟବହାର କରିଆନ୍ତି । ହେଲେ ମହିଁସାମୁଣ୍ଡା ଗ୍ରାମର ଏହି ବ୍ୟକ୍ତି ଜଣକ ନିଜ ଚାଷ ଜମିକୁ ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରି କରିବା ସହିତ ଜମି କୁ ଲାଗିଥିବା ଖାତା ନମ୍ବର ୧୦୬,ପ୍ଲଟ ନମ୍ବର ୨୮୭ରେ ଥିବା ୬ଡିସମିଲ ଜଙ୍ଗଲ କିସମ ଜମିକୁ ମଧ୍ୟ ବିକ୍ରି କରିଦେଇଥିଲେ । ଘଟଣାକ୍ରମେ ଏହି ମୌଜାରେ ଚାଷଜମିଥିବା କଳିହା ଗ୍ରାମର ରତ୍ନାକର ବେହେରାଙ୍କର ଉକ୍ତ ଜମିବିକ୍ରେତା ପ୍ରତାପଙ୍କ ସହ ମନୋମାଳିନ୍ୟ ଘଟିବା ପରେ ପ୍ରତାପ ରାସ୍ତା ଭାବେ ବ୍ୟବହାର କରାଯାଉଥିବା ଏହି ଜଙ୍ଗଲ କିସମ ଜମିରେ ବାଡ ବସାଇବା ସହ ରତ୍ନାକରଙ୍କୁ ତାଙ୍କ ଚାଷଜମିକୁ ଯିବାକୁ ଦେଉନଥିଲେ । ଏଥିସହ ପ୍ରତାପ ବିଭିନ୍ନ ପ୍ରକାର ଧମକଚମକ ମଧ୍ୟ ଦେଉଥିଲେ । ରତ୍ନାକରଙ୍କ ଜମି ପଡିଆ ପଡିବା ପରେ ପ୍ରତିବାଦ ସ୍ୱରୂପ ରତ୍ନାକର ଉଚ୍ଚଅଦାଲତରେ ଆଶ୍ରୟ ନେଇଥିଲେ । ଉଚ୍ଚ ଅଦାଲତ ଏହି ଜନସ୍ୱାର୍ଥ ମାମଲା (ଡବ୍ଲ୍ୟୁ.ପି(ସି) (ପିଆଇଏଲ) ନଂ୨୨୫୪୩) ର ବିଚାର କରି ଖଇରା ତହସିଲଦାରଙ୍କୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଖଇରା ତହସିଲଦାର ରାସ୍ତା ଭାବେ ବ୍ୟବହାର କରାଯାଉଥିବା ଏହି ଜମିର ମାପ କରି ଏହା ଗ୍ରାମ୍ୟଜଙ୍ଗଲ କିସମ ଜମି ବୋଲି ଜାଣିବା ପରେ ୭ଦିନ ମଧ୍ୟରେ ବାଡ ଉଚ୍ଛେଦ କରିବାକୁ ପ୍ରତାପଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ବ୍ୟକ୍ତି ଜଣକ ବାଡ ନଉଠାଇବା ପରେ ରତ୍ନାକର ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ବିଦ୍ୟାଳୟସ୍ତରୀୟ ସୃଜନାତ୍ମକ କଳା ପ୍ରଦର୍ଶନ ଏବଂ କ୍ରୀଡା ପ୍ରତିଯୋଗିତା




ବସ୍ତା, ୧୯/୧୧ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା'ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟ ଓ ଏଲିନା ଆଲିଶ ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ସୃଜନାତ୍ମକ କଳା ପ୍ରଦର୍ଶନ ଏବଂ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଅଛି । 'ଆଶା' ର ପ୍ରତିଷ୍ଠାତା ତଥା ସମ୍ପାଦକ ,ଯୁବ ସମାଜସେବି ଶ୍ରୀଯୁକ୍ତ ଅମର କୁମାର ପାଳ ଙ୍କ ସଭାପତିତ୍ୱରେ ସ୍ଥାନୀୟ ପଡ଼ିଆରେ ସାମାଜିକ ସୁରକ୍ଷା ଓ ଭିନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଦ୍ୟାଳୟସ୍ତରୀୟ ଦୌଡ଼, ସଟ ଫୁଟ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଶେଷରେ ସମସ୍ତ ବିଜେତା ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳ ,ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ଚଚନ୍ଦନକୁମାର ବିଶ୍ୱାଳ ଅରୁଣ ସାର ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ କବାଡି ପ୍ରତିଯୋଗିତା : ମୟୂରଭଞ୍ଜରୁ ୨୪ ସାମିଲ



ମୟୂରଭଞ୍ଜ , ୧୯/୧୧ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ବଣାଇଁ ର ରାଜା ଧରଣୀଧର ବହୁମୁଖୀ ଖେଳପଡିଆ ଠାରେ ଅନୁଷ୍ଠିତ ହେବ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ଛାତ୍ର ଛାତ୍ରୀ ଯୋଗ ଦେବେ । ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ଦୁର୍ଗାପୁର ର ପିଇଟି ହେମନ୍ତ କୁମାର ଜେନା ଓ ବାଳିକା ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ,କୁଆମରା ର ପିଇଟି ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ନେତୃତ୍ୱ ରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ଜଣ ପ୍ରତିଯୋଗୀ ଯୋଗ ଦେବେ । ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ରିତୁରାଜ ସେଠୀ, ଯୁବରାଜ ନାଏକ, ସତ୍ୟବ୍ରତ ମହାନ୍ତ, ବିକାଶ ସେନାପତି, ମଥୁରା ମାରାଣ୍ଡି, ହିମାଂଶୁ ଦାଶ, ଅଂଶୁମାନ ମହାନ୍ତ, ଚନ୍ଦନ ସିଂ, ଚାମ୍ପୁରୁ ମୁର୍ମୁ, ଶିବ ନାଏକ, ଗଜ ଟୁଡୁ, ନିମାଇଁ ମୁର୍ମୁ ଓ ବାଳିକା ବିଭାଗରେ ଗୀତାଞ୍ଜଳି ସୋରେନ, ଚୂଡ଼ାମଣି ଟୁଡୁ, ଭବାନୀ ନାଏକ, ଅମାଲି ଖୁଣ୍ଟିଆ, ପୂଜା ମାରାଣ୍ଡି, ସୁଶ୍ରୀ ଉପତନୟା ସିଂ, ରଶ୍ମିପ୍ରିୟା ହେମ୍ବ୍ରମ, ଆରାଧ ରାଣୀ ସିଂ, ରଶ୍ମିତା ମହାନ୍ତ, ସୁଭଦ୍ରା ସିଂ, ପାଏଲ ଟୁଡୁ, ତପସ୍ୱିନୀ ସିଂ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି ।

# ଭୁବନେଶ୍ୱରରେ ଲାଗିବ ସଡ଼କ ଦୁର୍ଘଟଣା ଘଣ୍ଟା

ଭୁବନେଶ୍ୱର, ୧୯/୧୧ (ନି.ପ୍ର): ଭୁବନେଶ୍ୱରରେ ଲାଗିବ ସଡ଼କ ଦୁର୍ଘଟଣା ଘଣ୍ଟା । ଭୁବନେଶ୍ୱରର ଏଜି ସ୍କୋୟାରରେ ସ୍ଥାପନ ହେବ ଓଡ଼ିଶା ସଡ଼କ ଦୁର୍ଘଟଣା ଘଣ୍ଟା । ସଡ଼କ ଦୁର୍ଘଟଣା ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ସକାରାତ୍ମକ ଆଚରଣଗତ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଲାଗିବ ଘଣ୍ଟା । ମେସର୍ସ ଆଡସଫ୍ଟ ଟେକ୍ନୋଲୋଜି ଲିମିଟେଡ୍ ପକ୍ଷରୁ ଦୁର୍ଘଟଣା ଘଣ୍ଟା ପାଇଁ ଏକ ବାହ୍ୟ ଭିଡିଓ ୱାଲ୍ ପାଇଁ ଏକ ଟେକ୍ନୋ-କମର୍ସିଆଲ୍ ପ୍ରସ୍ତାବ ମଧ ପ୍ରାପ୍ତ ହୋଇଛି । ପରିବହନ କମିଶନରଙ୍କ ସହ ପରାମର୍ଶ କରି ଦୁର୍ଘଟଣା ଘଣ୍ଟା ସ୍ଥାପନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ମହାପ୍ରବନ୍ଧକଙ୍କୁ ପରିବହନ ଯୁଗ୍ମ ନିର୍ଦ୍ଦେଶକ ଚିଠି କରିଛନ୍ତି ।

# କଳା ଓ ସଂସ୍କୃତିର ମାଟି ଭଦ୍ରକରେ ଅନୁଷ୍ଠିତ ହେବ ଏବିଭିପିର ସ୍ୱର୍ଣ୍ଣଜୟନ୍ତୀ ୫୦ତମ ରାଜ୍ୟ ଅଧିବେଶନ




ଭଦ୍ରକ , ୧୯/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପୂର୍ବ ପ୍ରାନ୍ତ ତରଫରୁ ଭଦ୍ରକରେ ଅନୁଷ୍ଠିତ ହେବ ସ୍ୱର୍ଣ୍ଣ ଜୟନ୍ତୀ ଅର୍ଥାତ ୫୦ ତମ ରାଜ୍ୟ ଅଧିବେଶନ । ଏହି ରାଜ୍ୟ ଅଧିବେଶନ ରେ ଓଡିଶା ପୂର୍ବ ପ୍ରାନ୍ତର ୨୩ ଟି ସାଙ୍ଗଠନିକ ଜିଲ୍ଲାରୁ ୫୦୦ରୁ ଉର୍ଦ୍ଧ ଛାତ୍ରନେତା, ଅଧାପକ ଓ ଶିକ୍ଷାବିତ୍ ମାନେ ଯୋଗ ଦେବାକୁ ଯାଉଛନ୍ତି । ଏହି ଅଧିବେଶନରେ ଏବିଭିପିର ରାଜ୍ୟସ୍ତରୀୟ ପଦାଧିକାରୀ ନିର୍ବାଚନ ହେବା ସହିତ ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା କରାଯିବ । ଏହା ସହିତ ଶିକ୍ଷା ଓ ସାମାଜିକ ସ୍ଥିତିର ଉନ୍ନତି ଏବଂ ସୁଧାରିକରଣ ନିମନ୍ତେ ପ୍ରସ୍ତାବ ଦ୍ୱୟ ଛାତ୍ରନେତା ମାନଙ୍କ ଦ୍ୱାରା ପାରିତ ହେବ । ଛାତ୍ରସଂସଦ ନିର୍ବାଚନ ଓ ଶିକ୍ଷାର ବିଭିନ୍ନ କ୍ୟାମ୍ପସରେ ଶିକ୍ଷାର ବିଭିନ୍ନ ବିଷୟରେ ଚର୍ଚ୍ଚା ଓ ଆଲୋଚନା ହେବା ସହିତ ଆଗାମୀଦିନରେ ଏବିଭିପି ଓଡିଶାର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଚର୍ଚ୍ଚା ହେବ । ଏହି ଅଧିବେଶନରେ ଭଦ୍ରକ ନଗରର ୧୫୦୦ ରୁ ଉର୍ଦ୍ଧ ବିଦ୍ୟାର୍ଥୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହିତ ରାଜ୍ୟର ଛାତ୍ରନେତା ମାନଙ୍କ ଦ୍ୱାରା ଖୋଲା ମଞ୍ଚ ରୁ ଉଦବୋଧନ ରହିବ । ଏହି ଅଧିବେଶନ ଆସନ୍ତା ୨୩,୨୪ ଓ ୨୫ ଡିସେମ୍ବର ୨୦୨୫ ଭଦ୍ରକ ସ୍ଥିତ ଗାନ୍ଧି ପଡିଆ ଠାରେ ଆୟୋଜିତ ହେବାକୁ ଯାଉଅଛି । ଭଦ୍ରକ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାମାନେ ସଂଗଠନର ମହାଉତ୍ସବ ପାଳନ କରିବା ନିମନ୍ତେ ପୂର୍ଣ୍ଣପ୍ରସ୍ତୁତି ରେ ନିୟୋଜିତ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ଅଧିବେଶନ ନିମିତ୍ତ ପୋଷ୍ଟର ଉନ୍ମୋଚନ କରାଯାଇଛି । ଏହି ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ଦ୍ୱାରା ବିଦ୍ୟାର୍ଥୀ ସମାଜରେ ଏକ ରାଷ୍ଟ୍ରବାଦର ବାର୍ତ୍ତା ସାରା ରାଜ୍ୟବ୍ୟାପୀ ଯିବ ବୋଲି ରାଜ୍ୟ ସମ୍ପାଦକ ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ ନିଜର ମତ ରଖିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସୁଶ୍ରୀ ଦିପ୍ତିମୟୀ ପ୍ରତିହାରୀ, ରାଜ୍ୟ ସାବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ବିଭାଗ ଏସଏଫଡି ପ୍ରମୁଖ ସୁଶ୍ରୀ ମାଧୁରୀ ରାଉତ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜିକା ପୂଜା ରାଣୀ ମଲ୍ଲିକ, ବିଶ୍ୱନାଥ ଲାହା, ହିମାଂଶୁ ମହାରଣା, ଶୁଭମ ରାଉତ, ସତ୍ୟ ବ୍ରତ ପଣ୍ଡା, ରଶ୍ମି ରଞ୍ଜନ ମହାନ୍ତି, ପ୍ରିତିକାନ୍ତ ଜେନା, ଗୋପୀ କ୍ରୀଷ୍ଣ ବାରିକ, ରଞ୍ଜୁଲତା ପୁଟିଆ, ଶୁଭମ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଆର୍ଯ୍ୟସ୍ମିତା ପ୍ରଥମ: ସଜୀବ ଓ ନିର୍ଜୀବ ପ୍ରକଳ୍ପରେ ପ୍ରଥମ ବାଲିଆପାଳର ଝିଅ

ବାଲିଆପାଳ , ୧୯/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମାଳତୀ ମଞ୍ଜରୀ ବିହାର ଶିଶୁ ମନ୍ଦିରର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆର୍ଯ୍ୟସ୍ମିତା ଜେନା ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାରେ ଉପଶୁଶୁ ବିଭାଗରେ ସଜୀବ ଓ ନିର୍ଜୀବ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆର୍ଯ୍ୟସ୍ମିତା ସୂର୍ଯ୍ୟାପୁର ଗ୍ରାମର ବାପା କରୁଣା କର ଜେନା ଓ ସୁଲତା ଜେନାଙ୍କ ଝିଅ ।ଏହି ସଫଳତା ପରେ ସୋମବାର ଶିଶୁ ମନ୍ଦିର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ



ଆର୍ଯ୍ୟସ୍ମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନା ଉତ୍ସବ ରେ ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା, ପୁଲିନ କୁମାର ନନ୍ଦି,ସଞ୍ଜୁବାଳା ମହାନ୍ତି, ରଶ୍ମିତା ରାଉତ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida